CMYK

• Vol.- 46, Issue No. 83
• Tuesday, 23 June 2026
• ମଙ୍ଗଳବାର, ୨୩ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଲକ୍ଷ୍ନୌରେ ଭୟାବହ ଅଗ୍ନିକାଣ୍ଡ

# ୧୫ ଛାତ୍ରଛାତ୍ରୀ ଜୀବନ୍ତ ଦଗ୍ଧ

★ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ★ ମୃତକଙ୍କ ପାଇଁ ୫ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ସହାୟତା

★ ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ୨ ଲକ୍ଷ ଲେଖାଏଁ ଅନୁକଂପା ରାଶି ଘୋଷିତ ★ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ?

ଲକ୍ଷ୍ନୌ, ୨୨।୬: ସୋମବାର ଅପରାହ୍ଣରେ ଲକ୍ଷ୍ନୌର ଆଲିଗଞ୍ଜ ଅଞ୍ଚଳର ଏକ କୋଠାର ତୃତୀୟ ମହଲାରେ ଥିବା 'ଲାଇବ୍ରେରୀ କମ୍ ଗେମିଂ ଜୋନ୍ ' ବିଲ୍ଡିଂରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୫ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି ।ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ରଛାତ୍ରୀ। ଏକାଧିକ ଗୁରୁତର ହୋଇଛନ୍ତି । ପ୍ରଚଣ୍ଡ ଅଗ୍ନିକାଣ୍ଡ ଓ ପ୍ରବଳ ଧୂଆଁ ଯୋଗୁଁ ବିଲ୍ଡିଂରେ ଥିବା ଲୋକ ହଠାତ୍ ବାହାରକୁ ବାହାରିବା ମୁସ୍କିଲ୍ ହୋଇ ପଡ଼ିଥିଲା । ଫଳରେ ପ୍ରଚଣ୍ଡ କଳାଧୂଆଁରେ ଅଣନିଶ୍ୱାସୀ ହୋଇଥିଲେ। ଫଳରେ ମୃତାହତ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଇଛି। ଉଦ୍ଧାର କାର୍ଯ୍ୟ ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି ।ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ଏହି ବିଲ୍ଡିଂ ଭିତରେ ଏକ ଲାଇବ୍ରେରୀ, କମ୍ପ୍ୟୁଟର୍ ଶିକ୍ଷା କେନ୍ଦ୍ର ଓ ଗେମିଂ ଜୋନ୍ ଚାଲୁଥିଲା । ଏହା ଏକ ପ୍ରକାର କୋଚିଂ ସେଣ୍ଟର ଥିଲା। ଅଗ୍ନିକାଣ୍ଡ ପରେ ନିଆଁର ପ୍ରକୋପ ଏତେ ଭୟାନକ ଥିଲା ଯେ ଭିତରେ ଫସି ରହିଥିବା ଅନେକ ପିଲା ନିଜ ଜୀବନ ବଞ୍ଚାଇବା ପାଇଁ ପ୍ରଥମ ମହଲାରୁ ତଳକୁ ଡେଇଁପଡ଼ିଥିଲେ। କେତେକ ବାଟ ନ ପାଇ ଶେଷରେ ସେମାନେ ନିକଟସ୍ଥ ଏକ ତାରର ସାହାରା ନେଇ ତଳକୁ ଡେଇଁବାକୁ ଚେଷ୍ଟା କରିଥିଲେ । ଅଗ୍ନିଶମ ବାହିନୀର ୧୪ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।ଏହି ସମୟରେ ଆଲିଗଡ଼ ଗସ୍ତରେ ପହଞ୍ଚିଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ତାଙ୍କ ଗସ୍ତ ବାତିଲ୍ କରି ଲକ୍ଷ୍ନୌ ଚାଲିଯାଇଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ମୃତକଙ୍କ ପାଇଁ ୫ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଘଟଣ ନେଇ ଶୋକ ପ୍ରକଟ କରିବା ସହ ୨ ଲକ୍ଷ ଲେଖାଏଁ ଅନୁକଂପା ରାଶି ପିଏମଏନଆରଏଫରୁ ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ଘୋଷଣା କରିଛନ୍ତି। ଖରାପ ରକ୍ଷଣାବେକ୍ଷଣ ଏବଂ ଦୁର୍ବଳ ୱାୟାରିଂ ଏହାର ମୁଖ୍ୟ କାରଣ ହୋଇପାରେ । ଅଧିକାଂଶ କମର୍ସିଆଲ୍ ବିଲ୍ଡିଂ ଭଳି ଏଠାରେ ମଧ୍ୟ ଜରୁରୀକାଳୀନ ପରିସ୍ଥିତି ପାଇଁ କୌଣସି 'ଫାୟାର୍ ଏକ୍ଜିଟ୍' ନ ଥିଲା । ପର୍ଯ୍ୟାପ୍ତ ଅଗ୍ନିଶମ ସରଞ୍ଜାମ ନଥିବା ବେଳେ ସିଡ଼ି ଘର ଗୁଡ଼ିକ ଅଣଓସାରିଆ ଓ ଜାମ୍ ରହିଥିଲା । ଏଥିସହ କ୍ଷମତା ଠାରୁ ଅଧିକ ପିଲାଙ୍କୁ ଏକାଠି ବସାଇବା ଯୋଗୁଁ ସ୍ଥିତି ଅଣାୟତ୍ତ ହୋଇଥିଲା । ବିଲ୍ଡିଂ ଭିତରେ ବହୁ ପରିମାଣରେ ପରଦା, କାଠ ଆସବାବପତ୍ର, ବହି-ପତ୍ର, କାଗଜ ଏବଂ ଗେମିଂ ଜୋନର ପ୍ଲାଷ୍ଟିକ୍ ସରଞ୍ଜାମ ରହିଥିଲା। ଯାହା ନିଆଁକୁ ଅତି ଶୀଘ୍ର ଉପର ମହଲାକୁ ବ୍ୟାପିବାରେ ଇନ୍ଧନ ସଦୃଶ କାମ କରିଥିଲା । କୋଠାଟି ପୁରୁଣା ଶୈଳୀର ହୋଇଥିବା ବେଳେ ଏହାର ଆଖପାଖ ରାସ୍ତା ସଂକୀର୍ଣ୍ଣ ଥିଲା। ଫଳରେ ଦମକଳ ଗାଡ଼ି ଠିକ୍ ସମୟରେ ପହଞ୍ଚିବା ଓ ଉଦ୍ଧାର କାର୍ଯ୍ୟ କରିବାରେ ବେଶ୍ ବାଧା ସୃଷ୍ଟି ହୋଇଥିଲା । ଉତ୍ତରପ୍ରଦେଶରେ ଏଭଳି ଦୁର୍ଘଟଣା ପରେ ବାରମ୍ବାର 'ଫାୟାର୍ ସେଫ୍ଟି ଗାଇଡଲାଇନ' କଡ଼ାକଡ଼ି କରିବାକୁ ଦାବି ହେଉଥିଲେ ମଧ୍ୟ କୋଠା ମାଲିକ ଓ ସଂସ୍ଥା ଚଳାଉଥିବା ଲୋକଙ୍କ ବେପରୁଆ ନୀତି ଯୋଗୁଁ ପୁଣି ୧୫ ଜଣଙ୍କ ଜୀବନ ଦୀପ ଲିଭିଗଲା। ସର୍ଟସର୍କିଟ କି କର୍ତ୍ତୃପକ୍ଷଙ୍କ ବେପରୁଆ ନୀତିରୁ ଅଗ୍ନିକାଣ୍ଡ ଘଟିଲା ସେ ସଂପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ବର୍ତ୍ତମାନ ପୋଲିସ ସୁରକ୍ଷା ନିୟମର ଅବହେଳା ଦିଗକୁ ନେଇ ତଦନ୍ତ ଚଳାଇଛି ।



# କତର ଏଲଏନ୍‌ଜି ପ୍ଲାଣ୍ଟରେ ବିସ୍ଫୋରଣ

## ୧୩ ମୃତକଙ୍କ ମଧ୍ୟରେ ଭାରତୀୟ, ୬୬ ଆହତ

ଦୋହା, ୨୨।୬: କତରର ଶିଳ୍ପ ସହର ରାସ୍ ଲାଫାନରେ ଏକ ଏଲଏନଜି ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ଘଟି ୧୩ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବହୁ ଭାରତୀୟ ନାଗରିକ ଅଛନ୍ତି। ବିସ୍ଫୋରଣରେ ୬୬ ଜଣ ଆହତ ହୋଇଥିବା ଏକ ସୂତ୍ରରୁ ପ୍ରକାଶ। ଗତ ସନ୍ଧ୍ୟାରେ ଏହି ଏଲଏନଜି ପ୍ଲାଣ୍ଟରେ ବିସ୍ଫୋରଣ ହୋଇଥିଲା। ଚଳିତ ବର୍ଷ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ବନ୍ଦ ଥିବା ପ୍ଲାଣ୍ଟକୁ ଶ୍ରମିକମାନେ ପୁନର୍ବାର ଚାଲୁ କରିବାକୁ ପ୍ରୟାସ କରୁଥିବାବେଳେ ବିସ୍ଫୋରଣ ହୋଇଥିଲା ।ଦେଶର ପ୍ରମୁଖ ଏଲଏନଜି ଉତ୍ପାଦନ ଓ ରପ୍ତାନି କେନ୍ଦ୍ର ରାସ ଲାଫାନ ଶିଳ୍ପ ସହରରେ ବାରଜାନ ସ୍ଥାନୀୟ ଗ୍ୟାସ ଯୋଗାଣ ପ୍ଲାଣ୍ଟରେ ଯାନ୍ତ୍ରିକ ଦୁର୍ଘଟଣା ଯୋଗୁଁ ବିସ୍ଫୋରଣ ହୋଇଥିବା କତର କର୍ତ୍ତୃପକ୍ଷ କହିଛନ୍ତି। ଇରାନ ଯୁଦ୍ଧ ଯୋଗୁଁ ପ୍ରଭାବିତ ସୁବିଧା କେନ୍ଦ୍ରଗୁଡ଼ିକରେ ଉତ୍ପାଦନ ପୁନଃସ୍ଥାପିତ କରିବା ପ୍ରୟାସ କରାଯିବା ସମୟରେ ବିସ୍ଫୋରଣ ଘଟିଥିଲା। କତର ଶକ୍ତି ମନ୍ତ୍ରୀ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ଓ ୬୬ ଜଣ ଆହତ ହୋଇଥିବା କହିଛନ୍ତି। ୧୮ ଜଣ ନିଖୋଜ ଥିବା କୁହାଯାଇଛି। କର୍ତ୍ତୃପକ୍ଷ ତୁରନ୍ତ ମୃତକଙ୍କ ଜାତୀୟତା ପ୍ରକାଶ କରିନାହାନ୍ତି। ଦୋହାରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାରେ ଚିନ୍ତା ପ୍ରକାଶ କରି କହିଛି ଯେ, ଅନେକ ଲୋକ ଆହତ ହୋଇଛନ୍ତି ଓ କେତେକ ଲୋକ ନିଖୋଜ ଅଛନ୍ତି। ଭାରତୀୟ ଦୂତାବାସ ପକ୍ଷରୁ 'ଏକ୍ସ'ରେ ଏକ ପୋଷ୍ଟ କରି କୁହାଯାଇଛି ଯେ, ଏପରି ଆହ୍ୱାନପୂର୍ଣ୍ଣ ଓ କଠୋର ସମୟରେ ଦୋହାସ୍ଥିତ ଭାରତୀୟ ଦୂତାବାସ ଓ କତରରେ ରହୁଥିବା ଭାରତୀୟମାନେ କତର ସରକାର ଓ ଲୋକଙ୍କ ସହିତ ଏକତାର ସହିତ ଛିଡ଼ା ହୋଇଛନ୍ତି। ସହାୟତା ଓ ସୂଚନା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି।



# ବଜ୍ରପାତ ନେଲା ୩ ଜୀବନ



ଦେବଗଡ଼, ୨୨।୬: ଦେବଗଡ଼ ଜିଲ୍ଲାର ପୃଥକ୍ ପୃଥକ୍ ସ୍ଥାନରେ ବଜ୍ରପାତ ଘଟି ୩ ଜଣଙ୍କ ଜୀବନ ଯାଇଛି ଓ ୫ ଜଣ ଆହତ ହୋଇଛନ୍ତି । ବାରକୋଟ ବ୍ଲକ ଅନ୍ତର୍ଗତ ପିଟାସାହି ଅଞ୍ଚଳରେ, ଦୁଇଟି ମୋଟର ସାଇକେଲରେ ଛଅ ଜଣ ଯୁବକ ଏକ ଐତିହାସିକ ମନ୍ଦିର ଦର୍ଶନ କରି ଫେରୁଥିବା ସମୟରେ ଏହି ବିପର୍ଯ୍ୟୟ ଘଟିଥିଲା। ବଜ୍ରପାତ ହେବାରୁ ସେମାନଙ୍କ ବାଇକ୍ ଜଳି ଯାଇଥିଲା। ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀଙ୍କ ଜୀବନ ଯାଇଥିଲା। ଉଭୟ ହେଲେ ବସଲାଇ ପଞ୍ଚାୟତ ଅନ୍ତର୍ଗତ ଅସରନାଳି ଗ୍ରାମର କଟାସାହିର ବୁବୁନ ସାମଲ ଏବଂ ପିଟାସାହିର ଡୋଳାମଣି ପେନ୍ଥାଇ। ଆହତ ଯୁବକମାନେ ହେଲେ ପିଟାସାହିର ରୁଦ୍ର ଭୋଇ (୨୨), କଟାସାହିର ସୁନୀଲ ଲୁହୁରା (୨୨), ଜୁୟାଲ ସାମଲ (୨୪) ଏବଂ ତିରୁ ସାମଲ (୨୧)। ସେହିପରି ତେନ୍ତୁଳି ସାହିର ମିରଗିଡିଆ ଅଞ୍ଚଳର ୨୬ ବର୍ଷୀୟ ରାଜା କାଣ୍ଡୁଲା ଏବଂ ତାଙ୍କ ପତ୍ନୀ ବର୍ଷା ନିଜ ଘର ଅଗଣାରେ ଠିଆ ହୋଇଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ରାଜାଙ୍କ ଜୀବନ ଡାକ୍ତରଖାନାରେ ଯାଇଥିଲା ଓ ବର୍ଷା ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି।

ମୌସୁମୀ ସ୍ଥିତି ଅନୁକୂଳ

# ୪୮ ଘଣ୍ଟାରେ ସାରା ରାଜ୍ୟ ଛୁଇଁବ

ଭୁବନେଶ୍ୱର, ୨୨।୬ : ୪୮ ଘଣ୍ଟାରେ ସାରା ରାଜ୍ୟ ଛୁଇଁବ ମୌସୁମୀ । ରାଜ୍ୟରେ ୫ ଦିନ ଯାଏଁ ବର୍ଷା ସହ ୨ ଦିନ ପ୍ରବଳ ବର୍ଷା ପାଇଁ ଚେତାବନୀ ରହିଛି। ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଗକୁ ବଢିବା ପାଇଁ ସ୍ଥିତି ଅନୁକୂଳ ହୋଇଛି । ୪୮ ମଧ୍ୟରେ ମୌସୁମୀ ଛୁଇଁବ ସାରା ଓଡ଼ିଶା । ଏହାସହ ରାଜ୍ୟରେ ଟ୍ରଫ ଲାଇନ ସହ କାଳବୈଶାଖୀକୁ ଯୋଗୁଁ ବର୍ଷା ହେଉଥିବା ବେଳେ ଆହୁରି ୫ ଦିନ ଯାଏଁ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ସୋମବାର ଭୁବନେଶ୍ୱରରେ ଝିପି ଝିପି ବର୍ଷା ହେଉଥିବା ବେଳେ ୨୪ ଘଣ୍ଟାରେ ଅଧିକାଂଶ ଜିଲ୍ଲାର ବର୍ଷା ସମ୍ଭାବନା ଥିବା ବେଳେ କୋରାପୁଟ, ରାୟଗଡା, କନ୍ଧମାଳ, ବରଗଡ଼, ଜଗତସିଂହପୁର , କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଏହି ୮ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବଜ୍ରପାତ ସହ ବର୍ଷା ଓ ୪୦ରୁ କିମି ଝଟକା ପବନ ସମ୍ଭାବନାକୁ ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଏହାସହ ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ଦେଓଗଡ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଏହି ୭ ଜିଲ୍ଲାକୁ ଛାଡି ଅବଶିଷ୍ଟ ୧୫ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ ।

ରାୟଗଡ଼ାରେ ଯୁବତୀଙ୍କୁ ମାଡ ଘଟଣା

# ହସ୍ତକ୍ଷେପ କଲେ ଜାତୀୟ ମହିଳା ଆୟୋଗ

ଭୁବନେଶ୍ୱର, ୨୨।୬: ରାୟଗଡ଼ାରେ ପିଲାଚୋର ସନ୍ଦେହରେ ଜଣେ ଯୁବତୀଙ୍କୁ ମାଡ଼ ଘଟଣାରେ ଜାତୀୟ ମହିଳା ଆୟୋଗ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି। ଜାତୀୟ ମହିଳା ଆୟୋଗ(ଏନସିଡବଲୁ) ଓଡ଼ିଶା ପୋଲିସ ଓ ସମ୍ପୃକ୍ତ ପ୍ରଶାସକଙ୍କୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ପୀଡ଼ିତାଙ୍କୁ ସୁରକ୍ଷା ଓ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ମହିଳା କମିଶନ।

ବଦଳିଲା ୬୪ ସ୍ଥାନର ଇଂରାଜୀ ଉଚ୍ଚାରଣ

# ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର, ୨୨।୬(ନିପ): ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନର ସଂଶୋଧିତ ଇଂରାଜୀ ବନାନ ସଙ୍କଳିତ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୬ ଜିଲ୍ଲାର ମୋଟ ୬୪ଟି ସ୍ଥାନର ଇଂରାଜୀ ଉଚ୍ଚାରଣକୁ ପରିବର୍ତ୍ତନ କରାଯାଇଛି। କେବଳ ଇଂରାଜୀ ଉଚ୍ଚାରଣରେ ସଂଶୋଧନ କରାଯାଇଥିବା ବେଳେ ନାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏନେଇ ସୋମବାର ଦିନ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ କ୍ୟାବିନେଟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ ବଦଳରେ ଅନୁଗୁଳ, ଖୋରଧା ବଦଳରେ ଖୋର୍ଦ୍ଧା, ବରଗର ବଦଳରେ ବଡଗଡ଼ ଉଚ୍ଚାରଣ କରାଯିବ। ସେହିପରି ଦେଓଗର ହୋଇଛି ଦେବଗଡ଼, କେନ୍ଦ୍ରାପରା ନୁହେଁ କେନ୍ଦ୍ରାପଡ଼ା , ଆଠଗର ହୋଇଛି ଆଠଗଡ଼।

ପ୍ରକାଶ ପାଇଲା +୩ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ

# ରେଭେନ୍ସାରେ କଟ୍-ଅଫ୍ ସବୁଠୁ ଅଧିକ

ଭୁବନେଶ୍ୱର, ୨୨।୬ : ସୋମବାର ପ୍ରକାଶ ପାଇଛି +୩ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ । ରେଭେନ୍ସାରେ କଟ୍-ଅଫ୍ ସବୁଠୁ ଅଧିକ। ୨୦୨୬-୨୭ ପାଇଁ +୩ ପ୍ରଥମ ପର୍ଯ୍ୟାୟ ନାମଲେଖା ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ମୋଟ ୨ ଲକ୍ଷ ୩୭ ହଜାର ୨୦୦ ଜଣ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୭୮ ହଜାର ୭୮୨ ଜଣ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚୟନ ହୋଇଥିବା ଶିକ୍ଷାର୍ଥୀଙ୍କ ମଧ୍ୟରେ ୬୯ ହଜାର ୧୮୨ ଜଣ ଛାତ୍ର, ୧ ଲକ୍ଷ ୯ ହଜାର ୫୯୧ ଜଣ ଛାତ୍ରୀ ଏବଂ ୯ ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି । ଚଳିତ ବର୍ଷ ମଧ୍ୟ କଟ୍-ଅଫ୍ ମାର୍କ ଦୌଡ଼ରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ସବୁଠାରୁ ଆଗରେ ରହିଛି । କଳାର ରାଜନୀତି ବିଜ୍ଞାନରେ କଟ୍ ଅଫ୍ ରହିଛି ୯୪.୫୦ପ୍ରତିଶତ । ବିଜ୍ଞାନର ପଦାର୍ଥ ବିଜ୍ଞାନରେ ୯୬.୫୦ପ୍ରତିଶତ ଓ ବାଣିଜ୍ୟରେ ୮୯.୧୭ପ୍ରତିଶତ ରହିଛି । ସେଲ୍ଫ-ଫାଇନାନ୍ସିଂରେ ବିଜେବି କଲେଜ ଆଗରେ ରହିଛି । ବିଜେବିରେ କଂପ୍ୟୁଟର ସାଇନ୍ସ କଟ୍ ଅଫ୍ ରହିଛି ୯୨ପ୍ରତିଶତ । ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ କଟ୍ ଅଫ୍ ରହିଛି ୮୯.୪୦ପ୍ରତିଶତ।

୯୧୧ ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ

# ମିଳିବ ୬ ଲକ୍ଷ ଟଙ୍କା ଲେଖାଏଁ ପାଣ୍ଠି

● ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲରେ ମିଳିବ ସଠିକ୍ ସୂଚନା
● 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର, ୨୨।୬: ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ହେତୁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାମ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗକୁ ସ୍ୱତନ୍ତ୍ର କଣ୍ଟିଜେନ୍ସି ଯୋଜନା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଂ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି। ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଏହି ସଫଳ ଶୂନ୍ୟ ମୃତ୍ୟୁହାର ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ଭିତ୍ତିଭୂମି ପ୍ରସ୍ତୁତି କ୍ରମରେ ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ। ଜାତୀୟ ସ୍ତରର କମନ ଆଲର୍ଟିଂ ପ୍ରୋଟୋକଲ ମାଧ୍ୟମରେ ଏସଏମଏସ ପ୍ରେରଣ ବ୍ୟବସ୍ଥା, ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ୧୧୨ ହେଲ୍ପଲାଇନ ସମ୍ପୂର୍ଣ୍ଣ ସକ୍ରିୟ ରହିଛି। ବିପର୍ଯ୍ୟୟ ସମୟରେ ଗୁଜବ ରୋକିବା ପାଇଁ ଟେଲିଭିଜନ ସହିତ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲରେ ଲୋକଙ୍କୁ ସଠିକ୍ ଓ ନିର୍ଭୁଲ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ବିଶେଷ ପରାମର୍ଶ ଦେଇଛନ୍ତି।

# ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମରଙ୍କ ଇସ୍ତଫା

## ପଦବୀ ଦାବିଦାର ପାଲଟିଛନ୍ତି ଆଣ୍ଡି ବର୍ନହାମ





ଲଣ୍ଡନ, ୨୨।୬: ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ଇସ୍ତଫା ସମ୍ପର୍କରେ ଚାଲିଥିଲା କଳ୍ପନାଜଳ୍ପନା। ସୋମବାର ଏହାର ଅନ୍ତ ଘଟିଛି। ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଡାଉନିଂ ଷ୍ଟ୍ରୀଟ୍‌ରେ ସକାଳେ ସାମ୍ବାଦିକ ସମ୍ମିଳନୀ କରି ଲେବର ପାର୍ଟିର ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ପାର୍ଟି ଭିତରେ ବଢୁଥିବା ଅସନ୍ତୋଷ, ସଂସଦୀୟ ବିଦ୍ରୋହ ଓ ନିକଟରେ ହୋଇଥିବା ଉପ-ନିର୍ବାଚନରେ ମିଳିଥିବା ପରାଜୟ ପରେ ଚାପରେ ନିଆଯାଇଛି ଏହି ନିଷ୍ପତ୍ତି। ଷ୍ଟାର୍ମର ମାତ୍ର ଦୁଇ ବର୍ଷ ପୂର୍ବେ ଲେବର ପାର୍ଟିକୁ ଏକ ବିଶାଳ ନିର୍ବାଚନୀ ବିଜୟ ହାସଲ କରିଥିଲେ, ୧୭୪ ଆସନ ସହିତ ବହୁମତ ହାସଲ କରିଥିଲେ। ତେବେ ବିଭିନ୍ନ ବିବାଦ ଏବଂ ନୀତି ପରିବର୍ତ୍ତନ ଯୋଗୁଁ ତାଙ୍କ କାର୍ଯ୍ୟକାଳ ନିରନ୍ତର ଚାପ ମଧ୍ୟରେ ରହିଥିଲା। ତାଙ୍କ ସରକାରଙ୍କୁ ଅନେକ ନୀତିଗତ ପରିବର୍ତ୍ତନ ଏବଂ ବିବାଦୀୟ ପ୍ରସଙ୍ଗ ସହିତ ସଂଘର୍ଷ କରିବାକୁ ପଡିଥିଲା ।ବୟସ୍କ ଲୋକଙ୍କ ପାଇଁ ଶୀତକାଳୀନ ଇନ୍ଧନ ଦେୟ ଏବଂ ୱାଶିଂଟନରେ ବ୍ରିଟେନର ରାଷ୍ଟ୍ରଦୂତ ଭାବରେ ପିଟର ମାଣ୍ଡେଲସନଙ୍କ ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିବାଦ ସୃଷ୍ଟି କରିଥିଲା। ଏହି ଘଟଣାଗୁଡ଼ିକ ତାଙ୍କ ନେତୃତ୍ୱ କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲା ଏବଂ ଦଳ ମଧ୍ୟରେ ଅସନ୍ତୋଷକୁ ପ୍ରୋତ୍ସାହିତ କରିଥିଲା ।ଷ୍ଟାର୍ମରଙ୍କ ଇସ୍ତଫା ସହିତ ଗ୍ରେଟର ମଞ୍ଚେଷ୍ଟରର ମେୟର ଆଣ୍ଡି ବର୍ନହାମ ଲେବର ପାର୍ଟିର ନୂଆ ନେତା ଓ ବ୍ରିଟେନ୍‌ର ଆଗାମୀ ପ୍ରଧାନମନ୍ତ୍ରୀ ହେବାର ସବୁଠାରୁ ବଡ଼ ଦାବିଦାର ପାଲଟିଛନ୍ତି। ୫୬ ବର୍ଷୀୟ ଆଣ୍ଡି ବର୍ନହାମଙ୍କୁ ବାମପନ୍ଥୀ ଓ ଉତ୍ତର ଇଂଲଣ୍ଡର ସବୁଠାରୁ ମଜଭୁତ ଚେହେରା ବୋଲି କୁହାଯାଏ। କୋଭିଡ୍-୧୯ ସଙ୍କଟ ବେଳେ ଉତ୍ତର ଇଂଲଣ୍ଡର ହିତକୁ ଦୃଷ୍ଟିରେ ବିଶ୍ୱରେ ରାଷ୍ଟ୍ରୀୟ ସ୍ତରର ଖ୍ୟାତି ଅର୍ଜନ କରିଥିଲେ।

ବିଜେଡି-କଂଗ୍ରେସକୁ ଝଟକା

# ବିଧାୟକଙ୍କ ଅଯୋଗ୍ୟତା ଆବେଦନ ଖାରଜ

ଭୁବନେଶ୍ୱର, ୨୨।୬: ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ଅଭିଯୋଗକୁ ନେଇ ଉଭୟ ବିଜୁ ଜନତା ଦଳ ଓ କଂଗ୍ରେସକୁ ଲାଗିଛି ବଡ଼ ଝଟକା। ଦୁଇ ଦଳ ପକ୍ଷରୁ ଦାଖଲ କରାଯାଇଥିବା ଅଯୋଗ୍ୟତା ଆବେଦନକୁ ଖାରଜ କରାଯାଇଛି ଖାରଜ । ବାଚସ୍ପତିଙ୍କ ନିଷ୍ପତ୍ତି ପରେ ଆରମ୍ଭ ହୋଇଯାଇଛି ବୟାନବାଜି । ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ। ବିଜେଡି ଓ କଂଗ୍ରେସର ୧୧ ବିଧାୟକଙ୍କ ଭୋଟ ପାଇ ବିଜୟୀ ହୋଇଥିଲେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ । କ୍ରସ ଭୋଟ୍ ପରେ ଦଳ ପକ୍ଷରୁ ସମସ୍ତ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ପରେ ଏହି ବିଧାୟମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଆବେଦନ କରିଥିଲେ ଉଭୟ ଦଳ । ସାମ୍ବିଧାନିକ ଓ ଆଇନଗତ ଦିଗର ତର୍ଜମା କରି ବାଚସ୍ପତି ଉଭୟ କଂଗ୍ରେସ ଓ ବିଜେଡିର ଆବେଦନକୁ ଖାରଜ କରିଛନ୍ତି । ବାଚସ୍ପତି ସୁରମା ପାଢୀ ଙ୍କ ଅନୁଯାୟୀ ତଥ୍ୟ ପ୍ରମାଣ ଅଭାବ ଯୋଗୁଁ ପିଟିସନ ଖାରଜ ହୋଇଛି ।

CMYK

# ପାଣ୍ଡବଙ୍କ ପାଇଁ ଶ୍ରୀକୃଷ୍ଣ ମାଗିଥିଲେ ମାତ୍ର ୫ ଗାଁ

ଦ୍ୱାପର ଯୁଗରେ, ଯେତେବେଳେ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ କ୍ଷମତା ଏବଂ ଅଧିକାରକୁ ନେଇ ବିବାଦ ଆରମ୍ଭ ହୋଇଥିଲା, ସେତେବେଳେ ଭଗବାନ ଶ୍ରୀକୃଷ୍ଣ ମଧ୍ୟସ୍ଥତା କରିବାକୁ ହସ୍ତିନାପୁର ଆସିଥିଲେ । ସେ ମହାରାଜା ଧୃତରାଷ୍ଟ୍ର ଏବଂ ଦୁର୍ଯ୍ୟୋଧନଙ୍କୁ ପାଣ୍ଡବମାନଙ୍କୁ ସେମାନଙ୍କର ପ୍ରାପ୍ୟ ଦେବାକୁ ଅନୁରୋଧ କରିଥିଲେ । ଭଗବାନ ଶ୍ରୀକୃଷ୍ଣ କୌରବମାନଙ୍କୁ କହିଥିଲେ ଯେ ପାଣ୍ଡବମାନଙ୍କୁ କେବଳ ୫ଟି ଗାଁ ଦେବାକୁ, ସେମାନେ ଏଥିରେ ସନ୍ତୁଷ୍ଟ ହେବେ । କିନ୍ତୁ ୫ ଟି ଗାଁ ତ ଦୂରର କଥା ଛୁଞ୍ଚି ମୁନରେ ମୁନେ ବି ଦେବେନାହିଁ ବୋଲି ଭରା ରାଜସଭାରେ କହିଥିଲେ ଦୁର୍ଯ୍ୟୋଧନ । ଖାଲି ଏତିକି ନୁହେଁ ଶ୍ରୀକୃଷ୍ଣଙ୍କୁ ଅପମାନିତ କରିବା ସହ ତାଙ୍କୁ ବନ୍ଦୀ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଶ୍ରୀକୃଷ୍ଣ ଦେଖାଇଥିଲେ ନିଜର ବିଶ୍ୱ ରୂପ । ଶ୍ରୀକୃଷ୍ଣ ଚାହୁଁ ନଥିଲେ ଯେ ମହାଭାରତର ବିନାଶକାରୀ ଯୁଦ୍ଧ ହେଉ , କିନ୍ତୁ କୌରବମାନଙ୍କ ଜିଦ୍ ଏଥିପାଇଁ ବାଟ କାଢ଼ିଥିଲା । ଯଦି କେହି ମହାଭାରତ ସମୟର ଗ୍ରାମଗୁଡ଼ିକୁ ଖୋଜନ୍ତି, ତେବେ ସେଗୁଡ଼ିକ ଆଉ ଭାରତୀୟ ମାନଚିତ୍ରରେ ମିଳୁନାହିଁ । ସମୟ ସହିତ, ସେହି ଗାଁ ଗୁଡ଼ିକର ନାଁ ବି ବଦଳିଯାଇଛି । ବର୍ତ୍ତମାନ, ଦିଲ୍ଲୀ ଏନସିଆର ଏବଂ ଏହାର ଆଖପାଖ ଅଞ୍ଚଳରେ ପାଞ୍ଚଟି ପାଣ୍ଡବ ଗାଁ ରହିଛି ।

**ଇନ୍ଦ୍ରପ୍ରସ୍ଥ - ଦିଲ୍ଲୀ**
**ପାନପ୍ରସ୍ଥ ଗାଁ -ହରିୟାଣାର ପାଣିପତ**
**ସ୍ୱର୍ଣ୍ଣପ୍ରସ୍ଥ ଗାଁ -ହରିୟାଣାର ସୋନିପତ ସହର**
**ତିଲପ୍ରସ୍ଥ ଗାଁ- ହରିୟାଣାର ଫରିଦାବାଦ**
**ଗଜପ୍ରସ୍ଥ – ୟୁପି ଗାଜିଆବାଦ ସହର**

ଭାରତରେ ପିଆଇଏଲ ମ୍ୟାନ୍ ଭାବରେ ଜଣାଶୁଣା ଅଶ୍ୱିନୀ କୁମାର ଉପାଧ୍ୟାୟ କୁହନ୍ତି , ବାଇବଲ ଏବଂ କୋରାନରେ ଉଲ୍ଲେଖ ସ୍ଥାନଗୁଡ଼ିକ ଆଜି ବି ରହିଛି । କିନ୍ତୁ, ରାମାୟଣ ଏବଂ ମହାଭାରତରେ ଲିଖିତ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରାଯାଇଛି । ଯେତେବେଳେ ଭାରତରେ ମୋଗଲମାନଙ୍କ ପ୍ରଭାବ ବଢ଼ିଲା ସେ ସମୟରେ ମହାଭାରତ ସମୟର ୫ଟି ଗାଁର ନାଁ ବଦଳାଇଦେଲେ । ଗାଜି ଖାନ ଗଜପ୍ରସ୍ଥର ନାଁ



ପରିବର୍ତ୍ତନ କରି ଗାଜିଆବାଦ କରିଥିଲେ, ଯେତେବେଳେ ଫରିଦ ଖାନ୍ ତିଲପ୍ରସ୍ଥର ନାମ ପରିବର୍ତ୍ତନ କରି ଫରିଦାବାଦ କରିଥିଲେ । ସେହିପରି ସ୍ୱର୍ଣ୍ଣପ୍ରସ୍ଥ ସୋନିପତ ହେଲା, ପାନପ୍ରସ୍ଥ ପାନିପତ ହେଲା, ଏବଂ ଇନ୍ଦ୍ରପ୍ରସ୍ଥ ଦିଲ୍ଲୀ ହେଲା। ଏବେ, ଯେତେବେଳେ ଆମେ ମହାଭାରତ କିମ୍ବା ରାମାୟଣ ବିଷୟରେ କଥା ହେଉ, ଲୋକମାନେ ସେଗୁଡ଼ିକୁ କାଳ୍ପନିକ ବୋଲି ବିବେଚନା କରନ୍ତି କାରଣ ସେହି ସ୍ଥାନଗୁଡ଼ିକ ଆଉ ସେମାନଙ୍କର ମୂଳ ନାଁର ବଦଳିଛି। କିନ୍ତୁ ସେ ଗାଁ ସବୁ ଏବେବି ରହିଛି , ସହରରେ ବଦଳିଯାଇଛି ।

# ପୁରୀ ଧାମର ରକ୍ଷକ

**ପୌରାଣିକ ମାନ୍ୟତା ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥ ହନୁମାନଙ୍କୁ ପୁରୀ ଧାମର ରକ୍ଷକ ଭାବେ ନିଯୁକ୍ତ କରିଥିଲେ। ହନୁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ଯେ ସେ ସମୁଦ୍ରର ଗର୍ଜନ ଓ ଢେଉରୁ ଶ୍ରୀମନ୍ଦିରକୁ ସୁରକ୍ଷିତ ରଖିବେ। ଥରେ ସମୁଦ୍ରର ଦେବତା ବରୁଣ ଦେବ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଚାହିଲେ।**



ଶ୍ରୀମନ୍ଦିରରେ ରହିଛି ଅନେକ ରହସ୍ୟ। ତାହା ମଧ୍ୟରୁ ଅନ୍ୟତମ ବେଡ଼ିରେ ବନ୍ଧା ହୋଇଥିବା ବୀର ହନୁମାନ । କେମିତି ଶ୍ରୀଜଗନ୍ନାଥଙ୍କୁ ସୁରକ୍ଷା ଦେଉଛନ୍ତି ପତିତପାବନ ବାନା ? ପୁରୀର ବେଡ଼ି ହନୁମାନ ବା ଦରିଆ ମହାବୀର ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଥିବା ସମ୍ପର୍କର କାହାଣୀ ଅତ୍ୟନ୍ତ ଚମତ୍କାର ଓ ରହସ୍ୟମୟ। ବେଡ଼ି ହନୁମାନଙ୍କ ଦର୍ଶନ ମନକୁ ଯେତିକି ଶାନ୍ତି ଦିଏ ଏହାର ପୌରାଣିକ କାହାଣୀ ମଧ୍ୟ ସେତିକି ରୋଚକପୂର୍ଣ୍ଣ । ପୌରାଣିକ ମାନ୍ୟତା ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥ ହନୁମାନଙ୍କୁ ପୁରୀ ଧାମର ରକ୍ଷକ ଭାବେ ନିଯୁକ୍ତ କରିଥିଲେ। ହନୁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ଯେ ସେ ସମୁଦ୍ରର ଗର୍ଜନ ଓ ଢେଉରୁ ଶ୍ରୀମନ୍ଦିରକୁ ସୁରକ୍ଷିତ ରଖିବେ। ଥରେ ସମୁଦ୍ରର ଦେବତା ବରୁଣ ଦେବ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଚାହିଲେ। ସମୁଦ୍ରର ଜଳରାଶି ମନ୍ଦିର ମଧ୍ୟକୁ ପଶିଆସିବାରୁ ଜଗନ୍ନାଥଧାମର ବହୁତ କ୍ଷତି ହୋଇଥିଲା। ସେହି ସମୟରେ ବଜରଙ୍ଗୀ ପୁରୀରେ ଉପସ୍ଥିତ ନଥିଲେ। ସେ ମହାପ୍ରଭୁ ଶ୍ରୀରାମଙ୍କ ପ୍ରତି ଥିବା ତାଙ୍କର ଅତୁଟ ଭକ୍ତି ଯୋଗୁଁ କାହାକୁ ନ ଜଣାଇ ଅଯୋଧ୍ୟା ଚାଲିଯାଇଥିଲେ। କେତେକ କାହାଣୀ ଅନୁଯାୟୀ, ଅଯୋଧ୍ୟାର ମହାପ୍ରସାଦ ଖାଇବାକୁ ସେ ସେଠାକୁ ବାରମ୍ବାର ଯାଉଥିଲେ। ଯେତେବେଳେ ମହାପ୍ରଭୁ ଜଗନ୍ନାଥ ଏହା ଜାଣିବାକୁ ପାଇଲେ ସେ ହନୁମାନଙ୍କୁ ନିଜ କର୍ତ୍ତବ୍ୟ ମନେ ପକାଇଦେବା ପାଇଁ ଏକ ଅଦ୍ଭୁତ ଲୀଳା ରଚିଲେ । ମହାବାହୁ ହନୁମାନଙ୍କୁ ସୁବର୍ଣ୍ଣର ବେଡ଼ି ଅର୍ଥାତ୍ ଜଞ୍ଜିରରେ ବାନ୍ଧି ସମୁଦ୍ର କୂଳରେ ଅବସ୍ଥାପିତ କରିଥିଲେ ଯେମିତି ସେ ପୁରୀ ଛାଡ଼ି ଆଉ କୁଆଡ଼େ ଯାଇପାରିବେ ନାହିଁ। ସେହି ଦିନଠାରୁ ହନୁମାନ 'ବେଡ଼ି ହନୁମାନ' ନାମରେ ପରିଚିତ ହେଲେ। ବିଶ୍ୱାସ କରାଯାଏ ଯେ ଆଜି ବି ବେଡ଼ି ହନୁମାନ ପୁରୀକୁ ସାମୁଦ୍ରିକ ଝଡ଼ ଓ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରୁଛନ୍ତି। ଏହି ମନ୍ଦିରଟି ପୁରୀର ଚକ୍ରତୀର୍ଥ ରୋଡ଼ରେ ସମୁଦ୍ର ନିକଟରେ ଅବସ୍ଥିତ। ଏଠାରେ ହନୁମାନଙ୍କର ଏକ ସୁନ୍ଦର ଦୁଇ ହାତ ବିଶିଷ୍ଟ ମୂର୍ତ୍ତି ଅଛି, ଯାହାଙ୍କ ଗୋଡ଼ ଓ ହାତରେ ବେଡ଼ି ରହିଛି। ମନ୍ଦିର ବାହାର ପାର୍ଶ୍ୱରେ ମା' ଅଞ୍ଜନାଙ୍କ କୋଳରେ ଶିଶୁ ହନୁମାନଙ୍କର ଏକ ଦୃଶ୍ୟ ଏବଂ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ। ଏହି କାହାଣୀ ମହାପ୍ରଭୁ ଜଗନ୍ନାଥ ଏବଂ ତାଙ୍କର ପରମ ଭକ୍ତ ହନୁମାନଙ୍କ ମଧ୍ୟରେ ଥିବା ଏକ ଅତୁଟ ସମ୍ପର୍କର ପ୍ରତୀକ।

# -ଶ୍ରୀଭେଙ୍କଟେଶ୍ୱର-

ତିରୁପତିର ମୁଖ୍ୟ ମନ୍ଦିର ହେଉଛି ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର (ତିରୁପତି ବାଲାଜୀ ନାମରେ ମଧ୍ୟ ଜଣାଶୁଣା) ଯାହା ତିରୁମାଲା ପାହାଡ଼ ଉପରେ ଅବସ୍ଥିତ, ଏହା ଭଗବାନ ବିଷ୍ଣୁଙ୍କୁ ସମର୍ପିତ, ଏବଂ ଏହାର ବିଶାଳ ଆଧ୍ୟାତ୍ମିକ ଗୁରୁତ୍ୱ ଏବଂ ଦ୍ରାବିଡ଼ ସ୍ଥାପତ୍ୟ ପାଇଁ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରେ। ଏହି ଅଞ୍ଚଳର ଅନ୍ୟାନ୍ୟ ପ୍ରମୁଖ ମନ୍ଦିରଗୁଡ଼ିକ ମଧ୍ୟରେ ତିରୁଚାନୁରରେ ଶ୍ରୀ ପଦ୍ମାବତୀ ଅମ୍ମାବାରୀ ମନ୍ଦିର (ଭଗବାନ ଭେଙ୍କଟେଶ୍ୱରଙ୍କ ପତ୍ନୀ ପାଇଁ) ଏବଂ ତିରୁପତି ସହରରେ ଶ୍ରୀ ଗୋବିନ୍ଦରାଜସ୍ୱାମୀ ମନ୍ଦିର, ଯାହା ଭଗବାନ ବିଷ୍ଣୁଙ୍କ ଭାଇଙ୍କୁ ସମର୍ପିତ।

**ତିରୁମାଲା ଏବଂ ତିରୁମାଲାରେ ପ୍ରମୁଖ ମନ୍ଦିର:**

**ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର (ତିରୁମାଲା):** ସବୁଠାରୁ ପ୍ରସିଦ୍ଧ, ଭଗବାନ ଭେଙ୍କଟେଶ୍ୱର (ବାଲାଜୀ), ବିଷ୍ଣୁଙ୍କ ଏକ ରୂପ, ତିରୁମାଲା ପାହାଡ଼ ଉପରେ ଅବସ୍ଥିତ।



**ଶ୍ରୀ ପଦ୍ମାବତୀ ଅମ୍ମାବାରୀ ମନ୍ଦିର (ତିରୁଚାନୁର):** ତିରୁପତିଠାରୁ କିଛି କିଲୋମିଟର ଦୂରରେ ଅବସ୍ଥିତ ଭଗବାନ ଭେଙ୍କଟେଶ୍ୱରଙ୍କ ପତ୍ନୀ ଦେବୀ ପଦ୍ମାବତୀଙ୍କୁ ସମର୍ପିତ।

**ଶ୍ରୀଗୋବିନ୍ଦରାଜସ୍ୱାମୀ ମନ୍ଦିର(ତିରୁପତି ନଗର):** ଭଗବାନ ଭେଙ୍କଟେଶ୍ୱରଙ୍କ ଭାଇ ଗୋବିନ୍ଦରାଜଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ପ୍ରାଚୀନ ଏବଂ ବିଶାଳ ସଂକଳନ, ଯାହାର ମୂଳ ଦ୍ୱାଦଶ ଶତାବ୍ଦୀରୁ ଆରମ୍ଭ ହୋଇଛି। **କପିଳେଶ୍ୱର ସ୍ୱାମୀ ମନ୍ଦିର (ତିରୁପତି):** ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ପବିତ୍ର ମନ୍ଦିର, ଯେଉଁଥିରେ ଏକ ବଡ଼ ନନ୍ଦୀ ପ୍ରତିମା ରହିଛି।

**ଇସ୍କନ୍ ତିରୁପତି:** ଭଗବାନ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ଆଧୁନିକ ମନ୍ଦିର, ଯାହା ଆନ୍ତର୍ଜାତୀୟ କୃଷ୍ଣ ଚେତନା ସମାଜର ଅଂଶ।

# କେଉଁଠି ଅଛି ଓଳାଶୁଣୀ ଗୁମ୍ଫା



*ଓଳାଶୁଣୀ ପାହାଡ଼ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରିର ଅନତି ଦୂରରେ ପଲେଇ ମୌଜାସ୍ଥ ଶୁଖୁଆପଡ଼ା ଗାଁ ନିକଟରେ ଅବସ୍ଥିତ। ଏହାର ପୂର୍ବ ଦିଗରେ ଗାଙ୍ଗୀ ପାହାଡ଼, ଯେଉଁଠି ଅଛି ପୁରାଣପ୍ରସିଦ୍ଧ ଗୋକର୍ଣ୍ଣ ବଟ। ଯେଉଁ ବୃକ୍ଷର ପତ୍ରଗୁଡିକର ଗୋଟିଏ ପଟେ ଅଶ୍ୱତ୍ଥ ଓ ଅନ୍ୟ ପଟେ ବରପତ୍ର। ଦକ୍ଷିଣ ଦିଗରେ ଅଛି ଗୋବରୀ ନଦୀ। ପଶ୍ଚିମ ପଟେ ଶୁଖୁଆପୋଡ଼ା ଗାଁ। ଉତ୍ତର ଦିଗରେ ଲଳିତଗିରି ପାହାଡ଼। ପୂର୍ବଦିଗରେ ଅବସ୍ଥିତ ଗାଙ୍ଗୀ ପାହାଡ଼। ଏହାର ପୂର୍ବ– ଦକ୍ଷିଣ କୋଣର ଅନତି ଦୂରରେ ରହିଛି ପୁରାଣପ୍ରସିଦ୍ଧ ପଞ୍ଚୁପାଣ୍ଡବଙ୍କର ମନ୍ଦିର। ଏହି ଓଳାଶୁଣୀର ଆଖପାଖରେ ରତ୍ନଗିରି, କୋଳଣଗିରି, ବ୍ରଜଗିରି ଇତ୍ୟାଦି ବୌଦ୍ଧପୀଠ ଅବସ୍ଥିତ।*



# ସିଙ୍ଗଣାପୁରର ଶନିପୀଠ

ଶନିଙ୍କ ଚମତ୍କାରୀ ସିଦ୍ଧ ପୀଠମାନଙ୍କ ମଧ୍ୟରୁ ଭାରତର ତିନୋଟି ପୀଠକୁ ମୁଖ୍ୟ ଭାବେ ଗଣନା କରାଯାଏ। ମହାରାଷ୍ଟ୍ରର ସିଙ୍ଗଣାପୁରର ଶନିପୀଠ, ମଧ୍ୟପ୍ରଦେଶ ଗ୍ୱାଲିଅରର ଶନିଶ୍ଚର ମନ୍ଦିର ଏବଂ ଉତ୍ତରପ୍ରଦେଶ କାଶୀ ନିକଟବର୍ତ୍ତୀ କୋକିଲାବନର ସିଦ୍ଧ ଶନିଦେବ ମନ୍ଦିର। ଏହି ଗାଁରେ ଶନିଦେବଙ୍କର ଅଦ୍ଭୁତ ଚମତ୍କାର ଦେଖାଯାଏ। ଏହି ଗାଁରେ ଆଜିପର୍ଯ୍ୟନ୍ତ କେହି ନିଜ ଘରେ ତାଲା ଲଗାନ୍ତି ନାହିଁ। କୁହାଯାଏ ଯେ ଏଠାରେ କେହି ଚୋର ଚୋରି କରନ୍ତି ନାହିଁ ବା ଚୋରି କରିବାର ଚେଷ୍ଟା କଲେ ଶନି କୋପଦୃଷ୍ଟିରେ ପଡ଼ିଥାଏ।

# ସୁସ୍ଥ ହୃଦୟ ପାଇଁ...



**ଉଚ୍ଚ ରକ୍ତଚାପ ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି।**





ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ, ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭସଞ୍ଚରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ୍ନ ଭାବେ ମଣିଷ ବଞ୍ଚିଥିବା ଯାଏଁ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃଦ୍‌ଯନ୍ତ୍ରଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃଦଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ। ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ, ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।



# ଘରକୁ ଆଣନ୍ତୁ

## ସୂର୍ଯ୍ୟଦେବଙ୍କ ଚିତ୍ର



ସୂର୍ଯ୍ୟଦେବ ଅଗ୍ନି ଦେବଙ୍କ ସ୍ୱରୂପ ଏବଂ ପ୍ରତ୍ୟକ୍ଷ ଦେବତା ରୂପେ ମନାଯାଇଥାଏ। ବାସ୍ତୁ ଶାସ୍ତ୍ରରେ ସୂର୍ଯ୍ୟଙ୍କର ବିଶେଷ ମହତ୍ତ୍ୱ ରହିଛି। ଶକ୍ତିର ଅସୀମ ଭଣ୍ଡାର ସୂର୍ଯ୍ୟଦେବଙ୍କୁ ନେଇ ବାସ୍ତୁ ଶାସ୍ତ୍ରରେ ବହୁ ରୋଚକ ଉପାୟ ରହିଛି, ଯାହାର ଉପଯୋଗରେ ଆମ ଜୀବନରେ ବେଶ୍ ଉନ୍ନତି ହୋଇଥାଏ। ସୂର୍ଯ୍ୟୋଦୟର ପୂର୍ବରୁ ବ୍ରାହ୍ମମୁହୂର୍ତ୍ତ ସମୟଟି ଅଧ୍ୟୟନ ପାଇଁ ସର୍ବଶ୍ରେଷ୍ଠ। ବିଦ୍ୟାର୍ଥୀମାନେ ଏହି ସମୟକୁ ସଦୁପଯୋଗ କରିବା ଉଚିତ। ସୂର୍ଯ୍ୟୋଦୟ ସମୟରେ ଘରର ସମସ୍ତ ଝରକା କବାଟ ଖୋଲିବା ଉଚିତ। ଯଦି କୌଣସି ଘରେ ସୂର୍ଯ୍ୟ କିରଣ ଠିକ୍ ଭାବରେ ପଡିପାରୁନାହିଁ, ତେବେ ସେହି ଘରେ ସୂର୍ଯ୍ୟ ଦେବଙ୍କ ତମ୍ବାର ପ୍ରତିମା ଲଗାଇବା ଉଚିତ। ସେହିପରି ରୋଷେଇ ଘର ଓ ସ୍ନାନ ଘରେ ସୂର୍ଯ୍ୟର ପ୍ରକାଶ ପହଞ୍ଚିବା ଅତ୍ୟନ୍ତ ଆବଶ୍ୟକ। ସେହିପରି ଯେଉଁ ଘରେ ଧନ ସମ୍ପତ୍ତି ରଖୁଛନ୍ତି ,ସେହି ଘରେ ସୂର୍ଯ୍ୟଦେବଙ୍କ ଚିତ୍ର ଲଗାଇଲେ ଘରେ କେବେ ଆର୍ଥିକ ସମସ୍ୟା ଉପୁଜିବ ନାହିଁ। ପରିବାରର ଯଦି କୌଣସି ଲୋକେ ଦୀର୍ଘ ଦିନ ଧରି ଅସୁସ୍ଥ ରହୁଛନ୍ତି ତେବେ ସେହି ଘରେ ସୂର୍ଯ୍ୟଦେବଙ୍କ ପ୍ରତିମା ଲଗାଇବା ଉଚିତ। ଏହାଦ୍ୱାରା ସେ ଶୀଘ୍ର ସୁସ୍ଥ ହେବେ। ସେହିପରି ରୋଷେଇ ଘରେ ସୂର୍ଯ୍ୟଦେବଙ୍କ ପ୍ରତିମା ଲଗାଇଲେ ଅନ୍ନର ଅଭାବ କଦାପି ହୋଇନଥାଏ। ସେହିପରି କାର୍ଯ୍ୟାଳୟ ବା ଦୋକାନରେ ସୂର୍ଯ୍ୟ ଦେବଙ୍କର ଚିତ୍ର ଲଗାଇବା ଦ୍ୱାରା ଉନ୍ନତି ମିଳିଥାଏ। ଘରର ମନ୍ଦିରରେ ସୂର୍ଯ୍ୟଦେବଙ୍କର ଚିତ୍ର ଲଗାଇବା ଦ୍ୱାରା ଘରେ ସୂର୍ଯ୍ୟଦେବଙ୍କ କୃପା ରହିଥାଏ।

# ଚଢ଼ା ଦରରେ ସାର ବିକ୍ରି ଘଟଣା ତଦନ୍ତ ଆରମ୍ଭ କଲା କୃଷି ବିଭାଗ

ଡାବୁଗାଁ,(ନିପ୍ର): ବ୍ଲକର ବିଭିନ୍ନ ଖୁଚୁରା ସାର ବିକ୍ରି ଦୋକାନକୁ ଯାଇ ଷ୍ଟକ ଏବଂ ବିକ୍ରୟ ରେଜିଷ୍ଟର ଯାଞ୍ଚ କରିବା ସହ ଚାଷୀଙ୍କୁ ବ୍ୟାଗରେ ମୁଦ୍ରିତ ମୂଲ୍ୟ ବା ସରକାରୀ ମୂଲ୍ୟରେ ସାର ବିକ୍ରି ପାଇଁ ନିର୍ଦ୍ଦେଶ ଦେଲେ କୃଷି ଅଧିକାରୀ। ସୂଚନା ପ୍ରକାରେ ଡାବୁଗାଁ ବ୍ଲକରେ ପ୍ରାୟ ୫୧୦୦ ହେକ୍ଟରରେ ଧାନ, ୩୩୦୦ ହେକ୍ଟରରେ ମକା ଓ ଅନ୍ୟାନ୍ୟ ଜମିରେ ମାଣ୍ଡିଆ, ମୁଗ, ବିରି, କୋଳଥ, କାନ୍ଦୁଲ ଚାଷ ହେଉଛି। ବ୍ଲକର ୯୦ ପ୍ରତିଶତ ଚାଷୀଙ୍କୁ ଲ୍ୟାମ୍ପସ ଦ୍ୱାରା ପ୍ରତିବର୍ଷ ସରକାରୀ ଦରରେ ସାର ଓ ବିହନ ଯୋଗାଇ ଦିଆଯାଉଛି। ଡାବୁଗାଁ କୃଷି ବିଭାଗ ତରଫରୁ ସ୍ୱୀକୃତିପ୍ରାପ୍ତ ୨୨ ଜଣଙ୍କୁ ସାର ବିକ୍ରୟ ଅନୁମତି ଥିବା ବେଳେ ୩୫ ଜଣଙ୍କୁ ବିହନ ବିକ୍ରୟ ସ୍ୱୀକୃତି ମିଳିଛି। ଗତ ଫେବୃଆରୀ ମାସରୁ ସ୍ୱୀକୃତିପ୍ରାପ୍ତ ସାର ବିକ୍ରେତା



ସାର ଆଣି ମହଜୁଦ ରଖିଥିବା ବେଳେ ଲ୍ୟାମ୍ପସରେ ସାର ବିକ୍ରି ଉପରେ କଟକଣା ଥିବାରୁ ଖୁଚୁରା ବିକ୍ରେତା ଏହାର ଫାଇଦ ଉଠାଇ ଚାଷୀଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଏହାର ତଦନ୍ତ ଆରମ୍ଭ କରିଛି କୃଷି ବିଭାଗ । ଯଦି ଚାଷୀଙ୍କୁ ଚଢା ଦରରେ ଖୁଚୁରା ବ୍ୟବସାୟୀମାନେ ସାର ବିକ୍ରି କରନ୍ତି ତେବେ ସେମାନଙ୍କ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇ ଦେଇଛନ୍ତି କୃଷି ଅଧିକାରୀ ।

# ବର୍ଷାଦିନିଆ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,(ହି.ସ.)- ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନିଆ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ବର୍ଷାରେ ଭିଜିଲେ ଅଶୁଦ୍ଧ ଜଳ ପାନ କଲେ ଥଣ୍ଡା, ସର୍ଦ୍ଦି, ଆଖି ଧାରା, କୃମି ଆଦି ରୋଗ ହେବ। ମାଛି ବସା ଖାଦ୍ୟ ଓ ଗୋଳିଆ ପାଣି ପିଇଲେ, ଅତିସାର, ପ୍ରବାହିକା, ଟାଇଫୋଏଡ ରୋଗ ହେବ। ମଶା କାମୁଡ଼ିଲେ ଶ୍ଲୀପଦ, ମ୍ୟାଲେରିଆ, ମଶା ଜନ୍ୟ ରୋଗ ହେବ। ଅନ୍ଧାରରେ ବୁଲିଲେ ବିଛା, ସର୍ପ କାମୁଡ଼ିବେ ଏଥିରୁ ରକ୍ଷା ପାଇବା ପାଇଁ ଏହି ସବୁ କାରଣ ଠାରୁ ଦୂରେଇ ରୁହନ୍ତୁ , ଗରମ ପାଣି ଓ ଖାଦ୍ୟ ଖାଆନ୍ତୁ। ଅଦା, ତୁଳସୀ, ରସୁଣ ଓ ଗୁଳୁଚି ରସ ସେବନ କରନ୍ତୁ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ତିଗିରିଆ,(ନିପ୍ର): ତିଗିରିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଇ ସାହେବ୍ ସିନ୍ଧେଙ୍କର ଜଣା ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୯୬ ଜଣ ଆବେଦନ କରିଥିଲେ ।ସେଥିମଧ୍ୟରୁ ୨୫ ଜଣ ଗୃହ, ୪୦ ଜଣ ରାସନ୍ କାର୍ଡ ଓ ଅନ୍ୟାନ୍ୟ ୪୦ ଜଣ ଥିଲେ । ସମସ୍ତ ସମସ୍ୟାର ସମାଧାନ କରାଯିବ



ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଟକ ଗ୍ରାମାଞ୍ଚଳ ଏସ ପି - ପ୍ରତୀକ କୁମାର, ପି ଡି ପ୍ରଶାନ୍ତ କୁମାର ନାୟକ,ସବ୍ କଲେକ୍ଟର ପ୍ରହ୍ଲାଦ ନାରାୟଣ ଶର୍ମା, ଏସ ଡି ପି ଓ - ବିଶ୍ୱଜିତ୍ ମହାନ୍ତି, ବି ଡି ଓ ସଂଗ୍ରାମ କେଶରୀ ଭୋଳ, ଏ ବି ଡି ଓ ଯଜ୍ଞାସେନି ଗୋଚ୍ଛାୟତ,ତହସିଲଦାର ଧର୍ମ ରଞ୍ଜନ ପଣ୍ଡା ,ପଞ୍ଚାୟତ ସମିତି ଅଧ୍ୟକ୍ଷା - ସନ୍ଧ୍ୟାରାଣୀ ନାୟକ, ସାଂସଦଙ୍କ ପ୍ରତିନିଧି - ସୂର୍ଯ୍ୟକାନ୍ତ ଧଳଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ଯୋଗ ଦିବସ

ଜଟଣୀ,(ନିପ୍ର): ଖୋର୍ଦ୍ଧାରୋଡ୍ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ଜିଲ୍ଲା ତାଲିମ କେନ୍ଦ୍ର ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳନ କରାଯାଇଛି।

ହେଡ କ୍ୱାର୍ଟର ଓପନ୍ ସ୍କାଉଟ୍ - ଗାଇଡ୍ ଗ୍ରୁପର ସ୍କାଉଟ ମାଷ୍ଟର୍ ତଥା ସଂଯୋଜକ ରଣଜିତ କୁମାର ଦାସଙ୍କ ମାର୍ଗଦର୍ଶନରେ ଅନ୍ତର୍ଜାତୀୟ ଯୋଗ କାର୍ଯ୍ୟକ୍ରମ




ଆୟୋଜିତ କରାଯାଇଥିଲା ।ବରିଷ୍ଠ ଲିଡର ଅସରଫ ଜାମାଲି, ଜିତେନ୍ଦ୍ରନାଥ ମିଶ୍ର, ଲାଲା ଶଙ୍କର ରାୟ, ସ୍କାଉଟ୍ସ, ଗାଇଡ୍ସ, ରୋଭର୍ସ ଏବଂ ରେଞ୍ଜର୍ସ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଏନ୍‌ଟିପିସି ବୋଙ୍ଗାଇଗାଓଁ ବାଲିଜାନରେ ୧.୮୦କୋଟି ଟଙ୍କାର ପ୍ରକଳ୍ପ ଭିତ୍ତିଭୂମି

ଭୁବନେଶ୍ୱର : ଗୁଣାତ୍ମକ ଶିକ୍ଷା ଏବଂ ସାମୁଦାୟିକ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଏନ୍‌ଟିପିସି ବୋଙ୍ଗାଇଗାଓଁ ବାଲିଜାନର ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟ ରେ ଏକ ପ୍ରମୁଖ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶୁଭାରମ୍ଭ କରିଛି, ଯାହା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟକାରୀ ହୋଇଛି। ୧.୮୦ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପରେ ବିଜ୍ଞାନ ପ୍ରୟୋଗଶାଳା, ଏକ ପାଠାଗାର ଏବଂ ପାଞ୍ଚଟି ଶ୍ରେଣୀଗୃହ ନିର୍ମାଣ ଏବଂ ବିକାଶ ଅନ୍ତର୍ଭୁକ୍ତ, ଯାହାର ଉଦ୍ଦେଶ୍ୟ ହେଉଛି ଶିକ୍ଷାଗତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା ସୁଯୋଗ ବୃଦ୍ଧି କରିବା।




ଏହି ସୁବିଧାଗୁଡ଼ିକ ୧୪ତମ ଗୋବିନ୍ଦ ନିର୍ବାଚନମଣ୍ଡଳୀର ଅରୁଣାଚଳ ପ୍ରଦେଶର ବିଧାୟକ ନବମ ବିବେକ, ବାଲିଜାନର ଏଡିସି ଡାକର ରାଭା; ଏନ୍‌ଟିପିସି ବୋଙ୍ଗାଇଗାଓଁର ଅଧିକାରୀ; ଏବଂ ବାଲିଜାନର ସଚିବ ସୁଜାତା ନାୟକଙ୍କ ଉପସ୍ଥିତିରେ ଉଦ୍ଘାଟନ କରିଥିଲେ। ଯେଉଁଥିରେ ଶିକ୍ଷକ, ଛାତ୍ର, ଅଭିଭାବକ, ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟ ଏବଂ ବୋଙ୍ଗାଇଗାଓଁର ଅଧିକାରୀମାନେ ସାମିଲ ଥିଲେ। ଶିକ୍ଷାନୁଷ୍ଠାନଗୁଡ଼ିକୁ ସମର୍ଥନ କରିବା ଏବଂ ସାମଗ୍ରିକ ଶିକ୍ଷା ଏବଂ ଶୈକ୍ଷିକ ଉତ୍କର୍ଷତା ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା ପାଇଁ ବୋଙ୍ଗାଇଗାଓଁର ନିରନ୍ତର ପ୍ରୟାସରେ ଏହି ଉଦ୍‌ଘାଟନ ସମାରୋହ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଥିଲା। ଏହି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ ଶିକ୍ଷା ସୁବିଧା, ବିଶେଷକରି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଉପଲବ୍ଧତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ନୂତନ ଭାବରେ ପ୍ରତିଷ୍ଠିତ ବିଜ୍ଞାନ ପ୍ରୟୋଗଶାଳାଗୁଡ଼ିକ ବ୍ୟବହାରିକ ଶିକ୍ଷା ସୁଯୋଗ ପ୍ରଦାନ କରିବ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ପୋଷଣ କରିବାରେ ସାହାଯ୍ୟ କରିବ, ଯେତେବେଳେ ଉନ୍ନତ ପାଠାଗାର ପାଠପଢ଼ା, ଗବେଷଣା ଏବଂ ବୌଦ୍ଧିକ ବିକାଶକୁ ଉତ୍ସାହିତ କରୁଥିବା ଏକ ଜ୍ଞାନ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଅତିରିକ୍ତ ଶ୍ରେଣୀଗୃହଗୁଡ଼ିକ ବିଦ୍ୟାଳୟର ଶୈକ୍ଷିକ ଭିତ୍ତିଭୂମିକୁ ଆହୁରି ମଜବୁତ କରିବ ଏବଂ ଅଞ୍ଚଳର ବର୍ଦ୍ଧିତ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବ।

ଏହି ଅବସରରେ ଏନ୍‌ଟିପିସି ଅଧିକାରୀମାନେ, ବାଲିଜାନ ସାମାଜିକ ପରିବର୍ତ୍ତନ ପାଇଁ ଏକ ଉତ୍ପ୍ରେରକ ଭାବରେ ଶିକ୍ଷାରେ ନିବେଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଗୁଣାତ୍ମକ ଶିକ୍ଷାଗତ ଭିତ୍ତିଭୂମି ଭବିଷ୍ୟତ ପିଢ଼ିକୁ ଗଠନ କରିବାରେ ଏବଂ ଯୁବ ମନକୁ ରାଷ୍ଟ୍ର ନିର୍ମାଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେ ସମାଜରେ ଦୀର୍ଘକାଳୀନ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରୁଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ଏନ୍‌ଟିପିସିର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ। ସିଏସ୍‌ଆର୍ ପଦକ୍ଷେପ ମାଧ୍ୟମରେ ବିସ୍ତାରିତ ସହାୟତା ପାଇଁ ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟର ପ୍ରତିନିଧିମାନେ ଏନ୍‌ଟିପିସି ବୋଙ୍ଗାଇଗାଓଁ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସେମାନେ ଆଲୋକପାତ କରିଥିଲେ ଯେ ବର୍ଦ୍ଧିତ ଭିତ୍ତିଭୂମି ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ଏବଂ ଆଗାମୀ ବର୍ଷ ପାଇଁ ଶହ ଶହ ଛାତ୍ରଛାତ୍ରୀଙ୍କୁ ଲାଭ ଦେବ। ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ, ଏନ୍‌ଟିପିସି ବୋଙ୍ଗାଇଗାଓଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ପରିବେଶଗତ ସ୍ଥିରତା ଏବଂ ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରଭାବଶାଳୀ ସିଏସ୍‌ଆର ପଦକ୍ଷେପ ଗ୍ରହଣ କରିଆସୁଛି, ଯାହା ଏହି ଅଞ୍ଚଳରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଏବଂ ସାମାଜିକ-ଆର୍ଥିକ ବିକାଶରେ ଯୋଗଦାନ ଦେଉଛି।

# ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନଲାଇନ୍ ମତାମତ ଓ ମୂଲ୍ୟାୟନ ଗ୍ରହଣ ବ୍ୟବସ୍ଥା ଉଦ୍ଘାଟିତ

ବଲାଙ୍ଗିର,(ହି.ସ.): ଓଡ଼ିଶାରେ ପ୍ରଥମ ଥର ପାଇଁ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନଲାଇନ୍ ମତାମତ ଓ ମୂଲ୍ୟାୟନ ଗ୍ରହଣ ବ୍ୟବସ୍ଥା ଉଦ୍ଘାଟିତ ହୋଇଯାଇଛି । ଏହାଦ୍ୱାରା ଡାକ୍ତରଖାନାକୁ ଆସୁଥିବା ରୋଗୀ ତଥା ସେମାନଙ୍କ ପରିଜନଙ୍କ ମତାମତ ଆଧାରରେ ଆହୁରି ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ବୋଲି ଜଣାଯାଇଛି । ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଡିଜିଟାଲ ସେବାର ଉନ୍ମୋଚନ ତଥା ଲୋକାର୍ପଣ କରିଥିଲେ ।

ପୂର୍ବରୁ ଏହି ସେବା ମେନୁଏଲ୍ ମାଧ୍ୟମରେ ହେଉଥିବା ଯୋଗୁଁ ରୋଗୀ ତଥା ସେମାନଙ୍କ ପରିଜନଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି ହେଉଥିଲା । ଡିଜିଟାଲ ସିଷ୍ଟମରେ କ୍ୟୁଆର କୋଡକୁ ସ୍କାନ କରି ଲୋକେ ସ୍ୱକୀୟ ମତାମତ ଦେଇପାରିବେ, ଯେଉଁଥିରେ କି କୌଣସି ଓଟିପିର ଆବଶ୍ୟକତା ନାହିଁ । ହସ୍ପିଟାଲରେ ଉପଲବ୍ଧ ଔଷଧ ବିତରଣ ସେବା ସାଙ୍ଗକୁ ସଫାସୁତୁରା, ଅନ୍ତଃ ବିଭାଗ, କର୍ମଚାରୀଙ୍କ ବ୍ୟବହାର, ରୋଗୀ ସେବାରେ ବିଳମ୍ବ ସମେତ ସମସ୍ତ ବିଭାଗର ସେବା ଉପରେ ରୋଗୀ ତଥା ସେମାନଙ୍କ ପରିଜନ ମତାମତ ଉପସ୍ଥାପନ କରିପାରିବେ । ସେମାନଙ୍କ ମତାମତକୁ ଆଧାର କରି ପରବର୍ତ୍ତୀ ସମୟରେ ଡାକ୍ତରଖାନାର ଆହୁରି ଉନ୍ନତି ପାଇଁ ପଦକ୍ଷେପ ନିଆଯାଇପାରିବ ବୋଲି ହସ୍ପିଟାଲ ଅଧୀକ୍ଷକ ଡ. ଶେଖରଲାଲ ପଧାନ ସୂଚନା ଦେଇଛନ୍ତି । କାୟାକଳ୍ପ ଯୋଜନାରେ ଲୋଇସିଂହା ଡାକ୍ତରଖାନାକୁ ମିଳିଥିବା ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଅର୍ଥକୁ ଏହି ସେବାରେ ବିନିଯୋଗ କରାଯାଇଥିବା ଜଣାଯାଇଛି ।

ଏହି ଲୋକାର୍ପଣ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର, ଡ. ସଞ୍ଜୀବ କୁମାର ବିଶ୍ୱାଳ, ଡ. ଶୁଭେନ୍ଦୁ ପଧାନ, ଡ. ଯଶୋବନ୍ତ ପାଢ଼ୀଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଲୋକଙ୍କୁ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ପୂର୍ବରୁ ଅନେକ ଉଦାହରଣ ସୃଷ୍ଟି କରିଥିବା ହସ୍ପିଟାଲ ଅଧିକ୍ଷକ ଡା. ଶେଖରଲାଲ ପଧାନଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଜୁନ୍ ୨୪ରେ ରାଜ୍ୟବ୍ୟାପୀ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ହି.ସ.)- ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ଶାସନ କାଳ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଜୁନ୍ ୨୪, ୨୦୨୬ରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ରାଜ୍ୟବ୍ୟାପୀ 'ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ' ଆରମ୍ଭ କରାଯିବ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ନାଗରିକମାନଙ୍କ ସହ ସମ୍ପର୍କକୁ ଅଧିକ ଦୃଢ଼ କରିବା, ସହରୀ ବିକାଶ କ୍ଷେତ୍ରରେ ହାସଲ ହୋଇଥିବା ପ୍ରମୁଖ ସଫଳତାଗୁଡ଼ିକୁ ପ୍ରଦର୍ଶିତ କରିବା ଏବଂ ଓଡ଼ିଶାର ସହରାଂଚଳର ଭବିଷ୍ୟତକୁ ସମୃଦ୍ଧ କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ।ଏହି ପରିପ୍ରେକ୍ଷୀରେ, ରାଜ୍ୟ ସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ ପୁରୀ ପୌରପାଳିକାର ଟାଉନ୍ ହଲ୍ ?ଠାରେ ଅପରାହ୍ନ ୩:୩୦ ମିନିଟ୍ ?ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଗରିମାମୟ ଉପସ୍ଥିତିରେ ଅନୁଷ୍ଠିତ ହେବ । ଏହା ସହିତ ସମାନ୍ତରାଳ ଭାବେ ରାଜ୍ୟର ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା, ଯେପରିକି ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଂଚଳ ପରିଷଦ ଗୁଡ଼ିକରେ ମଧ୍ୟ ସମାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯାହାଫଳରେ ତୃଣମୂଳ ସ୍ତରରେ ନାଗରିକମାନଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରାଯାଇପାରିବ ।

ଏହି କାର୍ଯ୍ୟକ୍ରମ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ – ସମାବେଶୀ ସହର – ସ୍ଥାୟୀ ସହରାଂଚଳ ଭବିଷ୍ୟତ" ବିଷୟବସ୍ତୁ ଆଧାରରେ ଆୟୋଜିତ ହେଉଛି । ବିଗତ ଦୁଇ ବର୍ଷ ମଧ୍ୟରେ ସହରାଂଚଳର ବିଭିନ୍ନ କ୍ଷେତ୍ର ଯେପରିକି ପାନୀୟ ଜଳ ଯୋଗାଣ, ପରିମଳ, ସୁଲଭ ମୂଲ୍ୟରେ ବାସଗୃହ, ସହରୀ ଭିତ୍ତିଭୂମି, ସାଧାରଣ ପରିବହନ ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତିକୁ ସାମ୍ନାକୁ ଆଣି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ନାଗରିକମାନଙ୍କ ମଧ୍ୟରେ ଥିବା ସୂଚନାଗତ ବ୍ୟବଧାନକୁ ଦୂର କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଅଟେ । ଏହି ସମ୍ପର୍କ ଅଭିଯାନ ନାଗରିକ ଓ ସରକାରଙ୍କ ମଧ୍ୟରେ ଭାଗିଦାରୀକୁ ସୁଦୃଢ଼ କରିବା ସହ 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭ ର ପରିକଳ୍ପନା ଅନୁଯାୟୀ ଓଡ଼ିଶାର ବିକାଶ ଯାତ୍ରାରେ ଜନସାଧାରଣଙ୍କ ମଧ୍ୟରେ ମାଲିକାନା ଭାବନା ଜାଗ୍ରତ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

# ବିଭାଗୀୟ ଉପସଚିବଙ୍କ ଅଙ୍ଗନବାଡ଼ି ପରିଦର୍ଶନ

ନୟାଗଡ଼,(ନିପ୍ର): ମହିଳା ଓ ଶିଶୁ ବିକାଶ ବିଭାଗର ଉପ-ସଚିବ ମୋନାଲିଶା ଦେବତା ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେ ଖଣ୍ଡପଡା ବ୍ଲକର ତେନ୍ତୁଳିଆ ପଲ୍ଲୀ ଏବଂ ନୟାଗଡ଼ ବ୍ଲକର ଶିଖରାପୁର ଓ କ୍ରୀଦାଶପୁର ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସେ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିକର ଖାଦ୍ୟ, ପ୍ରାକ୍-ପ୍ରାଥମିକ ଶିକ୍ଷା ଏବଂ କେନ୍ଦ୍ରଗୁଡ଼ିକର ସାମଗ୍ରିକ କାର୍ଯ୍ୟକ୍ଷମତାର ସମୀକ୍ଷା କରିଥିଲେ। ଶିଶୁମାନଙ୍କ ସହ ଆଲୋଚନା କରି ସେମାନଙ୍କର ଶିକ୍ଷା ଓ ବିକାଶ ସମ୍ପର୍କରେ ଅବଗତ ହେବା ସହିତ ଗୁଣାତ୍ମକ ପୁଷ୍ଟି, ଯତ୍ନ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ।



ଏହି ପରିଦର୍ଶନ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଜିଲ୍ଲା ସଂଯୋଜକ (ପୋଷଣ), ଜିଲ୍ଲା ସଂଯୋଜକ , ସମ୍ପୃକ୍ତ ସି ଡି ପି ଓ, ସୁପରଭାଇଜର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପରିଦର୍ଶନ କାର୍ଯ୍ୟରେ ସହଯୋଗ କରିଥିଲେ।

# କିର୍ମିରା ବ୍ଲକରେ ବିଭିନ୍ନ ଗମନାଗମନ ପ୍ରକଳ୍ପର ଶିଳାନ୍ୟାସ

ଝାରସୁଗୁଡ଼ା,(ହି.ସ.): ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ ଅଞ୍ଚଳରେ ଯୋଗାଯୋଗ ଏବଂ ଭିତ୍ତିଭୂମିର ଉନ୍ନତି ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା କିର୍ମିରା ବ୍ଲକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିବା ସହ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏହି ପ୍ରକଳ୍ପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ପ୍ରକାଶ କରିଛନ୍ତି। କିର୍ମିରା ବ୍ଲକ ଅଧୀନରେ ୪ଟି ପ୍ରମୁଖ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି।

ଏହି ଅବସରରେ ଆର.ଡି. ବିଭାଗ ଅଧୀନରେ ପ୍ରାୟ ୪ଟି ପ୍ରମୁଖ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାପାଲିରୁ ଜାମକାନି ରାସ୍ତା, ରାଜ୍ୟ ଯୋଜନା ଅଧୀନରେ ଝାରମାଲରୁ କିର୍ମିରା ଭାୟା ବିଦମାଲ ରାସ୍ତା, କୋଲାପଡ଼ାରୁ ଭୀମଜୋର ଆର.ଡି. ରାସ୍ତା ଭାୟା ସୁୟାନପଡ଼ା ଏବଂ ଠାକୁରପଡ଼ାରୁ ଲୁଢ଼ାପଡ଼ା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସାମିଲ ରହିଛି। ଏହି ସମସ୍ତ ରାସ୍ତା ନିର୍ମାଣ ହେବା ଫଳରେ ସ୍ଥାନୀୟ ଗ୍ରାମାଞ୍ଚଳର ବହୁ ଲୋକ ଉପକୃତ ହେବେ। ଆଜିର ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବହୁ ବିଭାଗୀୟ ଅଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ବିଭାଗୀୟ ଅଧିକାରୀ ଜେ. କେ. ମେହେର, ଏସ.ଡି.ଓ ବନମାଳୀ ନାଏକ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

ଏହା ସହିତ ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ବିଶିଷ୍ଟ ନେତା ବାବୁଲା କିସାନ, ଝସକେତନ ପ୍ରଧାନ, ଯାମିନୀକାନ୍ତ ନାଏକ, ସନ୍ଦୀପ ପଟେଲ, ପ୍ରଦୀପ କିସାନ, ଶୁଭମ ସାହୁ, ବିକ୍ରମ କିସାନ, ପବନ ଶର୍ମା, ବିକି ଶର୍ମା, ହେମନ୍ତ ଜାମଧୁଳିଆ, ନିରଞ୍ଜନ ପ୍ରଧାନ, ଦଶରଥ ନାଏକ, ଅନିଲ ଖଡିଆ, ଯଶୋବନ୍ତି କିସାନ ଏବଂ କବିତା ଜୟପୁରିଆଙ୍କ ସମେତ ସ୍ଥାନୀୟ ବହୁ ବ୍ୟକ୍ତି ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଭଦ୍ରକରେ ଯୋଗ ଦିବସ

ଭଦ୍ରକ,(ନିପ୍ର): ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅବସରରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଭବ୍ୟ ଓ ଉତ୍ସାହପୂର୍ଣ୍ଣ ଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ୩୦୦ରୁ ଅଧିକ ଲୋକ ଏଥିରେ ଯୋଗଦେଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ସ୍ଥାନୀୟ ସଂଗଠନ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଂଘର ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।ପ୍ରଶିକ୍ଷିତ ଯୋଗ ଗୁରୁମାନଙ୍କ ଦ୍ୱାରା ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ପ୍ରଦର୍ଶନ କରାଯାଇଥିବାବେଳେ ଯୋଗର ସ୍ୱାସ୍ଥ୍ୟଗତ ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା ।ଏହି ଅବସରରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଦେବବ୍ରତ ମହାପାତ୍ର, ଏନ୍‌ସିସି କର୍ନେଲ ଏସ୍.ଏସ୍. ରଘୁବଂଶୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।ସାଂସଦ ଶ୍ରୀ ସେଠୀ ଯୋଗର ମହତ୍ତ୍ୱ ଓ ବିଶ୍ୱସ୍ତରରେ ଏହାର ସ୍ୱୀକୃତି ହାସଲ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ଜୋନସ୍ତରରେ ଯୋଗ ଦିବସପାଳନ କରାଯାଇଥିବାରୁ ବହୁ ସଂଖ୍ୟକ ଲୋକ ଏହାର ସୁଫଳ ପାଇଛନ୍ତି । ଯୋଗ ପ୍ରତି ଆଗ୍ରହ ବୃଦ୍ଧି ପାଇଛି। ଆଗାମୀ ବର୍ଷଗୁଡ଼ିକରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଓ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ ।ଜିଲ୍ଲାପାଳ ଶ୍ରୀ ରାଉତରାୟ ଯୋଗର ଐତିହାସିକ ପରମ୍ପରା, ବୈଜ୍ଞାନିକ ଦିଗ ଓ ବିଶ୍ୱବ୍ୟାପୀ ଗ୍ରହଣୀୟତା ଉପରେ ଆଲୋଚନା କରିଥିଲେ।

# ଅର୍ଜୁନପୁର ପଞ୍ଚାୟତରେ ରାସ୍ତା କାମକୁ ନେଇ ଉତ୍ତେଜନା

ଧାମନଗର,(ନିପ୍ର): ଧାମନଗର ବ୍ଲକରେ ଶାସକ ଦଳ ଭିତରେ ଦୀର୍ଘଦିନ ଧରି ଚାଲିଆସୁଥିବା ଗୋଷ୍ଠୀ କନ୍ଦଳ ବର୍ତ୍ତମାନ ଖୋଲାଖୋଲି ଭାବେ ପଦାକୁ ଆସିଛି। ଅର୍ଜୁନପୁର ପଞ୍ଚାୟତରେ ରବିବାର ଏକ ବିକାଶମୂଳକ ରାସ୍ତା କାମକୁ କେନ୍ଦ୍ର କରି ଗୋଟିଏ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ବିବାଦ ଧାମନଗର ରାଜନୈତିକ ମହଲରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ଅର୍ଜୁନପୁର ପଞ୍ଚାୟତର ତରେଇସାହି ହନୁମାନ ମନ୍ଦିରଠାରୁ ବୈତରଣୀ ବନ୍ଧ ଏବଂ ବାସୁଦେବ ମନ୍ଦିର ବନ୍ଧରୁ ଶୈଳ ପାଣିଟାଙ୍କ ପର୍ଯ୍ୟନ୍ତ ଦୁଇଟି ରାସ୍ତାର ମରାମତି ଓ ଉନ୍ନତିକରଣ ପାଇଁ ହେଉଥିବା ଏଫ୍‌ଡିଆର୍ କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। କାର୍ଯ୍ୟସ୍ଥଳରେ ଲଗାଯାଇଥିବା ଫଳକର ଲେଖାକୁ ଲିଭାଇବାକୁ ନେଇ ସମର୍ଥକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ହୋଇଥିଲା। ପରବର୍ତ୍ତୀ ସମୟରେ ପରିସ୍ଥିତି ଉତ୍ତପ୍ତ ହୋଇ ମାରପିଟରେ ପରିଣତ ହୋଇଥିଲା। ଏହି ଘଟଣା ପରେ ଧାମନଗର ବ୍ଲକରେ ଶାସକ ଦଳର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ବ୍ଲକର ବିଭିନ୍ନ ପଞ୍ଚାୟତରେ ଦଳ ଭିତରେ ଏକାଧିକ ଗୋଷ୍ଠୀ ସକ୍ରିୟ ରହିଥିବା ବେଳେ ପଦପଦବୀ ବଣ୍ଟନ, ଦଳୀୟ କାର୍ଯ୍ୟକ୍ରମର ନେତୃତ୍ୱ ଓ ବିକାଶ କାର୍ଯ୍ୟର ଶ୍ରେୟ ନେବାକୁ ନେଇ ଅସନ୍ତୋଷ ବଢୁଥିବା ଚର୍ଚ୍ଚା ହେଉଛି। ତେବେ ଏପର୍ଯ୍ୟନ୍ତ ଏହି ମତଭେଦ ଦଳ ଭିତରେ ସୀମିତ ରହିଥିଲେ ମଧ୍ୟ ଅର୍ଜୁନପୁର ଘଟଣା ତାହାକୁ ସର୍ବସମ୍ମୁଖକୁ ଆଣିଛି ।ଅର୍ଜୁନପୁରର ଘଟଣା ପରେ ବ୍ଲକ ବିଜେପିରେ ସମନ୍ୱୟ ଅଭାବ ଏବଂ ନେତୃତ୍ୱର କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଛି। ଦଳ ଭିତରେ ଦେଖାଦେଇଥିବା ଏହି ଅନ୍ତର୍ଦ୍ୱନ୍ଦ୍ୱକୁ ନେତୃତ୍ୱ କିପରି ସମାଧାନ କରୁଛି ଓ ଆଗାମୀ ଦିନରେ ସଂଗଠନକୁ କିପରି ଏକଜୁଟ ରଖୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଧାମନଗର ରାଜନୀତିରେ ଅର୍ଜୁନପୁର ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ବୁର୍ଡା ପଞ୍ଚାୟତରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବୁର୍ଡା ପଞ୍ଚାୟତରେ ଦୁଇ ବର୍ଷ ସରକାରଙ୍କର ପୂର୍ତ୍ତି ଅବସରରେ ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ ବୁରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବୁରଡ଼ା ସରପଞ୍ଚ ରାଜା ପାଲଙ୍କ ସଭାପତିତ୍ୱରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଆରତୀ ମିଶ୍ର, କୃଷି ଅଧିକାରୀ ସସ୍ମିତା ଗଡ଼ନାଏକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅଲିଭା ବିଶ୍ୱାଳ, ବୁରଡ଼ା ପଞ୍ଚାୟତ ସମିତିସଭ୍ୟ ସଞ୍ଜୟ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିନୟ କୁମାର ପ୍ରଧାନଙ୍କ ସମେତ ପଞ୍ଚାୟତ ଅନ୍ତର୍ଗତ ସରକାରୀ କର୍ମଚାରୀ ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ । ବୁରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ୩୮୫ ଜଣ ହିତାଧିକାରୀଙ୍କୁ ସରକାରଙ୍କ ସୁଭଦ୍ରା ଯୋଜନାରେ ସହାୟତା ପାଇଛନ୍ତି



ବୋଲି ସରପଞ୍ଚ ରାଜା ପାଲ କହିଥିଲେ । ଯାହାକି ମହିଳା ମା ଭଉଣୀଙ୍କ ପାଇଁ ବହୁତ ବଡ଼ ସାହାର୍ଯ୍ୟ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୫୫୪ ଜଣ ହିତାଧିକାରୀ ବର୍ତ୍ତମାନ ମୁଣ୍ଡ ପିଛା ୫ କେଜି ସ୍ଥାନରେ ୧୦ କେଜି ରାସନ ଚାଉଳ ପାଇବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳାମାନଙ୍କ ପାଇଁ ସମସ୍ତ ଯୋଜନା ବିଷୟରେ କିଭଳି ମହିଳାମାନେ ଉପକୃତ ହେବେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଆରତୀ ମିଶ୍ର ସେ ବିଷୟରେ ବୁଝାଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧୁବାବୁ ପେନସନ ଯୋଜନା ଏବଂ ସୂର୍ଯ୍ୟଘର ବିଷୟରେ ପଞ୍ଚାୟତ ବାସୀଙ୍କୁ ଅବଗତ କରିଥିଲେ । ଶେଷରେ ଯୋଗାଣ ସହାୟକ ସ୍ମାରକ ବିଶ୍ୱାଳ ଧନ୍ୟବାଦ ଜଣେଇ ସଭା ସମାପ୍ତ କଲେ ।

# ହିତାଧିକାରୀଙ୍କୁ ବିଭିନ୍ନ ଯୋଜନା କାର୍ଡ ବଣ୍ଟନ

କାଶୀନଗରଏ(ନିପ୍ର): କାଶୀନଗର ପଞ୍ଚାୟତ ସମିତି ସଦଭାବନା ଗୃହ ପରିସରରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମର ପଞ୍ଚମ ଦିବସରେ ହିତାଧିକାରୀମାନଂକୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ରହିଥିବା କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ପଂଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ କାନ୍ତ ସାହୁ, ସହକାରୀ କୃଷି ଅଧିକାରୀ ଦୀପ୍ତି ମାୟୀ ଅଧିକାରୀ, କୀଡୀଗାଁ ସମିତି ସଭ୍ୟ ଶ୍ରୀଧର ଓ ବୁଦୁରା ସମିତି ସଭ୍ୟ ବାବୁ ରାଓ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଜମି ପଟ୍ଟା, ଅନ୍ତୋଦୟ ଗୃହ କାର୍ଯ୍ୟାଦେଶ, ଅନ୍ନପୂର୍ଣ୍ଣା, ମୃତ୍ତିକା ପରୀକ୍ଷା ଓ ରେସନ କାର୍ଡ ବଣ୍ଟନ କରିବା ସହ ଅଙ୍ଗନବାଡି ମହିଳା ମାନଂକୁ ରାଜ୍ୟ ସରକାର ଯୋଗେଇ ଦେଇଥିବା ଫୋନ ମଧ୍ୟ ବଣ୍ଟନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତାକୁ ପଞ୍ଚାୟତ ସ୍ତରରେ ପହଞ୍ଚେଇବା ପାଇଁ କାଶୀନଗର ପଂଚାୟତ ସମିତି ର ସୀତାପୁର, ସିଧାମଡ଼ଙ୍ଗା, ହାଡୁଭାଙ୍ଗି, ପାର୍ତ୍ତ ଡା, ଖାରଡ଼ା, ଶିଆଳି, ଖଣ୍ଡାବା ଓ ବୁଦୁରା ପଞ୍ଚାୟତ ର ମୁଖ୍ୟ କାର୍ଯ୍ୟାଳୟ ମାନଙ୍କରେ ଓଡିଶା ସାରା କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ବିଷୟରେ ପଞ୍ଚାୟତ ବାସୀଙ୍କୁ ଅବଗତ କରେଇ ଥିଲେ।

# ନୀରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ

ସୋନପୁର,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ଯୋଗ ମହୋତ୍ସବ ସମିତି ଓଡ଼ିଶା ସରକାର ଙ୍କ ସହଯୋଗ ରେ ନୂଆଟାଉନ୍ ହଲ୍ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମା




ପରେ ଜୀବନର ପ୍ରକୃତ ବନ୍ଧୁ ହେଉଛି ଆମ ଶରୀର ବୋଲି କହି ଖାଦ୍ୟପେୟ ଉପରେ ମଧ୍ୟ ଆମେ ନିୟନ୍ତ୍ରଣ ରଖିବା ଅତି ଜରୁରୀ ବୋଲି କହିଥିଲେ। ଏବଂ ଜୀବନକୁ ସୁସ୍ଥ ଓ ସୁନ୍ଦର ରଖିବାର ଏକ ମାତ୍ର ପ୍ରକ୍ରିୟା ହିଁ 'ଯୋଗ' ବୋଲି ଆଜିର ଅତିଥି ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ମତ ରଖିଥିଲେ । ଶେଷରେ 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' ଉପରେ ଅତିଥିମାନେ ଉପସ୍ଥିତ ଯୋଗୀମାନଙ୍କୁ ଶପଥ ପାଠ କରାଇଥିଲେ। ମହିଳା ଯୋଗ ସମିତି ସହ ସହରର ବିଭିନ୍ନ ଯୋଗ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯକ୍ରମରେ ଉପସ୍ଥିତ ଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଯୋଗ ଶିକ୍ଷା ପ୍ରଦାନ କରିଥିଲେ ମନୋଜ ଗୁରୁ, ଯୋଗ ସମିତିରୁ ସଞ୍ଜୟ ମହାପାତ୍ର ଏବଂ ଯୁଦିଷ୍ଠିର ଖମାରି କାର୍ଯକ୍ରମର ଆୟୋଜନ କରିବାରେ ସାହାଯ୍ୟ କରିଥିଲେ।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar no.23 dtd. 17.06.2026, I Rasnara Bibi W/o-Shaikh Gayas, Madhibrahampur, Nuapatana, Ps-Nimapada, Dist-Puri Odisha-754004 do hereby declare that I have changed the name of my daughter's name from Safiya Shaikh to Asfiya Shaikh. Henceforth she shall be known as Asfiya Shaikh for all purposes.

Sd/-Rasnara Bibi

ତିଥି :(ନବମୀ): (ହସ୍ତା କନ୍ୟା)
ଅମୃତ ବେଳା: ଦିବା ଘ ୭ ।୩୭ ମଧ୍ୟେ ଘ ୯ ।୧୩ ଗତେ

## ଆଜିର ଅନୁଚିନ୍ତନ

ସେହି ଭକ୍ତମାନଙ୍କ ପ୍ରତି କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନଦୀପ ଦ୍ୱାରା ନଷ୍ଟ କରିଦିଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଗମ୍ଭୀର ହେଉଛି ଜୀବିକା ସଂକଟ

ତାମିଲନାଡୁର ଏକ ସାମୁଦ୍ରିକ ଖାଦ୍ୟ ରପ୍ତାନି କାରଖାନାରେ କାର୍ଯ୍ୟରତ ଥିବାବେଳେ ୨୧ ଜୁନ୍ ସକାଳେ ଆମୋନିଆ ଗ୍ୟାସ୍ ଲିକ୍ ଘଟିଥିଲା। କିପରି ଏହା ଘଟିଲା ତାହାର ରିପୋର୍ଟ ତଦନ୍ତ ପରେ ଆଗକୁ ଆସିବ। ତେବେ ଏହି ଅଭାବନୀୟ ଘଟଣା କାରଣରୁ ୭ ଜଣ ମହିଳା ଯେଉଁମାନେ କାମ କରି ପରିବାର ଗୁଜରାଣ ମେଣ୍ଟାଉଥିଲେ ସେମାନେ ଅକାଳରେ ଆଖି ବୁଜିଲେ। ଏମାନଙ୍କ ମଧ୍ୟରୁ ୫ ଜଣ ଥିଲେ ଓଡ଼ିଶାର। ଏହି ସୂଚନା ବାର୍ତ୍ତା ଦେଉଛି ଓଡ଼ିଶା ବାହାରେ ଓଡ଼ିଶାର ଶ୍ରମିକଙ୍କ ସ୍ଥିତି ବହୁ ସମୟରେ ବିପଦର ଘେରକୁ ଠେଲି ହୋଇଯାଉଛି ଏବଂ ଘଟଣା କ୍ରମେ କେବେ କେବେ ଜୀବନ ବି ଯାଉଛି। ରାଜ୍ୟ ସରକାର ମହିଳା ଓ ଗରିବଙ୍କ ଉପାର୍ଜନ ପାଇଁ ନାନା ଯୋଜନା କରୁଛନ୍ତି। କିନ୍ତୁ କେଉଁସବୁ କାରଣରୁ ସେମାନେ ଅନ୍ୟ ରାଜ୍ୟମୁହାଁ ହେଉଛନ୍ତି ତାହା ଉପରେ ତଥ୍ୟ ଆଧାରିତ ବିଶ୍ଳେଷଣ ବା ଅନୁଧ୍ୟାନ ଏଯାବତ୍ ହୋଇଥିବା ମନେ ହେଉନାହିଁ। କିନ୍ତୁ ଏପରି ବିଶ୍ଳେଷଣର ଆବଶ୍ୟକତା ଖୁବ୍ ରହିଛି। ବାହାରକୁ ଯାଇ ଖଟିବାବେଳେ ଦୁର୍ଘଟଣାରେ ହେଉ ଅବା ବେମାରରେ ପଡ଼ି ହେଉ ଅବା କାର୍ଯ୍ୟକ୍ଷେତ୍ରର ମାଲିକଙ୍କ ନାନା ନିର୍ଯାତନା କାରଣରୁ ଓଡ଼ିଆ ଦାଦନ ଶ୍ରମିକଙ୍କ ଜୀବନ ହରାଇବା ଘଟଣାର ଦୃଷ୍ଟାନ୍ତ କିଛି କମ୍ ନୁହେଁ।

ନିକଟରେ ରାଜ୍ୟ ସରକାର ଭିଭି ଜି-ରାମ୍‌ଜି (ଗ୍ରାମୀଣ) ଯୋଜନା ପାଇଁ ୧୨୦ଦିନର କାମ ଗ୍ୟାରେଣ୍ଟି ଦେଇଛନ୍ତି। ଏହାକୁ ମଂଜୁରି ଦେଇଛନ୍ତି ରାଜ୍ୟ ସରକାର। ଯୋଜନା ବାବଦରେ ୫,୫୭୫କୋଟି ଟଙ୍କା ଆବଣ୍ଟନ ହୋଇଛି। ପୂର୍ବରୁ ମନରେଗା ଥିଲା। ପ୍ରଶ୍ନ ଉଠୁଛି , ଯଦି ଶ୍ରମିକଙ୍କ ପାଇଁ ଏହି ଯୋଜନା, ସେମାନେ ଏଥିରେ ଠିକ୍ ଭାବରେ କେତେ ସଂଖ୍ୟାରେ ଉପକୃତ ହେଉଛନ୍ତି ? ଯାହା ମନେହୁଏ ଏପରି ଯୋଜନାରେ ମିଳୁଥିବା ମଜୁରି ନେଇ ସେମାନେ କେତେ ସନ୍ତୁଷ୍ଟ ସେ ବାବଦରେ ସର୍ବେକ୍ଷଣ ହୋଇନାହିଁ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପାଇଁ ୧୫୦କୋଟି ଓ ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୧୩୩୩କୋଟି ଆବଣ୍ଟନ ହୋଇଛି। ପ୍ରଶ୍ନ ହୋଇପାରେ ଏସବୁ ଯୋଜନା କେତେ ଦୂର କାମ ଖୋଜୁଥିବା ଗରିବ ଲୋକଙ୍କ ନିକଟରେ ପହଞ୍ଚିବାରେ ସାମର୍ଥ୍ୟ ହାସଲ କରୁଛି ? ସେ ବାବଦରେ ତଦାରଖ କେତେ ଦୂର ହୋଇଛି ? ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟର ମୋଟ ବଜେଟ ଅଟକଳ ୩ଲକ୍ଷ ୧୦ହଜାର କୋଟି ଟଙ୍କା। ଯାହାକି ବିଗତ ବର୍ଷର ବଜେଟ ଅଟକଳ ଠାରୁ ପ୍ରାୟ ୭ ପ୍ରତିଶତ ଅଧିକ। ଆଶା ରଖିବା ଅସ୍ୱାଭାବିକ ହେବନାହିଁ ଯେ ଏହି ବର୍ଦ୍ଧିତ ଅଟକଳ ଜରିଆରେ କାମ ପାଉନଥିବା ଗରିବ ଲୋକ ଉପକୃତ ହେବେ। କିନ୍ତୁ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ? ଏତେସବୁ ସତ୍ତ୍ୱେ କାହିଁକି ବାହାର ରାଜ୍ୟକୁ ପେଟପାଟଣା ପାଇଁ ଧାଇଁ ଯାଉଛନ୍ତି ଗରିବ ଓଡ଼ିଆ ? କାହିଁକି ସେ ବାବଦେ ଖୋଳତାଡ଼ ହେଉନାହିଁ ? ଅନ୍ତତଃପକ୍ଷେ ତୃଣମୂଳସ୍ତରରେ ଅଧିକାରୀମାନେ ପହଞ୍ଚି ଶ୍ରମିକଙ୍କୁ କାମ ଯୋଗାଇ ଅଟକାଇପାରନ୍ତେ।

ମହିଳାଙ୍କ ଉନ୍ନତି ହେଲେ ସମାଜର ପ୍ରଗତି ହୋଇପାରିବ। ଭାରତର ଜନସଂଖ୍ୟାର ପ୍ରାୟ ଅଧାଭାଗ ହେଉଛନ୍ତି ମହିଳା। ଆମ ଦେଶ ଗଠନରେ ସେମାନଙ୍କ ଅବଦାନ ଅତୁଳନୀୟ ତଥା ଅମୂଲ୍ୟ। ଆଜି ଭାରତର ପ୍ରତିଟି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିବାରୁ ଦେଖିବାକୁ ମିଳୁଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଳୟ ଠାରୁ ଆରମ୍ଭ ଉଦ୍ୟୋଗ ପର୍ଯ୍ୟନ୍ତ, କ୍ରୀଡ଼ା ଠାରୁ ପ୍ରତିରକ୍ଷା ବାହିନୀ ଏବଂ ସଂଗୀତ ଠାରୁ କଳା ପର୍ଯ୍ୟନ୍ତ ସବୁଠୁ ମହିଳାମାନେ ଭାରତର ପ୍ରଗତିରେ ଅଗ୍ରଭାଗରେ ଅଛନ୍ତି। ଏପରି ଗୋଲାପୀ ଚିତ୍ର ଆଙ୍କିବା ବେଳେ ତୁଙ୍ଗ ନେତୃତ୍ୱମାନେ ଗ୍ରାମାଞ୍ଚଳରେ କିଭଳି ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି ମିଳିପାରିବ ସେଥିନେଇ ବାସ୍ତବତା ଅଭିମୁଖୀ ପଦକ୍ଷେପ ଗ୍ରହଣ କରିବା ଉପଯୁକ୍ତ ହେବ।

# ସୋସିଆଲ୍ ମିଡିଆ ଟ୍ରାୟାଲ୍

## ସୌମ୍ୟ ରଞ୍ଜନ ଦାଶ

ନ୍ୟାୟର ମନ୍ଦିରରେ ବିଚାରପତିଙ୍କ କଲମ ଚାଲିବା ପୂର୍ବରୁ ଯଦି ସ୍ମାର୍ଟଫୋନର ସ୍କ୍ରିନରେ କାହାର ଭାଗ୍ୟ ନିର୍ଦ୍ଧାରଣ ହୋଇଯାଏ, ତେବେ ଗଣତନ୍ତ୍ରର ସ୍ତମ୍ଭ ଦୋହଲିବା ସ୍ୱାଭାବିକ। ଆଜିର ଡିଜିଟାଲ୍ ଯୁଗରେ ଅଦାଲତର ଗମ୍ଭୀର ନୀରବତାକୁ ଭେଦ କରି ସୋସିଆଲ୍ ମିଡିଆର କୋଳାହଳ ଏକ ସମାନ୍ତରାଳ ନ୍ୟାୟବ୍ୟବସ୍ଥା ଛିଡ଼ା କରିଛି। ଟ୍ରେଣ୍ଡିଂ ହ୍ୟାସ୍‌ଟ୍ୟାଗ୍, ଭାଇରାଲ୍ ଭିଡିଓ, ୟୁଟ୍ୟୁବ୍ ଡିବେଟ୍ ଏବଂ ଲାଇଭ୍ ଷ୍ଟ୍ରିମିଂ ଜରିଆରେ ଏକ ଅଦୃଶ୍ୟ ଭିଡ଼ ଆଜି ବିଚାରପତି ସାଜିଛି। ଏହି ଭିଡ଼ ପ୍ରଶ୍ନ କରେ ନାହିଁ, ବରଂ ସିଧାସଳଖ ରାୟ ଶୁଣାଇଦିଏ— 'ଏହି ବ୍ୟକ୍ତି ଜଣକ ଦୋଷୀ'। ଅଦାଲତର ବିଧିବଦ୍ଧ ଶୁଣାଣି ପୂର୍ବରୁ ସାର୍ବଜନୀକ ମଞ୍ଚରେ ଜଣେ ବ୍ୟକ୍ତିଙ୍କ ଚରିତ୍ର ସଂହାର କରିବା ଏବଂ ତାଙ୍କୁ ସମାଜ ଆଖିରେ ଅପରାଧୀ ସଜାଇବା ପ୍ରକ୍ରିୟାକୁ ହିଁ 'ସୋସିଆଲ୍ ମିଡିଆ ଟ୍ରାୟାଲ୍' କୁହାଯାଉଛି, ଯାହା ଆଜିର ସମୟରେ ନ୍ୟାୟିକ ସଂସ୍କାର ପାଇଁ ଏକ କର୍କଟ ସଦୃଶ ବ୍ୟାଧି। ୬

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ପ୍ରତ୍ୟେକ ନାଗରିକଙ୍କୁ 'ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା'ର ଅଧିକାର ପ୍ରଦାନ କରିଛି। ଏହି ଅଧିକାର କେବଳ ବଞ୍ଚିବାର ଅଧିକାର ନୁହେଁ, ବରଂ ଏକ ନିଷ୍ପକ୍ଷ ଏବଂ ଯୁକ୍ତିସଙ୍ଗତ ବିଚାର ପ୍ରକ୍ରିୟାର ଅଧିକାର ମଧ୍ୟ ଅନ୍ତର୍ଭୁକ୍ତ କରେ। ଅନ୍ୟପଟେ, ଅନୁଚ୍ଛେଦ ୧୯(୧)(କ) ଆମକୁ ମତ ପ୍ରକାଶର ସ୍ୱାଧୀନତା ଦେଇଛି, ଯାହା ଗଣତନ୍ତ୍ରର ପ୍ରାଣକେନ୍ଦ୍ର। କିନ୍ତୁ ଏହି ସ୍ୱାଧୀନତା ଅସୀମ କିମ୍ବା ଅନିୟନ୍ତ୍ରିତ ନୁହେଁ। ଅନୁଚ୍ଛେଦ ୧୯(୨) ଅନୁଯାୟୀ, ରାଷ୍ଟ୍ରର ସୁରକ୍ଷା, ସାଧାରଣ ଶୃଙ୍ଖଳା ଏବଂ ନ୍ୟାୟାଳୟର ଅବମାନନା ଭଳି କ୍ଷେତ୍ରରେ ଏହି ସ୍ୱାଧୀନତା ଉପରେ ଯୁକ୍ତିସଙ୍ଗତ କଟକଣା ରହିଛି। ଯେତେବେଳେ ସୋସିଆଲ୍ ମିଡିଆରେ କୌଣସି ଅଭିଯୁକ୍ତଙ୍କୁ ନେଇ ଉନ୍ମାଦନା ସୃଷ୍ଟି କରାଯାଏ, ସେତେବେଳେ ସେହି ବ୍ୟକ୍ତିଙ୍କର 'ନିର୍ଦ୍ଦୋଷ ଭାବେ ଗଣ୍ୟ ହେବାର ଅଧିକାର'କ୍ଷୁଣ୍ଣ ହୋଇଥାଏ। ଆଇନର ମୂଳ ନୀତି ହେଉଛି, 'ଶହେ ଜଣ ଅପରାଧୀ ଖଲାସ ହୋଇଯାଆନ୍ତୁ ପଛେ, ଜଣେ ବି ନିର୍ଦ୍ଦୋଷ ଯେମିତି ଦଣ୍ଡ ନ ପାଉ।' କିନ୍ତୁ ସୋସିଆଲ୍ ମିଡିଆର ଏହି କଙ୍ଗାରୁ କୋର୍ଟରେ ଏହି ନୀତିର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳୁଛି।

ବର୍ତ୍ତମାନର ସ୍ଥିତି ଏପରି ଯେ, ଅନେକ ସୋସିଆଲ୍ ମିଡିଆ ବ୍ୟବହାରକାରୀ ଓ କିଛି ଡିଜିଟାଲ୍ ଚ୍ୟାନେଲ୍ ନିଜକୁ 'ସ୍ୱୟଂଘୋଷିତ ତଦନ୍ତକାରୀ' ଭାବେ ଉପସ୍ଥାପନ କରୁଛନ୍ତି। କୌଣସି ଘଟଣା ଘଟିବାର କିଛି ମିନିଟ୍ ମଧ୍ୟରେ ସେମାନେ ନିଜସ୍ୱ ତଦନ୍ତ ଆରମ୍ଭ କରିଦିଅନ୍ତି। କିଛି କ୍ଷଣର ଭିଡିଓ କ୍ଲିପ୍, ଅଧୁରା ହ୍ୱାଟ୍ସଆପ୍ ଚାଟ୍ କିମ୍ବା କେବଳ ଅନୁମାନକୁ ନେଇ ବଡ଼ ବଡ଼ ଗଳ୍ପ ଗଢ଼ାଯାଏ। 'ବଡ଼ ଖୁଲାସା', 'ସତ୍ୟର ମୁହାଁମୁହିଁ' କିମ୍ବା 'ସିଧା ପ୍ରସାରଣ' ଭଳି ଆକର୍ଷଣୀୟ ଶିରୋନାମ ଦେଇ ଲୋକଙ୍କ ଆବେଗ ସହ ଖେଳାଯାଏ। ଏହି ଉତ୍ତେଜନା ସତ୍ୟ ଉନ୍ମୋଚନ ପାଇଁ ନୁହେଁ, ବରଂ ଡିଜିଟାଲ୍ ଦୁନିଆରେ 'ଭିଉସ୍', 'ଲାଇକ୍' ଏବଂ 'ସବସ୍କ୍ରାଇବ' ବଢ଼ାଇବା ପାଇଁ ଏକ ବ୍ୟବସାୟିକ ଅସ୍ତ୍ର। ଭାଇରାଲ୍ ହେବାର ନିଶା ଏବେ ସାମାଜିକ ଦାୟିତ୍ୱବୋଧକୁ ପଛରେ ପକାଇ ଦେଇଛି। ଯେତେ ବିବାଦୀୟ ତଥ୍ୟ, ସେତେ ଅଧିକ ରାଜସ୍ୱ—ଏହି ମୋନିଟାଇଜେସନ୍ ମଡେଲ୍ ସତ୍ୟର ପରିଭାଷାକୁ ବଦଳାଇ ଦେଇଛି। ଅନେକ ସମୟରେ ଅର୍ଦ୍ଧସତ୍ୟ ଓ ଗୁଜବକୁ ଏପରି ଭାବେ ପରଷାଯାଏ ଯେ, ସାଧାରଣ ଜନତା ତାହାକୁ ପୂର୍ଣ୍ଣ ସତ୍ୟ ବୋଲି ଧରିନିଅନ୍ତି, ଫଳରେ ଏକ ନିର୍ଦ୍ଦୋଷ ବ୍ୟକ୍ତିର ସାମାଜିକ ସମ୍ମାନ ମାଟିରେ ମିଶିଯାଏ। ଏହି ସମାନ୍ତରାଳ ବିଚାର ପ୍ରକ୍ରିୟା ଆଇନଗତ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ଭାରତୀୟ ଦଣ୍ଡ ସଂହିତା ଏବଂ ନୂତନ ଭାବେ ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତାରେ ମାନହାନିକୁ ଅପରାଧ ଶ୍ରେଣୀଭୁକ୍ତ କରାଯାଇଛି। ସେହିପରି 'କଣ୍ଟେମ୍ପ୍ଟ ଅଫ୍ କୋର୍ଟ ଆକ୍ଟ, ୧୯୭୧' ସୋସିଆଲ୍ ମିଡିଆ କର୍ତ୍ତୃପକ୍ଷଙ୍କ ପାଇଁ ଏକ ଚେତାବନୀ ସଦୃଶ। ଯଦି କୌଣସି ପ୍ରଚାର ବା ପ୍ରସାରଣ ନ୍ୟାୟାଳୟର ସ୍ୱାଧୀନ କାର୍ଯ୍ୟଧାରାରେ ବାଧା ସୃଷ୍ଟି କରେ କିମ୍ବା ବିଚାରପତିଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରେ, ତେବେ ତାହା ନ୍ୟାୟାଳୟର ଅବମାନନା ଭାବେ ଗଣ୍ୟ ହେବ। ଏହା ବ୍ୟତୀତ 'ତଥ୍ୟ ପ୍ରଯୁକ୍ତି ଆଇନ, ୨୦୦୦' ର ବିଭିନ୍ନ ଧାରା ମଧ୍ୟ ଏହି ପରିପ୍ରେକ୍ଷୀରେ ଲାଗୁ ହୋଇପାରେ। (କ୍ରମଶଃ)

ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ
ମୋ ୮୮୯୫୯୫୨୩୧୫

# ନାଇଡୁ କମିଶନ ରିପୋର୍ଟ: ଓଡ଼ିଶାର 'ମାଧବଦାସ'ମାନଙ୍କୁ ଆଗକୁ ଆସିବାକୁ ହେବ

## ଡ. ସମନ୍ୱୟ ନନ୍ଦ

**"ନିୟୋଗୀ କମିଶନ ଯାଞ୍ଚ କରିବା ପରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ସରକାରଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରାଯାଇଥିଲା । ତେବେ ସ୍ଥାନ ଅଭାବ କାରଣରୁ ଏଥିରୁ ଅଳ୍ପ କିଛି ସୁପାରିସ ସମ୍ପର୍କରେ ଏଠାରେ ଉଲ୍ଲେଖ କରିବା । କମିଶନ ସୁପାରିସ କରିଥିଲେ ଯେ, ଯେଉଁ ମିଶନାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ପ୍ରଚାର ଓ କନଭର୍ଜନ (ପ୍ରୋସେଲିଟାଇଜେସନ) ଅଟେ, ସେମାନଙ୍କୁ ଭାରତ ଛାଡ଼ିବାକୁ କୁହାଯାଉ ଏବଂ ବହୁ ପରିମାଣରେ ବିଦେଶୀ ମିଶନାରୀମାନଙ୍କ ଆଗମନ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ଲାଗୁ କରାଯାଉ। ଚିକିତ୍ସା ସେବା ଏବଂ ଅନ୍ୟାନ୍ୟ ବୃତ୍ତିଗତ ସେବାଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ କନଭର୍ସନର ମାଧ୍ୟମ ଭାବେ ବ୍ୟବହାର କରିବା ଉପରେ ଆଇନ ଦ୍ୱାରା ନିଷେଧାଜ୍ଞା ଲାଗୁ କରାଯାଉ।**

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ପରବର୍ତ୍ତୀ ହିଂସା ମାମଲାର ଯାଞ୍ଚ ପାଇଁ ଗଠିତ ବିଚାର ବିଭାଗୀୟ କମିଶନ ତଦନ୍ତ ପରେ ଯେଉଁ ରିପୋର୍ଟ ଦେଇଥିଲେ ସେହି ରିପୋର୍ଟ ମିଳୁନାହିଁ । ଏହି ରିପୋର୍ଟ ହଜି ଯିବା ନେଇ ଜଣେ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଲିଖିତ ଅଭିଯୋଗରେ ସେ କହିଛନ୍ତି ଯେ ରିପୋର୍ଟର କପି ଗୃହ ବିଭାଗରୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଯାଇଥିଲା । ହେଲେ ଗତ ସାଧାରଣ ନିର୍ବାଚନର ଫଳାଫଳ ଆସିବା ପରେ ଅନ୍ୟ ସମସ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫେରି ଆସିଥିବା ବେଳେ ନାଇଡୁ କମିଶନଙ୍କ ରିପୋର୍ଟ ଫେରିନାହିଁ । ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଏହି କମିଶନରର ରିପୋର୍ଟ ହଜିଛି ଓ ସରକାରୀ ରେକର୍ଡରେ ନାହିଁ ।

କିଏ ରିପୋର୍ଟ ହଜାଇଛି ତାହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ , ହେଲେ ତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରିପୋର୍ଟ ସାର୍ବଜନୀନ ହେବା ଦ୍ୱାରା ଯେଉଁମାନଙ୍କର କଳା କାରନାମା ପଦାକୁ ଆସି ଯିବାର ଭୟ ଥିଲା, ଅର୍ଥାତ୍ କେଉଁ ମାନେ ଏହି ଦସ୍ତାବେଜକୁ ହଜାଇବା ପଛର ବଡ ଶକ୍ତି ସେମାନଙ୍କୁ ଚିହ୍ନଟ କରିବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବିଚାର ବିଭାଗୀୟ ଯାଞ୍ଚ ରିପୋର୍ଟ ହଜି ଯିବା ପଛର କାରଣ କ'ଣ ହୋଇପାରେ ? ଏହି ରିପୋର୍ଟରେ ଏପରି କ'ଣ ରହିଥିଲା ଯେ କାହା ପାଇଁ ଏହି ରିପୋର୍ଟ ବିପଦଜନକ ହୋଇ ପଡ଼ିଥିଲା ? ରିପୋର୍ଟ ସାର୍ବଜନୀନ ହେଲେ କାହାର ମୁଖା ଖୋଲି ଯିବାର ଭୟ ଥିଲା ? ଯଦି ଏହି ଦିଗରେ ଚିନ୍ତା କରାଯାଏ ତେବେ ଆମେ ଏହା ପଛରେ କେଉଁ ଶକ୍ତିମାନେ ରହିଛନ୍ତି ସେ ବିଷୟରେ ଜାଣି ପାରିବା । ଏହି ରିପୋର୍ଟକୁ ଗାଏବ କରିବା ପଛରେ ଯେଉଁ ଶକ୍ତିମାନେ ଅଛନ୍ତି ସେମାନେ ନାଇଡୁ କମିଶନଙ୍କ ରିପୋର୍ଟ ସହ ପ୍ରଥମ ଥର ପାଇଁ ଏପରି କରୁଛନ୍ତି ବୋଲି ଭାବିବା ଭୁଲ । ସେମାନେ ପୂର୍ବରୁ ମଧ୍ୟ ଏପରି କାମ କରି ସାରିଛନ୍ତି । ଏହି ଲେଖାରେ ସେ ବିଷୟରେ ଆଲୋଚନା କରିବା ।

ମିଶନାରୀମାନଙ୍କର କାର୍ଯ୍ୟକଳାପ ସନ୍ଦିଗ୍ଧ ଓ ଏହାଦ୍ୱାରା ଜାତୀୟ ସୁରକ୍ଷା ବିପନ୍ନ ହେବାର ଆଶଙ୍କା ଥିବାରୁ ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟ ପ୍ରଦେଶ ସରକାରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରବିଶଙ୍କର ଶୁକ୍ଳ ଜଷ୍ଟିସ ଭବାନୀ ଶଙ୍କର ନିୟୋଗୀଙ୍କ ଅଧ୍ୟକ୍ଷତାରେ ଏକ ନ୍ୟାୟିକ କମିଶନ ଗଠନ କରିଥିଲେ । ଏହି କମିଶନରେ ଜଣେ ନିର୍ଦ୍ଦିଷ୍ଟ ଧର୍ମର ସଦସ୍ୟ ଥିଲେ ।

ନିୟୋଗୀ କମିଶନ ମୋଟ ୧୧,୩୬୦ ଜଣ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ । ୭୦୦ଟି ଭିନ୍ନ ଭିନ୍ନ ଗ୍ରାମର ଲୋକଙ୍କୁ ଦେଖା କରି ସେମାନଙ୍କର ସାକ୍ଷାତକାର ନେଇଥିଲେ । କମିଶନ ୧୪ଟି ଜିଲ୍ଲାରେ ଥିବା ହସ୍ପିଟାଲ, ବିଦ୍ୟାଳୟ, ଚର୍ଚ୍ଚ ଏବଂ ଅନ୍ୟାନ୍ୟ ସଂସ୍ଥା ପରିଦର୍ଶନ କରିଥିଲା। ଏହା ସହିତ ସେ ବିଭିନ୍ନ ଅଂଚଳ ଗସ୍ତ କରି ଏମିତି କିଛି ସାକ୍ଷୀଙ୍କ ସହ ଆଲୋଚନା କରିଥିଲା କମିଶନ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, "ଅଣ-ଖ୍ରୀଷ୍ଟିଆନମାନଙ୍କ ପକ୍ଷରୁ ସାଧାରଣ ଅଭିଯୋଗ ଥିଲା ଯେ ନିର୍ଦ୍ଦିଷ୍ଟ ଉପାସନାପୀଠ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଏବଂ ହସ୍ପିଟାଲଗୁଡ଼ିକୁ ନୀରିହ ଲୋକମାନଙ୍କୁ କନଭର୍ଟ କରିବାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଉଛି।"

ରିପୋର୍ଟରେ ଆହୁରି କୁହାଯାଇଥିଲା ଯେ, ଅଭିଯୋଗ ଅନୁସାରେ, ଲୋକମାନଙ୍କୁ ଋଣ ଦିଆଯାଉଥିଲା ଏବଂ ଯଦି ଋଣଗ୍ରାହୀ ନିର୍ଦ୍ଦିଷ୍ଟ ଧର୍ମ ଗ୍ରହଣ କରୁଥିଲେ, ତେବେ ସେହି ଋଣକୁ ମାଫ୍ କରି ଦିଆଯାଉଥିଲା।

ନିୟୋଗୀ କମିଶନ ଯାଞ୍ଚ କରିବା ପରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ସରକାରଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରାଯାଇଥିଲା । ତେବେ ସ୍ଥାନ ଅଭାବ କାରଣରୁ ଏଥିରୁ ଅଳ୍ପ କିଛି ସୁପାରିସ ସମ୍ପର୍କରେ ଏଠାରେ ଉଲ୍ଲେଖ କରିବା । କମିଶନ ସୁପାରିସ କରିଥିଲେ ଯେ, ଯେଉଁ ମିଶନାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ଓ କନଭର୍ଜନ (ପ୍ରୋସେଲିଟାଇଜେସନ) ଅଟେ, ସେମାନଙ୍କୁ ଭାରତ ଛାଡ଼ିବାକୁ କୁହାଯାଉ ଏବଂ ବହୁ ପରିମାଣରେ ବିଦେଶୀ ମିଶନାରୀମାନଙ୍କ ଆଗମନ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ଲାଗୁ କରାଯାଉ। ଚିକିତ୍ସା ସେବା ଏବଂ ଅନ୍ୟାନ୍ୟ ବୃତ୍ତିଗତ ସେବାଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ କନଭର୍ସନର ମାଧ୍ୟମ ଭାବେ ବ୍ୟବହାର କରିବା ଉପରେ ଆଇନ ଦ୍ୱାରା ନିଷେଧାଜ୍ଞା ଲାଗୁ କରାଯାଉ। ବଳପ୍ରୟୋଗ, ଠକେଇ, ପ୍ରଲୋଭନ କିମ୍ବା ଭୌତିକ ଲାଭ ଦେଖାଇ ଧର୍ମାନ୍ତରଣ କରିବାର ପ୍ରୟାସ ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରାଯାଉ। ଏହା ସହିତ, କୌଣସି ବ୍ୟକ୍ତିଙ୍କର ଅନଭିଜ୍ଞତା, ବିଶ୍ୱାସ, ଆଧ୍ୟାତ୍ମିକ ଦୁର୍ବଳତା କିମ୍ବା ଅସାବଧାନତାର ସୁଯୋଗ ନେଇ, ତାଙ୍କର ଧାର୍ମିକ ଚେତନାରେ ହସ୍ତକ୍ଷେପ କରି ତାଙ୍କ ଆସ୍ଥାକୁ ସଚେତନ ଭାବରେ ପରିବର୍ତ୍ତନ କରିବାର ପ୍ରୟାସକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରାଯାଉ। ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ବିନା ଧାର୍ମିକ ପ୍ରଚାର-ପ୍ରସାର ଉଦ୍ଦେଶ୍ୟରେ ପ୍ରକାଶିତ ସାହିତ୍ୟର ବିତରଣ ଏବଂ ପ୍ରଚାର ଉପରେ ନିଷେଧାଜ୍ଞା ଲାଗୁ କରାଯାଉ।

ତେବେ ବର୍ତ୍ତମାନ ମୂଳ ବିଷୟକୁ ଆସିବା । ପ୍ରସିଦ୍ଧ ଲେଖକ ସୀତାରାମ ଗୋଏଲ ହେଉଛନ୍ତି ଭଏସ ଇଣ୍ଡିଆ ପ୍ରକାଶନ ସଂସ୍ଥାର ମୁଖ୍ୟ । ନିୟୋଗୀ କମିଶନର ରିପୋର୍ଟରେ ଯେଉଁମାନଙ୍କର କଳା କାରନାମାର ପର୍ଦ୍ଦାଫାସ ହୋଇଥିଲା ସେମାନେ କ'ଣ କରିପାରନ୍ତି ସେ ସମ୍ପର୍କରେ ସ୍ୱୟଂ ସୀତାରାମ ଗୋଏଲ ନିଜେ ଲେଖିଛନ୍ତି । ନିୟୋଗୀ କମିଶନର ରିପୋର୍ଟକୁ ଭଏସ ଅଫ ଇଣ୍ଡିଆ ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶିତ କରାଯାଇଛି । ଏହାର ମୁଖବନ୍ଧ ସ୍ୱୟଂ ସୀତାରାମ ଗୋଏଲ ଲେଖିଛନ୍ତି । ପୁସ୍ତକର ନାମ ହେଲା, ଭିଣ୍ଡିକେଟେଡ ବାଇ ଟାଇମ, ଦି ନିୟୋଗି କମିଟି ରିପୋର୍ଟ ଅନ ଖ୍ରିଷ୍ଟିଆନ ଆକ୍ଟିଭିଟିଜ । ଏହାର ମୁଖବନ୍ଧରେ ସୀତାରାମ ଗୋଏଲ ଯାହା ଲେଖିଛନ୍ତି ତାକୁ ଏଠାରେ ଉଦ୍ଧୃତ କରାଯାଉଛି ।

"୧୯୮୨ ମସିହାର ଗ୍ରୀଷ୍ମ କାଳର କଥା । ସେତେବେଳେ ମୁଁ ଭଏସ ଇଣ୍ଡିଆ ପ୍ରକାଶନ ସଂସ୍ଥା ଆରମ୍ଭ କରିଥାଏ । ସକାଳୁ ସକାଳୁ ମୋର ନୂଆଦିଲ୍ଲୀ ସ୍ଥିତ ଅଫିସରେ ଜଣେ ବୟସ୍କ ଓ ସ୍ପଷ୍ଟ ଭାବେ ଅସୁସ୍ଥ ଦେଖାଯାଉଥିବା ଜଣେ ସନ୍ନ୍ୟାସୀ ଆସି ପହଞ୍ଚିଲେ । ସେ ଆନ୍ଧ୍ରପ୍ରଦେଶର କୌଣସି ସ୍ଥାନରୁ ଆସିଥିଲେ । କେହି ତାଙ୍କୁ ମୋର ପୁସ୍ତକ ହିନ୍ଦୁ ସୋସାଇଟି ଅଣ୍ଡର ସିଜ ଦେଇଥିଲେ । ସେଥିରେ ପ୍ରକାଶିତ ରେସିଡ୍ୟୁଜ ଅଫ ଖ୍ରୀଷ୍ଟିଆନିଜମ ଅଧ୍ୟାୟ ପଢିବା ପରେ ସେ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ମୁଁ ହିଁ ହେଉଛି ସେହି ବ୍ୟକ୍ତି ଯାହାଙ୍କୁ ସେ ଦୀର୍ଘ ଦିନ ଧରି ଖୋଜୁଥିଲେ । ସେ ତାଙ୍କର ପରିଚୟ ବାବା ମାଧବ ଦାସ ଭାବେ ଦେଲେ ଓ ମୋଟ ଟେବୁଲରେ ତାଙ୍କ ଦ୍ୱାରା ପ୍ରକାଶିତ ନିୟୋଗୀ କମିଶନଙ୍କ ରିପୋର୍ଟର ସାରାଂଶର ଇଂରାଜୀ ଓ ହିନ୍ଦୀ କପି ରଖି ଦେଲେ । "

" ସେ ମୋତେ କହିଲେ, ସରକାରୀ ଦୋକାନମାନଙ୍କରେ ନିୟୋଗୀ କମିଶନଙ୍କ ରିପୋର୍ଟ ଆଉ ଉପଲବ୍ଧ ନାହିଁ, କାରଣ ମିଶନାରୀମାନେ ସରକାରୀ ଦୋକାନରେ ଥିବା ଏହି କମିଶନର ରିପୋର୍ଟର କପିଗୁଡ଼ିକ ଖରିଦ କରି ତାଙ୍କୁ ନଷ୍ଟ କରି ଦେଇଛନ୍ତି । ଲାଇବ୍ରେରୀମାନଙ୍କରେ ମଧ୍ୟ ଏହାର କପି କାଁଭାଁ ମିଳୁଛି । କାରଣ ମିଶନାରୀମାନେ ଏହା ସୁନିଶ୍ଚିତ କରିଛନ୍ତି ଯେ ଉକ୍ତ ରିପୋର୍ଟର କପିକୁ ଲାଇବ୍ରେରୀରୁ ହଟାଇ ଦିଆଯାଉ କିମ୍ବା ତାକୁ ନେବା ପରେ ପୁଣି ଫେରା ନ ଯାଉ ।

ବାବା ମାଧବ ଦାସ ଚାହୁଁଥିଲେ ଯେ ନିୟୋଗୀ କମିଶନର ରିପୋର୍ଟକୁ ସମସ୍ତେ ପଢନ୍ତୁ ଓ ଏହାଦ୍ୱାରା ଭାରତୀୟମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେଉ। ହେଲେ ମିଶନାରୀମାନେ ସୁନିୟୋଜିତ ଭାବେ ଏହି ରିପୋର୍ଟକୁ ପବ୍ଲିକ ଡୋମେନରେ ଉପଲବ୍ଧ କରାଇ ନ ଦେବା କାରଣରୁ ସେ ଦୁଃଖୀ ଥିଲେ । ସେ ଚାହୁଁଥିଲେ ଭଏସ ଅଫ ଇଣ୍ଡିଆ ନିୟୋଗୀ କମିଶନର ରିପୋର୍ଟକୁ ପ୍ରକାଶିତ କରୁ ଯାହାଦ୍ୱାରା ମିଶନାରୀମାନଙ୍କର କଳାକାରନାମା ବିଷୟରେ ଲୋକମାନେ ଅବଗତ ହେବେ ।

ସୀତାରାମ ଗୋଏଲ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଥିବା ଏହି ପ୍ରସଙ୍ଗରୁ ଆମେ ଜାଣି ପାରିବା ଯେ ନାଇଡୁ କମିଶନଙ୍କ ରିପୋର୍ଟ ହଜିବା ପଛରେ ଷଡଯନ୍ତ୍ରକାରୀ କିଏ ? କିଏ ଏପରି କାମ ଆଗରୁ କରି ଆସୁଛି । ବାବା ମାଧବ ଦାସଙ୍କ ପୀଡ଼ା କାରଣରୁ ଆମେ ଆଜି ନିୟୋଗୀ କମିଶନର ରିପୋର୍ଟକୁ ପଢି ପାରୁଛନ୍ତି । ସେ ସୁଦୂର ଆନ୍ଧ୍ରରୁ ଆସି ସୀତାରାମ ଗୋଏଲଙ୍କୁ ଏ ବିଷୟରେ ନ କହିଥିଲେ ହୁଏତ ଏହି କମିଶନର ରିପୋର୍ଟ ଦୁର୍ଲଭ ହୋଇଥାନ୍ତା।

ହେଲେ ନାଇଡୁ କମିଶନଙ୍କ ରିପୋର୍ଟକୁ ତ ସାର୍ବଜନୀନ ହେବା ପୂର୍ବରୁ ହିଁ ହଜାଇ ଦିଆଯାଇଛି । ତେବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଠାରୁ ପ୍ରେରଣା ନେଇ କାମ କରୁଥିବା ଲୋକମାନଙ୍କୁ ବାବା ମାଧବ ଦାସ ସାଜିବାକୁ ପଡିବ । ସେମାନଙ୍କ ଦାୟିତ୍ୱ ହେଲା ଯେ ଏହି ରିପୋର୍ଟକୁ ଖୋଜିବା ସହ ସାର୍ବଜନୀନ ହେଉ, ଏହା ସୁନିଶ୍ଚିତ କରନ୍ତୁ । ଏପରି ହେଲେ କନଭର୍ଜନ କାର୍ଯ୍ୟରେ ଲିପ୍ତ ସଂସ୍ଥାମାନଙ୍କ ସମ୍ପର୍କରେ ଜନ ଜାଗରଣ ହୋଇପାରିବ ।

# ରାମ ମନ୍ଦିର ଟ୍ରଷ୍ଟ ବିବାଦ : ଆଇନ ପ୍ରତି ଅବମାନନା !

## ଅସିତ ମହାନ୍ତି

**"ଆଜି, ଅଯୋଧ୍ୟାର ରାସ୍ତାଗୁଡ଼ିକ ପ୍ରଶ୍ନରେ ପ୍ରତିଧ୍ୱନିତ ହେଉଛି: ଏହି ବିଶ୍ୱାସର କେନ୍ଦ୍ରରୁ ଚୋରି ହେବା ସତ୍ତ୍ୱେ କାହିଁକି ଏଫଆଇଆର ରୁଜୁ ହୋଇନାହିଁ ? ସରକାର କାହିଁକି ନୀରବ ? ପୋଲିସ କାହିଁକି ନିଷ୍କ୍ରିୟ ? ଭକ୍ତଙ୍କ ଆଖିରେ ଲୁହ ଏବଂ ସେମାନଙ୍କ ହୃଦୟରେ ଯନ୍ତ୍ରଣା ଅଛି। ଏହି ଘଟଣା ଆମକୁ ମନେ ପକାଇ ଦେଉଛି ଯେ ଯେତେବେଳେ ବିଶ୍ୱାସର କେନ୍ଦ୍ରରେ ବିଶ୍ୱାସ ଭାଙ୍ଗିଯାଏ, ସେତେବେଳେ ସମାଜର ଆତ୍ମା ଆଘାତପ୍ରାପ୍ତ ହୁଏ। ଏହି ରାମ ମନ୍ଦିର ଟ୍ରଷ୍ଟ ବିବାଦ କେବଳ ଏକ ଆର୍ଥିକ ଠକେଇ ନୁହେଁ, ବରଂ ଭକ୍ତଙ୍କ ଭାବନାର ଅପମାନ।**

ରାମ ମନ୍ଦିରରେ ପ୍ରସାଦ ଏବଂ ଦାନ ସହିତ ଜଡିତ ଅଭିଯୋଗ ଅନିୟମିତତା (ଦାନ ଚୋରି) ମାମଲାରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସଂଖ୍ୟା ନିର୍ଣ୍ଣୟ କରାଯାଇ ନଥିଲେ ମଧ୍ୟ କିଛି ଗଣମାଧ୍ୟମ ରିପୋର୍ଟ ଏବଂ ରାଜନୈତିକ ଦଳ ଦାବି କରିଛନ୍ତି ଯେ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଗାଏବ ହୋଇଛି। ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତ ଦଳ ଏହି ମାମଲାର ତଦନ୍ତ କରୁଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଏଫ୍ଆଇଆର୍ ରୁଜୁ ହୋଇନଥିବା କୁହାଯାଉଛି। ସରକାର ଏବଂ ପୋଲିସର ନୀରବତା ବିବାଦକୁ ଆହୁରି ଘନିଷ୍ଠ କରିଛି। ଆସ୍ଥାର ଏକ କେନ୍ଦ୍ରରୁ ଚୋରି ଅଭିଯୋଗ - ଲକ୍ଷ ଲକ୍ଷ ଭକ୍ତଙ୍କ ଆସ୍ଥାର ପ୍ରତୀକ ରାମ ମନ୍ଦିର ଏକ ବିବାଦରେ ଫସିଛି ଯାହା ଭକ୍ତଙ୍କ ହୃଦୟକୁ ଗଭୀର ଆଘାତ ଦେଇଛି। ମନ୍ଦିରର ଦାନ ବାକ୍ସରୁ କୋଟି କୋଟି ଟଙ୍କା ଗାଏବ ହେବାର ଅଭିଯୋଗ କେବଳ ଆର୍ଥିକ ଅନିୟମିତତା ନୁହେଁ, ବରଂ ଭକ୍ତମାନେ ସେମାନଙ୍କ ଭଗବାନଙ୍କ ପାଦରେ ରଖିଥିବା ବିଶ୍ୱାସର ଚୋରି। ଯେତେବେଳେ ଜଣେ ଭକ୍ତ ମନ୍ଦିରକୁ ସେମାନଙ୍କର କଠିନ ପରିଶ୍ରମର ଟଙ୍କା ଦାନ କରନ୍ତି, ସେମାନେ କେବଳ ଟଙ୍କା ଦିଅନ୍ତି ନାହିଁ, ବରଂ ସେମାନଙ୍କର ଭାବନା, ସେମାନଙ୍କର ଭକ୍ତି ଏବଂ ସେମାନଙ୍କର ବିଶ୍ୱାସ ପ୍ରଦାନ କରନ୍ତି।

କିନ୍ତୁ ଯେତେବେଳେ ସେହି ବିଶ୍ୱାସର କେନ୍ଦ୍ରରୁ ଚୋରି ଅଭିଯୋଗ ଆସେ, ଭକ୍ତମାନେ ରଖିଥିବା ବିଶ୍ୱାସର। ଆଜି, ଅଯୋଧ୍ୟାର ରାସ୍ତାଗୁଡ଼ିକ ପ୍ରଶ୍ନରେ ପ୍ରତିଧ୍ୱନିତ ହେଉଛି: ଏହି ବିଶ୍ୱାସର କେନ୍ଦ୍ରରୁ ଚୋରି ହେବା ନେଇ ସରକାର କାହିଁକି ନୀରବ ? ପୋଲିସ କାହିଁକି ନିଷ୍କ୍ରିୟ ? ଭକ୍ତଙ୍କ ଆଖିରେ ଲୁହ ଏବଂ ସେମାନଙ୍କ ହୃଦୟରେ ଯନ୍ତ୍ରଣା ଅଛି। ଏହି ଘଟଣା ଆମକୁ ମନେ ପକାଇ ଦେଉଛି ଯେ ଯେତେବେଳେ ବିଶ୍ୱାସର କେନ୍ଦ୍ରରେ ବିଶ୍ୱାସ ଭାଙ୍ଗିଯାଏ, ସେତେବେଳେ ସମାଜର ଆତ୍ମା ଆଘାତପ୍ରାପ୍ତ ହୁଏ। ଏହି ରାମ ମନ୍ଦିର ଟ୍ରଷ୍ଟ ବିବାଦ





ଏହା କେବଳ ଟଙ୍କା ଚୋରି ନୁହେଁ, ବରଂ ଭକ୍ତଙ୍କ ଆତ୍ମାକୁ ଆଘାତ ଦିଏ। ନଗଦ ଲୁଚାଇବା, କର୍ମଚାରୀଙ୍କ ଘରୁ ଉଦ୍ଧାର ହୋଇଥିବା ଟଙ୍କା ଏବଂ ଟ୍ରଷ୍ଟ ଅଧିକାରୀମାନଙ୍କ ଉପରେ ଉଠିଥିବା ପ୍ରଶ୍ନ ଦେଖାଯାଉଥିବା ସିସିଟିଭି ଫୁଟେଜ୍ ସମଗ୍ର ମାମଲାକୁ ଆହୁରି ଗମ୍ଭୀର କରିଥାଏ। ପୋଲିସ ଏବଂ ସରକାରଙ୍କ ନୀରବତା କ୍ଷତକୁ ଆହୁରି ଗଭୀର କରିଛି। ଭକ୍ତମାନଙ୍କ ପାଇଁ, ଏହା କେବଳ ଏକ ଆଇନଗତ ମାମଲା ନୁହେଁ; ଏହା ସେମାନଙ୍କ ବିଶ୍ୱାସର ସଙ୍କଟ। ଯେତେବେଳେ ମନ୍ଦିରର ଟ୍ରଷ୍ଟ ସ୍ୱଚ୍ଛତା ଏବଂ ସଚ୍ଚୋଟତା ବଜାୟ ରଖିବାରେ ବିଫଳ ହୁଏ, ଏହା ସେମାନଙ୍କୁ ହୃଦୟ ଭାଙ୍ଗି ଦିଏ। ଏହି ଚୋରି କେବଳ ଟଙ୍କାର ନୁହେଁ, ବରଂ ମନ୍ଦିର ଏବଂ ଟ୍ରଷ୍ଟରେ କେବଳ ଏକ ଆର୍ଥିକ ଠକେଇ ନୁହେଁ, ବରଂ ଭକ୍ତଙ୍କ ଭାବନାର ଅପମାନ। ଯଦି ସ୍ୱଚ୍ଛ ତଦନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଏହି କ୍ଷତ ଭଲ ହେବ ନାହିଁ। ଏହି ଚୋରି ଆମକୁ ବିଶ୍ୱାସ ଏବଂ କ୍ଷମତା ମଧ୍ୟରେ ବିଶ୍ୱାସର ବନ୍ଧନ ଦୁର୍ବଳ ହେବା ଉପରେ ପ୍ରତିଫଳିତ କରିବାକୁ ବାଧ୍ୟ କରେ। ଏବଂ ଏହା ସବୁଠାରୁ ହୃଦୟ ବିଦାରକ ସତ୍ୟ। ଏସ୍ଆଇଟି ତଦନ୍ତ ଏବଂ ଆଇନଗତ ନୋଟିସ - ଉତ୍ତର ପ୍ରଦେଶ ସରକାର ଲକ୍ଷ୍ନୌ ଡିଭିଜନାଲ କମିଶନର, ପୋଲିସ ମହାନିରୀକ୍ଷକ ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ନେଇ ଏକ ତିନି ସଦସ୍ୟ ବିଶିଷ୍ଟ ଏସ୍ଆଇଟି ଗଠନ କରିଛନ୍ତି। ସେମାନଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆରଜେଡି ସାଂସଦ ସୁଧାକର ସିଂହ ଟ୍ରଷ୍ଟକୁ ଏକ ଆଇନଗତ ନୋଟିସ ପଠାଇଛନ୍ତି, ଯେଉଁଥିରେ ଗତ ପାଞ୍ଚ ବର୍ଷର ସମସ୍ତ ଆର୍ଥିକ କାରବାର ଏବଂ ଅଡିଟ୍ ରିପୋର୍ଟର ସାର୍ବଜନୀନ ପ୍ରକାଶ କରିବାକୁ ଦାବି କରାଯାଇଛି।

ସନ୍ଦେହ ଘେରରେ କିଏ ? ଚମ୍ପତ ରାୟ (ସାଧାରଣ ସମ୍ପାଦକ): ଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ ନକରିବା ତାଙ୍କ ଉପରେ ଅଭିଯୋଗ। ଡକ୍ଟର ଅନିଲ ମିଶ୍ର (ଟ୍ରଷ୍ଟି): ତାଙ୍କ ସମ୍ପର୍କୀୟଙ୍କ ନିଯୁକ୍ତି ସମ୍ପର୍କରେ ପ୍ରଶ୍ନ ଉଠିଛି। ଗୋପାଳ ରାଓ (ପ୍ରଶାସକ): ସିସିଟିଭି ଫୁଟେଜ୍ ସମୟାନୁସାରେ ତଦନ୍ତ ନ କରିବା ପାଇଁ ସମାଲୋଚନା କରାଯାଇଛି। କର୍ମଚାରୀ ଟିଂକୁ ଯାଦବ: ତାଙ୍କ ଉପରେ ନଗଦ ଲୁଚାଇବା ଅଭିଯୋଗ ହୋଇଛି, ଯଦିଓ ସେ ଏହାକୁ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସରକାର ଏବଂ ପୋଲିସ ନୀରବତା - ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି ଯେ ସରକାର ଏବଂ ପୋଲିସ ଜାଣିଶୁଣି ନୀରବ ଅଛନ୍ତି। ବିରୋଧୀ କହିଛନ୍ତି ଯେ ଏହା 'ବିଶ୍ୱାସ ସହିତ ବିଶ୍ୱାସଘାତ' ଏବଂ ଜନସାଧାରଣଙ୍କୁ ସତ୍ୟରୁ ଦୂରେଇ ରଖାଯାଉଛି। ବିଜେପି ନେତାମାନେ ଏହାକୁ ବିରୋଧୀ ରାଜନୀତି ବୋଲି କହିଛନ୍ତି, କିନ୍ତୁ ଏସଆଇଟି ତଦନ୍ତର ଦାବି ପୂରଣ ହେବା ଆବଶ୍ୟକ। ନିୟମ ଅନୁଯାୟୀ କ'ଣ ହେବା ଉଚିତ ଥିଲା ? ତୁରନ୍ତ ଏଫଆଇଆର୍ ଦାୟର ହୋଇଥାନ୍ତା। ଦାନର ଅଡିଟ୍ ସାର୍ବଜନୀନ ହୋଇଥାନ୍ତା। କୋର୍ଟରେ ପ୍ରମାଣ ଭାବରେ ସିସିଟିଭି ଫୁଟେଜ୍ ଉପସ୍ଥାପିତ ହୋଇଥାନ୍ତା। ଦାୟୀ ଅଧିକାରୀମାନଙ୍କୁ ନିଲମ୍ବିତ କରାଯାଇଥାନ୍ତା। କିନ୍ତୁ, ଏହି ପଦକ୍ଷେପଗୁଡ଼ିକ ମଧ୍ୟରୁ କୌଣସିଟି ସମୟ ମଧ୍ୟରେ ନିଆଯାଇ ନଥିଲା। ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଏହା ରାଜନୈତିକ ଚାପ କିମ୍ବା ପ୍ରଶାସନିକ ଯନ୍ତ୍ରପାତି ଜାଣିଶୁଣି ମାମଲାକୁ ଚାପି ଦେଉଛି ବୋଲି ସୂଚିତ କରୁଛି।

ଯେତେବେଳେ ଆଇନଗତ ଭାବରେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ, ଏହା ଦୁଇଟି ଜିନିଷ ସୂଚିତ କରୁଛି: ଆଇନ ଉଲ୍ଲଂଘନ ଏବଂ ନ୍ୟାୟିକ ପ୍ରକ୍ରିୟା ପ୍ରତି ଅବମାନନା। ଜନସାଧାରଣଙ୍କ ବିଶ୍ୱାସ ଭଙ୍ଗ। ସରକାର ଏବଂ ପୋଲିସର ନୀରବତା ସୂଚାଇ ଦେଉଛି ଯେ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ଏହି ମାମଲାକୁ ପ୍ରକାଶିତ ହେବାରୁ ରୋକିବାକୁ ଚେଷ୍ଟା କରୁଛନ୍ତି। ବିଶ୍ୱାସର କେନ୍ଦ୍ରରୁ ଚୋରି କେବଳ ଏକ ଆର୍ଥିକ ଅପରାଧ ନୁହେଁ, ବରଂ ଲକ୍ଷ ଲକ୍ଷ ଭକ୍ତଙ୍କ ବିଶ୍ୱାସ ଉପରେ ଆକ୍ରମଣ। ଯଦି ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ, ତେବେ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥାଏ। ଅର୍ଥାତ୍ ଯାହା କରାଯିବା ଉଚିତ ଥିଲା ତାହା ଘଟିନଥିଲା - ଏହା ସୂଚାଇ ଦେଉଛି ଯେ କ୍ଷମତାର ଚାପ ଆଇନର ଊର୍ଦ୍ଧ୍ୱରେ କାର୍ଯ୍ୟ କରୁଛି ଏବଂ ନ୍ୟାୟିକ ପ୍ରକ୍ରିୟାକୁ ଜାଣିଶୁଣି ବାଧା ଦିଆଯାଉଛି। ରାମ ମନ୍ଦିର ଟ୍ରଷ୍ଟ ସହିତ ଜଡିତ ଏହି ବିବାଦ କେବଳ ଆର୍ଥିକ ଅନିୟମିତତାର ବିଷୟ ନୁହେଁ, ବରଂ ଲକ୍ଷ ଲକ୍ଷ ଭକ୍ତଙ୍କ ବିଶ୍ୱାସକୁ ମଧ୍ୟ ଚିନ୍ତା କରେ। ଚୋରି ଅଭିଯୋଗ ସତ୍ତ୍ୱେ ଏଫଆଇଆର ଦାଖଲ ନ ହେବା ଆଇନଗତ ଏବଂ ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥାଏ। ଏକ ଏସ୍ଆଇଟି ତଦନ୍ତ ଚାଲିଛି, କିନ୍ତୁ ଯେପର୍ଯ୍ୟନ୍ତ ଏକ ସ୍ୱଚ୍ଛ ରିପୋର୍ଟ ପ୍ରକାଶିତ ନହୁଏ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହୁଏ, ସେପର୍ଯ୍ୟନ୍ତ ଏହି ମାମଲା ଭାରତୀୟ ଗଣତନ୍ତ୍ର ଏବଂ ଧାର୍ମିକ ପ୍ରତିଷ୍ଠାନର ବିଶ୍ୱସନୀୟତା ପ୍ରତି ଏକ ଗମ୍ଭୀର ଆଘାତ ସୃଷ୍ଟି କରୁଛି।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ନାବାଳିକା ଅସଦାଚରଣ ଘଟଣାରେ ଲକ୍ଷ୍ମୀପୁର ବିଧାୟକଙ୍କ ଡ୍ରାଇଭର ଗିରଫ

ରାୟଗଡା:୨୨/୬(ନିପ୍ର): ନାବାଳିକାକୁ ଅସଦାଚରଣ ଘଟଣାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଡ୍ରାଇଭର ବିକାଶ ବାଗ ଗିରଫ୍। ଏନେଇ ସୂଚନା ଦେଇଛନ୍ତି ରାୟଗଡା ଜିଆରପି ଥାନା ଅଧିକାରୀ ବିନୟ କୁମାର ମିଞ୍ଜ୍ । ଗତକାଲି ରାତିରେ ଆରପିଏଫ୍ ର ଗୁଇନ୍ଦା ବିଭାଗର ଜଣେ କର୍ମଚାରୀଙ୍କ ପରିବାର ଲୋକେ ହିରାଖଣ୍ଡ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ବିଧାୟକଙ୍କ ଡ୍ରାଇଭର ନାବାଳିକାକୁ ଅସଦାଚରଣ କରିଥିଲେ । ନାବାଳିକଙ୍କ ମାଁ ତାଙ୍କୁ ବିରୋଧ କରିବାରୁ ତାଙ୍କ ସହ ବିକାଶ ପାଟିତୁଣ୍ଡ କରିଥିଲେ । ଉକ୍ତ ସମୟରେ ତାଙ୍କ ସହ ବିଧାୟକଙ୍କ ପିଏସ୍‌ଓ ମଧ୍ୟ ରହିଥିବା ବେଳେ ଟ୍ରେନ୍‌ର ଅନ୍ୟ ଏକ ବୋଗିରେ ଖୋଦ୍ ବିଧାୟକ ଯାତ୍ରା କରୁଥିବା ଜଣାପଡିଥିଲା । ତେବେ ଏନେଇ ନାବାଳିକାଙ୍କ ବାପା ଜିଆରପି ଥାନାରେ ଏକ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଉକ୍ତ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରିଥିଲା । ତେବେ ନେଇ ଥାନାରେ ପକ୍ସୋ ଆଇନ୍, ୨୯୬,୭୫ ଓ ଭାରତୀୟ ନ୍ୟାୟ ସଂହିତାର ଧାରା ୭୯ରେ ଏକ ମାମଲା ରୁଜୁ ହେବା ପରେ ଅଭିଯୁକ୍ତକୁ ଡାକ୍ତରୀମାଇନା ପାଇଁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଥାନା ଅଧିକାରୀ ବିନୟ ମିଞ୍ଜ କହିଛନ୍ତି ।

# ପାରଳା ପୋଲିସ ଦ୍ୱାରା ୨ ମଦ ବ୍ୟବସାୟ ଗିରଫ

ପାରଳାଖେମୁଣ୍ଡି,୨୨।୬ (ନିପ୍ର):ଗଜପତି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ସହର ଓ ଗ୍ରାମାଞ୍ଚଳରେ ବେଆଇନ ମଦ ବ୍ୟବସାୟ ବିରୋଧରେ ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଗୁଇନ୍ଦା ସୂଚନା ଆଧାରରେ ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଦଳ ଜଗିଲି ସାହି ଏବଂ ଓମ୍ ଶାନ୍ତି କଲୋନୀ ଅଞ୍ଚଳରେ ବେଆଇନ ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତି ଓ ତାଙ୍କ ଦୁଇଟି ଘର ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଢୋବା ସାହି ନିକଟସ୍ଥ ଅଞ୍ଚଳର ଶ୍ରୀନିବାସ ବେହେରା (୪୯) ଏବଂ ଜଗିଲି ସାହିର ତାଲାକାନି ଭାରତୀ (୪୫)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ମୋଟ ୨୧୦ ଲିଟର ଚୋରା ମଦ ଜବତ କରାଯାଇଛି। ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ୍ ନଂ ୨୪୫/୨୦୨୬ ଓ ୨୪୬/୨୦୨୬ ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଭୋଟର ସଚେତନତା

କଟକ,୨୨।୬ (ନିପ୍ର):ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର -୨୦୨୬ କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୌଣସି ବି ଯୋଗ୍ୟ ଭୋଟର ବାଦ୍ ପଡିବେ ନାହିଁ ଶୀର୍ଷକ ଏକ ରାଜ୍ୟସ୍ତରୀୟ ଭୋଟର ସଚେତନତା ପ୍ରତିଯୋଗିତା ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ ଦାସ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରି ଅଧିକରୁ ଅଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିଯୋଗିତା ମେ ୩୦ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ଲୋଗାନ, ସ୍କିଟ୍ ଓ ରିଲ୍ ମେକିଂ ପ୍ରତିଯୋଗିତା ମାଧ୍ୟମରେ ଯୁବପିଢ଼ିଙ୍କ ରୁଚିକୁ ପ୍ରୋତ୍ସାହିତ କରାଯିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଗୁରୁତ୍ୱ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରାଯିବ। ଜିଲ୍ଲାର ସମସ୍ତ ଇଆରଓ ଓ ଏଇଆରଓମାନଙ୍କୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡିକୁ ପ୍ରତିଯୋଗିତା ବିଷୟରେ ଅବଗତ କରାଇବା, ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ଏବଂ ଶିକ୍ଷାନୁଷ୍ଠାନରେ ଗଠିତ ଇଲେକ୍ଟୋରାଲ୍ ଲିଟରେସି କ୍ଲବଗୁଡିକୁ ଏହି କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ କରିବାକୁ କୁହାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ଏହି ଭୋଟର ସଚେତନତା ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ କରାଯାଇଛି। ପ୍ରତିଯୋଗିତା ସମ୍ବନ୍ଧୀୟ ଅଧିକ ସୂଚନା ceoodisha.nic.in ୱେବସାଇଟରେ ପାଇପାରିବେ ।

# 'ଶିକ୍ଷକଙ୍କ ଦିଗ୍‌ଦର୍ଶନ ଯୋଗୁଁ ଆମେ ସମସ୍ତେ ମଣିଷ ହୋଇ ପାରିଛୁ'

ଶରଗଡ,୨୨।୬ (ନିପ୍ର): ଶେରଗଡ଼ ନିକଟସ୍ଥ ଡାକରଡାରେ ଥିବା ଶହୀଦ ଉଚ୍ଚ ବିଦ୍ୟାଳୟ ରବିବାର ଥିଲା ୨୦୦୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିମାଞ୍ଚଳ ପ୍ରଧାନ ଅଧକ୍ଷତାରେ ଅନୁଷ୍ଠିତ ଆମେ ଏକାଠି ବନ୍ଧୁମିଳନରେ ସବୁ ଛାତ୍ରଛାତ୍ରୀ ବିଦ୍ୟାଳୟରେ ସମବେତ ହୋଇଥିଲେ।ଜଣ ଜଣ କରି ବିଦ୍ୟାଳୟ ର ପ୍ରତିଷ୍ଠାତା ସ୍ୱର୍ଗତ ଗୌରଚନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେଇ ଥିଲେ। ଥିସହିତ ବିଦ୍ୟାଳୟର ଅବସର ନେଇଥିବା ପ୍ରଧାନଶିକ୍ଷକ ଅଭିମନ୍ୟୁ ପ୍ରଧାନ,ଅନ୍ୟତମ ସଂସ୍କୃତ ଶିକ୍ଷକ ଏବଂ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଦିଲିପ କୁମାର ତ୍ରିପାଠୀ ବିଦ୍ୟାଳୟ କର୍ମଚାରୀଙ୍କୁ ପାଦପୂଜା ସହ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ତଥା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିନାୟକ, ରାମକୃଷ୍ଣ, ସଂଗ୍ରାମ,ଦିଲୀପ,ମନୁ, ଅଶ୍ୱିନୀ, ଜିତେନ୍ଦ୍ର, ସୁଜାତା, ଗୀତାଞ୍ଜଳି, ଅପୂର୍ବା ସମେତ ବହୁ ନିଜର ବକ୍ତବ୍ୟରେ କହିଥିଲେ ବିଦ୍ୟାଳୟ ଛାଟ ମାଡ଼, ଆପଣଙ୍କ କଡ଼ା ଶାସନ, ସମସ୍ତ ଶିକ୍ଷକଙ୍କ ଦିଗଦର୍ଶନ ଯୋଗୁଁ ଆମେ ମଣିଷ ଟିଏ ହୋଇପାରିଛୁ। ରବୀନ୍ଦ୍ରନାଥ ନାୟକଙ୍କ ସଞ୍ଚୋଯନାରେ ଅନୁଷ୍ଠିତ ବନ୍ଧୁମିଳନରେ ଶିକ୍ଷକମାନଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଞ୍ଚାୟତ ସ୍ତରୀୟ ଜନକଲ୍ୟାଣ ଶିବିର

ହିଞ୍ଜିଳିକାଟୁ,୨୨।୬ (ନିପ୍ର): ରାଜ୍ୟ ସରକାରଙ୍କ ଶାସନ କ୍ଷମତାର ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ହିଞ୍ଜିଳିକାଟୁ ବ୍ଲକ୍ ବଡଖଣ୍ଡି ପଞ୍ଚାୟତରେ ଜନକଲ୍ୟାଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚ ଝୁନୁ ନାଇକ, ସମିତି ସଭ୍ୟା କେ. ନର୍ମଦା, ୱାର୍ଡ ସଭ୍ୟା ମଞ୍ଜୁଳା ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହ ସମସ୍ତ ଯୋଜନାର ସଫଳ ରୂପାୟନ ଓ ଜନସାଧାରଣଙ୍କ ନିକଟରେ କିପରି ସୁବିଧାରେ ପହଞ୍ଚିପାରିବ ଏବଂ କିପରି ସହଜରେ କାର୍ଯ୍ୟକାରୀ କରାଯାଇପାରିବ ସେ ସମ୍ପର୍କରେ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପଞ୍ଚାୟତର ବହୁ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ, ଗ୍ରାମୀଣ ଗୃହ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏଡିଇଓ ଆରତୀ ପଟ୍ଟନାୟକ ପରିଚାଳନା କରିଥିଲେ। ଯୋଗାଣ ସହାୟିକା ରଶ୍ମିତା ମହାନ୍ତି, ମହିଳା ସ୍ୱାସ୍ଥ୍ୟକର୍ମୀ କବିତା କୁମାରୀ ସାହୁ, ମମତା ସେଠି, ମମତା ରେଡ୍ଡୀ, ଗାଁ ସାଥି, ୱାର୍ଡ ସଭ୍ୟ/ସଭ୍ୟା, ସିଆରପି, ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ

କେନ୍ଦୁଝର,୨୨।୬ (ନିପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଆମୁଣି ଗାଁରେ ଗତ ୧୯ତାରିଖରେ ଜଣେ ଅଲେଖ ମହିମା ଅନୁଗାମୀ ଶ୍ରୀକାନ୍ତ ମହାକୁଡ(୬୦)ଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାରେ ପୋଲିସ କେସ ନମ୍ବର ୩୫୩/ ୨୦୨୬ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା । ସୂଚନା ଅନୁସାରେ, ଅଁରା ଗ୍ରାମର ଅଲେଖ ଦୀକ୍ଷା ଗ୍ରହଣ କରିଥିବା ବାବା ଶ୍ରୀକାନ୍ତ ମହାକୁଡ ୧୯ ତାରିଖ ଦିନ ଭୋର ୫ଟା ବେଳେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ତାଙ୍କୁ ଏକୁଟିଆ ପାଇ କେହି ହତ୍ୟା କରି ଫେରାର ହୋଇଯାଇଥିଲା । ହତ୍ୟା ଘଟଣା ପରେ ଗାଁରେ ଚାପା ଉତ୍ତେଜନା ଦେଖା ଦେଇଥିଲା । ଏହି ଘଟଣାରେ ସଦର ପୋଲିସ ଶନିବାର ଆମୁଣି ଗ୍ରାମର ପାଟେଶ୍ୱର ବାରିକ(୨୬) କୁ ଗିରଫ କରିଛି । ଗିରଫ ପରେ ସେ କିପରି ହତ୍ୟା କରିଥିଲା ତାର ଏକ ଡେମୋ ପୋଲିସକୁ ପ୍ରଦର୍ଶନ କରିଥିଲା ବୋଲି ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ ପ୍ରକାଶ କରିଛନ୍ତି । ହତ୍ୟା ପରେ ପୋଲିସ ହତ୍ୟାରେ ବ୍ୟବହୃତ ଇଟାକୁ ବିନିଦା ରାସ୍ତାର ଏକ ବୁଦାରୁ ଜବତ୍ କରିଛି । ତେବେ ଜମିଜମା ବିବାଦକୁ ନେଇ ବାବାଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ପାଟେଶ୍ୱର ସ୍ୱୀକାର କରିଛି । ହତ୍ୟା ମାମଲାରେ ୨୪ ଘଂଟା ଭିତରେ ଅପରାଧୀ ଧରା ପଡିବା ପରେ ପୋଲିସ ଉପରେ ଗାଁ ଲୋକ ଆସ୍ଥା ପ୍ରକଟ କରିଛନ୍ତି ।

# ରେଢ଼ାଖୋଲ ଓ ଚାରମାଳ ପ୍ରାଣୀ ଚିକିତ୍ସାଳୟ ନୂତନ କୋଠା ନିର୍ମାଣରେ ଦୁର୍ନୀତି !

ରେଢ଼ାଖୋଲ,୨୨।୬ (ନିପ୍ର): ସରକାର ବର୍ତ୍ତମାନ ଗାଁ ଗାଁରେ ବିକାଶର ନାରାବାଜି ଦେଉଥିବା ବେଳେ ବିକାଶ ସାଜିଛି ବାଟବଣା । ବିକାଶ ଖାଲି କଥାରେ କିନ୍ତୁ କାମରେ ନାହିଁ । ସରକାର ବିକାଶ ପାଇଁ ପାଣ୍ଠି କୋଟି କୋଟି ଟଙ୍କା ଅନୁଦାନ କରୁଛନ୍ତି ହେଲେ ତଦାରଖ ଅଭାବରୁ ଠିକା ପାଇଥିବା ସଂସ୍ଥା ଗୁଡ଼ିକ ଅବହେଳା ଯୋଗୁଁ ହୋଇପାରୁନି ଠିକ୍ କାମ ତେଣୁ କେଉଁଠି ପୋଲ ଭୁଶୁଡି ପଡୁଛି ତ କେଉଁଠି ମାସେ ନହେଉଣୁ ଛାତ ଫାଟି ପାଣିଗଳୁଛି ଏଥିରେ ଦାୟୀ କିଏ ସରକାର ନା କାମ କରୁଥିବା ସଂସ୍ଥା ନା ଜେଇ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ସବୁ ଦୁର୍ନୀତି ହେଉଛି, ଏପରି ମର୍ମରେ ସାଧାରଣରେ ଚର୍ଚ୍ଚା ହେଉଛି । ଯଦି ବିକାଶ ହୁଅନ୍ତା ତେବେ ଦୁର୍ନୀତି ହଟନ୍ତା । ବର୍ତ୍ତମାନ ସରକାର ପ୍ରାଣୀ ମାନଙ୍କ ପାଇଁ ତଥା ଗାଁ ତଥା ବ୍ଲକ୍ ମାନଙ୍କରେ ପୁରୁଣା ପ୍ରାଣୀ ଚିକିତ୍ସାଳୟ ଗୁଡିକୁ ଭଙ୍ଗା ଦଦରା ହୋଇଯିବାରୁ ସେଗୁଡିକ କୋଟିକୋଟି ଟଙ୍କା ଖର୍ଚ୍ଚ ବ୍ୟୟରେ ବର୍ତ୍ତମାନ ନୂତନ କୋଠା ନିର୍ମାଣ କରାଯାଉଛି



। ହେଲେ ଏଥିରେ କେଉଁଠି ନା କେଉଁଠି କାମ ପାଇଥିବା ଠିକା ସଂସ୍ଥା ଦ୍ୱାରା ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିଛି । ଏମିତି କିଛି ଦୃଶ୍ୟ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ରେ ନୂତନ ଭାବେ ନିର୍ମାଣ ହୋଇଥିବା ରେଢ଼ାଖୋଲ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ଓ ଚାରମାଳ ପ୍ରାଣୀ ଚିକିତ୍ସାଳୟ ରେ ଦେଖିବାକୁ ମିଳିଛି । ରେଢ଼ାଖୋଲ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟଟି ୨ କୋଟି ୨୩ଲକ୍ଷ ଏବଂ ଚାରମାଳ ପ୍ରାଣୀ ଚିକିତ୍ସାଳୟ ଟି ୧ କୋଟି ୨୨ଲକ୍ଷ ଅଟକଳ ବ୍ୟୟରେ ଏକ ନିର୍ଦ୍ଦିଷ୍ଟ କଂଷ୍ଟ୍ରକସନ୍ କମ୍ପାନୀ ଦ୍ୱାରା ନିର୍ମିତ ଉଭୟ ପ୍ରାଣୀ ଚିକିତ୍ସାଳୟ ଗୁଡିକ ଠିକା ସଂସ୍ଥା କାମ ସାରି ୨ମାସ ହେବ ପ୍ରଶାସନ ହାତକୁ ଦେଇଥିବା ଜଣାପଡ଼ିଥିବା ବେଳେ ଉଭୟ କାମରେ କୌଣସି ଜାଗାରେ ଏବେ ସୁଦ୍ଧା ଫଳକ ଟିଏ ମଧ୍ୟ ଲାଗି ପାରିନାହିଁ । କାମ ଆରମ୍ଭ ରୁ ଫଳକ ଲାଗିବା ଜାଗାରେ କାମ ଶେଷ ହୋଇ ହ୍ୟାଣ୍ଡ ଓଭର୍ ପରେ ମଧ୍ୟ ଲାଗି ପାରିଲାନି ଫଳକ । ଅନ୍ୟପଟେ ଏହି କୋଠା ଗୁଡିକ ଛାତ ଫାଟି ଛାତରୁ ପାଣି ଗଳୁଥିବା ବେଳେ କାନ୍ଥଗୁଡିକ ଫାଟି ଆଁ ହୋଇ ବସିଥିବା ବେଳେ କଂକ୍ରିଟ ଗୁଡ଼ିକ ମଧ୍ୟ ଫାଟି ଆଁ ହୋଇରହିଥିବା ଦେଖାଯାଇଛି । କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଏହି ନୂତନ ନିର୍ମାଣାଧୀନ କୋଠା ଛାତରୁ ପାଣି ଗଳିବା ଓ କାନ୍ଥ ଫାଟି ଆଁ ହୋଇ ରହିଥିବାରୁ କାମରେ ଦୁର୍ନୀତି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଏନେଇ ଏବାବଦକୁ ଜଣେ ଅଧିକାରୀଙ୍କୁ ପଚାରିବାରୁ ନୂଆ କୋଠା ଅଫିସ ଗୁଡ଼ିକରେ ବର୍ଷା ସମୟରେ କିଛି ସମୟ ଭିତରେ ଛାତ ଉପରୁ ପାଣି ଗଳୁଛି ଯାହା ଫଳରେ ଅଫିସ ରେ ବସି କାମ କରିବାକୁ ଭୟ ଲାଗୁଛି।

# ୪ ବର୍ଷ ହେଲା କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର ଅଚଳ

ପାରଳାଖେମୁଣ୍ଡି,୨୨।୬ (ନିପ୍ର): ଗଜପତି ଜିଲ୍ଲାର କୁକୁଡ଼ା ଚାଷୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଉନ୍ନତ କିସମର କୁକୁଡ଼ା ଚିଆଁ ଯୋଗାଇବା ଲକ୍ଷ୍ୟରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ୨୦୧୯-୨୦ ଆର୍ଥିକବର୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟରେ କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର ସ୍ଥାପିତ ହୋଇଥିଲା । କିନ୍ତୁ ପରିତାପର ବିଷୟ ହେଉଛି, ବର୍ତ୍ତମାନ ତାହା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ମାତ୍ର ୪ ଲକ୍ଷ ଟଙ୍କା ମରାମତି ଅନୁଦାନ ଅଭାବରୁ ଗତ ଚାରିବର୍ଷ ଧରି କେନ୍ଦ୍ର ଅଚଳ ଅବସ୍ଥାରେ ରହିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁସାରେ, ଏହି କେନ୍ଦ୍ରରୁ ଏକାଥରକେ ପ୍ରାୟ ୧୫୦୦ ଅଣ୍ଡାରୁ ଚିଆଁ ଉତ୍ପାଦିତ ହୋଇପାରିବ। ଆରମ୍ଭରୁ କିଛି ବର୍ଷ




ସଫଳତାର ସହ ଏହି କେନ୍ଦ୍ର ଚାଲିଥିଲା । କିନ୍ତୁ ୨୦୨୩ରୁ ପ୍ରକଳ୍ପ ବନ୍ଦ ହୋଇ ପଡ଼ିରହିଛି । ଯାନ୍ତ୍ରିକ ତ୍ରୁଟି, ଅଣ୍ଡାଟ୍ରେ ନଷ୍ଟ ହେବା, ବିଦ୍ୟୁତ୍ ଜେନେରେଟର ଖରାପ ହୋଇଯିବା ଓ କର୍ମଚାରୀ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ଯେ, କେନ୍ଦ୍ରଟିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ପ୍ରାୟ ୪ ଲକ୍ଷ ଟଙ୍କାର ଅନୁଦାନ ଆବଶ୍ୟକ ଏହି ଅନୁଦାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ବେଳେ ଅନୁଦାନ ମିଳିଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସକ କହିଛନ୍ତି। ତେବେ ଏତେ କମ ଅର୍ଥ ଅଭାବରୁ ଏକ ସରକାରୀ ପ୍ରକଳ୍ପ ଚାରି ବର୍ଷ ଧରି ବନ୍ଦ ରହିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି କେନ୍ଦ୍ର ବନ୍ଦ ରହିବା ଫଳରେ ଜିଲ୍ଲାର ଅନେକ କୁକୁଡ଼ା ଚାଷୀ ସ୍ଥାନୀୟ କାର୍ଯ୍ୟାଳୟରୁ ଚିଆଁ ପାଇବା ବଦଳରେ ବାହାର ଜିଲ୍ଲାରୁ ଅଧିକ ଦରରେ କିଣୁଛନ୍ତି ପ୍ରକଳ୍ପ ଭିତରେ ଥିବା ମୂଲ୍ୟବାନ ଯନ୍ତ୍ରପାତି ଏବଂ ସାମଗ୍ରୀ ମଧ୍ୟ ନଷ୍ଟ ହେବାରେ ଲାଗିଛି। ଅନ୍ୟପଟେ, କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ଦୈନନ୍ଦିନ ପରିଚାଳନା ପାଇଁ ପର୍ଯ୍ୟାପ୍ତ କର୍ମଚାରୀ ନଥିବାରୁ ଶ୍ରମିକ ନିଯୁକ୍ତ କରି ଚଳାଇବା କଷ୍ଟସାଧ୍ୟ ହେଉଛି। ଫଳରେ କୌଣସି ଅଧିକାରୀ ଏହାକୁ ପୁନରୁଦ୍ଧାର କରିବା ଦିଗରେ ବିଶେଷ ଆଗ୍ରହ ଦେଖାଉ ନଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଏହି କେନ୍ଦ୍ରକୁ ଲିଜ୍ କିମ୍ବା ଭଡ଼ାସୂତ୍ରରେ କୌଣସି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅଥବା ଘରୋଇ ଅନୁଷ୍ଠାନକୁ ହସ୍ତାନ୍ତର କରାଗଲେ ଏହା ପୁଣି କାର୍ଯ୍ୟକ୍ଷମ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ବ୍ଲକସ୍ତରୀୟ କୃଷକ କର୍ମଶାଳା: ସାର ପାଇଁ ସଭାରେ ପ୍ରବଳ ପାଟିତୁଣ୍ଡ

କୁଚିଣ୍ଡା,୨୨।୬ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବହୁମୁଖି କଲ୍ୟାଣ ମଣ୍ଡପ ଠାରେ ଶନିବାର କୁଚିଣ୍ଡା ବ୍ଲକସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କୃଷକ ସମ୍ବାଦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ କୃଷି ଅଧିକାରୀ ସୁସ୍ମିତା କିରୋଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ ମୁଖ୍ୟଅତିଥି,ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତିକଲ୍ୟାଣ ପଟେଲ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ, ଉପଖଣ୍ଡ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ସାମଲ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶିକା ସତ୍ୟଭାମା ଧାନ,ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ କୌଶଲ୍ୟା ରୋହିଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କୃଷିର ଉନ୍ନତି ହେଲେ ରାଜ୍ୟର ପ୍ରଗତି ସମ୍ଭବ ବୋଲି ଅତଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିର ପୋଷକ ତତ୍ତ୍ୱ ସବୁ ନଷ୍ଟ ହେଉଛି। ତେଣୁ ଜୈବିକ ପ୍ରଣାଳୀରେ ଚାଷକରି ନିରୋଗ ରହିବା ସହ ନିରାମୟ ଜୀବନଯାପନ ପାଇଁ ପରାମର୍ଶ ଦେଇଥିଲେ। ଏହାଛଡା କୃଷକ ହେଉଛନ୍ତି ପୃଥିବୀର ସବୁଠାରୁ ବଡ଼ କୃଷି ବୈଜ୍ଞାନିକ। ତେଣୁ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଅତ୍ୟାଧୁନିକ ପଦ୍ଧତିରେ ଚାଷ କରି ଅଧିକ ଲାଭବାନ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହାଛଡା ଗୋପାଳନ, ଛେଳି,ବତକ,କୁକୁଡା,ଘୁଷୁରୀ ଆଦି ପାଳନସହ ଉଦ୍ୟାନ କୃଷି, ମତ୍ସ୍ୟଚାଷ ଉପରେ ରହିଥିବା ସରକାରୀ ଯୋଜନା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭ ଗୋଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟଙ୍କ ସମେତ ବହୁସଂଖ୍ୟକ ଚାଷୀ ଯୋଗ ଦେଇଥିଲେ। ଶେଷରେ ବ୍ଲକ କୃଷି ଅଧିକାରୀ କିରୋ ଧନ୍ୟବାଦ ଅର୍ପଣ କରିଥିଲେ।

ରାସାୟନିକ ସାର ପାଇଁ ସଭାରେ ପ୍ରବଳ ପାଟିତୁଣ୍ଡ ବ୍ଲକ ସ୍ତରୀୟ କୃଷକ ସମ୍ବାଦ କର୍ମଶାଳା ଚାଲିଥିବା ବେଳେ ରାସାୟନିକ ସାର ମିଳୁନଥିବା ଅଭିଯୋଗ କରି ଚାଷୀ ମାନେ ହୋହାଲ୍ଲା ସହ ପ୍ରବଳ ପାଟିତୁଣ୍ଡ କରିଥିଲେ। ଯେହେତୁ ଚଳିତ ଖରିଫ ଚାଷ ଆରମ୍ଭ ହୋଇଯାଇଥିଲେ ହେଁ ଚାଷୀଙ୍କ ଚାହିଦା ଅନୁପାତରେ ସମବାୟ ସମିତି ମାନଙ୍କରେ ସାର ମିଳୁ ନାହିଁ। ଫଳରେ ଚାଷ କାମରେ ସାର ଓ କୀଟନାଶକ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଉପଖଣ୍ଡ କୃଷି ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ଚାଷୀମାନେ ବାରମ୍ବାର ଅନୁରୋଧ କରି ଆସୁଥିଲେ ମଧ୍ୟ ଉପଖଣ୍ଡ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ଏହାର ସମାଧାନ କରୁନାହାନ୍ତି। ଠିକ୍ ସମୟରେ ସାର ବିହନ ଓ କୀଟନାଶକ ଯୋଗାଇ ନଦେଲେ ଚାଷୀ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରେସନ କାର୍ଡରେ ନୂତନ ସଭ୍ୟଙ୍କୁ ଯୋଡିବା ପାଇଁ ଦାବି

ଭାପୁର,୨୨/୦୬(ନିପ୍ର): ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଙ୍କ ଖାଉଟି କାର୍ଡରେ ନୂତନ ସଭ୍ୟଙ୍କ ନାମ ସଂଯୋଗୀକରଣ କରିବା ପାଇଁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକକୁ ରାଜ୍ୟ ସରକାର ଙ୍କ ତରଫରୁ କୌଣସି ନିର୍ଦ୍ଦେଶନାମା ଆସି ନ ଥିବାରୁ ଅନେକ ହିତାଧିକାରୀ ଏହି ଯୋଜନା ରୁ ବଞ୍ଚିତ ହେଉଛନ୍ତି। ଭାପୁର ବ୍ଲକରେ ମୃତ୍ୟୁବରଣ କରିଥିବା ଅଥବା ବିବାହ କରୁଥିବା ଝିଅ ମାନଙ୍କର ନାମ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡୁଥିବା ବେଳେ ନୂତନ କରି ବିବାହ ହୋଇ ଆସୁଥିବା ମହିଳା ତଥା ସେମାନଙ୍କର ସନ୍ତାନସନ୍ତତିଙ୍କ ନାମ ପରିବାରର ରେସନ କାର୍ଡରେ ସଂଯୋଗୀକରଣ ହୋଇପାରୁ ନ ଥିବାରୁ ସେମାନେ ବର୍ଷବର୍ଷ ଧରି ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ର ଅନ୍ୟ ସମସ୍ତ ଜିଲ୍ଲାରେ ରେସନ କାର୍ଡରେ ନାମ ସଂଯୋଗୀ କରଣ ହେଉଥିବାବେଳେ ଭାପୁର ବ୍ଲକରେ ଏହା କାହିଁକି କାର୍ଯ୍ୟକାରୀ ହେଉନାହିଁ ବୋଲି ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଆମ ପାଖକୁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ନିର୍ଦ୍ଦେଶନାମା ଆସିନଥିବାରୁ ଆମେ ନିରୁପାୟ ବୋଲି ସେ କହିଥିଲେ ତେଣୁ, ରାଜ୍ୟ ତଥା ଜିଲ୍ଲା ପ୍ରଶାସନ ଭାପୁର ବ୍ଲକକୁ ନୂଆ ନାମ ସଂଯୋଗୀକରଣ ପାଇଁ ନିର୍ଦ୍ଦେଶ ଦେଲେ ଅନେକ ନୂଆ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Puri affidavit no.8 dtd. 02.05.2026, I Laxmidhar Sethi At-Banguru, Po-Sarakana, Ps-Oupada, Dist-Baleswar, Odisha-756048 declare that I have changed my daughter's name from Sunali Sethi to Sonali Sethi. Henceforth she shall be known as Sonali Sethi for all purposes.

**Sd/-Laxmidhar Sethi**

**AFFIDAVIT**

By virtue of an affidavit sworn before Executive Magistrate, Banpur affidavit no.2261 dtd.20.06.2026. I Swarnalata Achary W/o-Basanta Rao Achary At-Raghunath Sahi, po-Banpur, Ps-Banpur, Dist-Khordha, Odisha-752031 do hereby declare that I have changed my name from Swarnalata Baitharu to Swarnalata Achary. Henceforth I shall be known as Swarnalata Achary W/o-Basanta Rao Achary for all purposes.

**Sd/-Swarnalata Achary**

# ଗଜପତିରେ ତୀବ୍ର ପ୍ରତିକ୍ରିୟା, ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ କାର୍ଯ୍ୟାନୁଷ୍ଠାନ ଦାବି

ପାରଳାଖେମୁଣ୍ଡି,୨୨।୬ (ନିପ୍ର): ରାଜ୍ୟର ନୂତନ ପାଠ୍ୟପୁସ୍ତକରେ ଦେଖାଦେଇଥିବା ତ୍ରୁଟିକୁ ନେଇ ସାରା ଓଡ଼ିଶାରେ ଚର୍ଚ୍ଚା ଓ ସମାଲୋଚନା ଜାରି ରହିଥିବା ବେଳେ ଗଜପତି ଜିଲ୍ଲାର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଗବେଷକ ଓ ସାହିତ୍ୟିକ ମହଲରେ ମଧ୍ୟ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାଠ୍ୟପୁସ୍ତକରେ ରହିଥିବା ତ୍ରୁଟି ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଇବ ବୋଲି ମତପ୍ରକାଶ ପାଉଛି ବିଶିଷ୍ଟ ଗବେଷକ ତଥା ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ପୁସ୍ତକ ରଚନା ଓ ପ୍ରସ୍ତୁତିରେ କିଛି ତ୍ରୁଟି ରହିବା ଏକ ସାଧାରଣ କଥା। ଏହା ପୂର୍ବରୁ ପ୍ରକାଶିତ ପାଠ୍ୟପୁସ୍ତକ ଗୁଡ଼ିକରେ ମଧ୍ୟ ଶତାଧିକ ତ୍ରୁଟି ଦେଖାଯାଇଥିଲା କିନ୍ତୁ ଚଳିତବର୍ଷ ଖୁବ କମ୍ ସମୟ ମଧ୍ୟରେ ପୁସ୍ତକ ପ୍ରସ୍ତୁତି କରାଯାଇଥିବାରୁ ଏଭଳି ଅତ୍ୟଧିକ ତ୍ରୁଟି ପରିଲକ୍ଷିତ ହୋଇଛି। ତାଙ୍କ ମତରେ, ପାଠ୍ୟପୁସ୍ତକ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ଥିବାରୁ ଏହାର ପ୍ରସ୍ତୁତିରେ ଅଧିକ ସମୟ ନେଇ ନିର୍ଭୁଲ ଭାବେ ପ୍ରକାଶ କରିବା ଉଚିତ ଥିଲା। ତରବରିଆ ଭାବରେ ପୁସ୍ତକ ପ୍ରକାଶ କରିବା ଫଳରେ ଏହି ସମସ୍ୟା ସୃଷ୍ଟି ହୋଇଛି। ଏହି ଘଟଣାରୁ ସରକାର ନିଶ୍ଚିତ ଭାବେ ଏକ ଶିକ୍ଷା ପାଇଥିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ବିଶିଷ୍ଟ ଶିକ୍ଷାବିତ ଡ.ଶଙ୍କର ବକ୍ସି ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ପାଠ୍ୟପୁସ୍ତକରେ ଏଭଳି ଗୁରୁତର ତ୍ରୁଟିପାଇଁ କେବଳ ସରକାର ନୁହେଁ, ପୁସ୍ତକ ପ୍ରସ୍ତୁତି ଓ ସମୀକ୍ଷା ପାଇଁ ଗଠିତ କମିଟି ମଧ୍ୟ ସମାନ ଭାବେ ଦାୟୀ। ତେଣୁ ଏହି ଘଟଣାରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଛନ୍ତି। ପାଠ୍ୟପୁସ୍ତକରେ ଥିବା ତ୍ରୁଟିକୁ ସାଧାରଣ ଘଟଣା ନଭାବି ଏହାକୁ ଗମ୍ଭୀରତାର ସହ ନେବାକୁ ପଡ଼ିବା ପରିସ୍ଥିତିରେ ପୁସ୍ତକକୁ ପୁନଃମୁଦ୍ରଣ ନକରି ସେହି ପୁସ୍ତକରେ ଶିକ୍ଷାଦାନ ଜାରି ରଖିବାକୁ ସରକାର ନେଉଥିବା ନିଷ୍ପତ୍ତି କେତେଦୂର ଯୁକ୍ତିସଙ୍ଗତ, ତାହା ସରକାରଙ୍କୁ ନିଜେ ବିଚାର କରିବା ଉଚିତ ଶିକ୍ଷା ବ୍ୟବସ୍ଥାର ମାନ ଏପରିରକ୍ଷା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପାଠ୍ୟପୁସ୍ତକର ତ୍ରୁଟି ସଂଶୋଧନ ପାଇଁ ଶିକ୍ଷିତ ସମାଜ, ଅଭିଭାବକ ଏବଂ ସଚେତନ ନାଗରିକମାନେ ମଧ୍ୟ ଆଗକୁ ଆସିବାର ସମୟ ଆସିଛି ବୋଲି ସେ କହିଛନ୍ତି । ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ଗଜପତି ଜିଲ୍ଲାରେ ବିଭିନ୍ନ ମହଲରୁ ଆସୁଥିବା ଏହି ପ୍ରତିକ୍ରିୟା ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ମାନ ଓ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାକୁ ନେଇ ନୂଆ ପ୍ରଶ୍ନ ସୃଷ୍ଟି କରିଛି ।

## ଜିଲ୍ଲାସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ମିଳନୀ

# ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ: ସାଂସଦ

ଯାଜପୁର,୨୨।୬ (ନିପ୍ର) : ଦୀର୍ଘ ବର୍ଷ ଧରି ଯାଜପୁରକୁ ରେଳ ସଂଯୋଗ ହୋଇପାରିନଥିଲା। କିନ୍ତୁ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ପରେ ଯାଜପୁର-ଧାମରା ରେଳ ଲାଇନ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ସହ କାର୍ଯ୍ୟ ଆରମ୍ଭ ହେବ। ତାଳଚେରଠାରୁ ଧାମରା ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଜାତୀୟ ଜଳପଥ-୫ ପ୍ରକଳ୍ପ ପାଇଁ ପ୍ରୟାସ ଚାଲିଛି। ଏହା ଆମର ନୌବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର କରିବ, ଯାହା ଦ୍ୱାରା ଯାଜପୁର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ଜିଲ୍ଲାସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ମିଳନୀରେ ଯୋଗ ଦେଇ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି। ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ସମେତ ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ୨୧ ଜୁନ ରୁ ୨୩ ଜୁନ୍ ଯାଏଁ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି କାର୍ଯ୍ୟକ୍ରମର



ଉଦ୍ଦେଶ୍ୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସଦ ଡ. ବେହେରା କହିଛନ୍ତି ଯେ ଯାଜପୁର ଜିଲ୍ଲାର ଜଣେ ଛାତ୍ର କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଜାତୀୟ ସ୍ତରରେ ଟପର୍ ହୋଇଛନ୍ତି। ଏହା ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧି ପାଇଁ ସରକାରଙ୍କ ମାର୍ଗଦର୍ଶନ ଏବଂ ପ୍ରୋତ୍ସାହନ ଦିଗରେ ଏକ ଉଦାହରଣ। ଯାଜପୁରର ବୌଦ୍ଧ ପର୍ଯ୍ୟଟନକୁ ପ୍ରଚାର ପ୍ରସାର କରିବା ସହ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ଗୋପାଳପୁରରେ ହସ୍ତତନ୍ତ ପାର୍କ ପ୍ରତିଷ୍ଠା କରିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ଏହାସହ କଳିଙ୍ଗନଗରରେ ଏକ ଏୟାରପୋର୍ଟ କରିବା ପାଇଁ ଦାବି ରଖାଯାଇଛି ଏବଂ ବିକଶିତ ଯାଜପୁର ଗଢ଼ିବା ଆମ ସ୍ୱପ୍ନ ବୋଲି ସାଂସଦ କହିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ନିଜ ବକ୍ତବ୍ୟରେ ଗତ ଦୁଇ ବର୍ଷରେ ଯାଜପୁର ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ସରକାରୀ ଯୋଜନାର ସଫଳତା ଏବଂ ପ୍ରଶାସନର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବିକାଶର ଏକ ନୂତନ ପର୍ଦ୍ଦ ଭାବେ ଆଉ କିଛି ମାସ ମଧ୍ୟରେ ଜିଲ୍ଲାର କିଡନୀ ରୋଗୀ ଦାନଗଦୀରେ ହେଉଥିବା ଡ଼ାଇଲିସିସ କେନ୍ଦ୍ରରେ ଚିକିତ୍ସିତ ହୋଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ। ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚରେ ଜିଲ୍ଲାର ବିଭିନ୍ନ ନାଟକ ଅନୁଷ୍ଠାନ ଏବଂ ପ୍ରତିଭାବାନ କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନ୍ୱେଷଣ ଥିଏଟର ଗ୍ରୁପ ଦ୍ୱାରା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କିତ ଏକ ସୁନ୍ଦର ନାଟକ ପ୍ରଦର୍ଶିତ ହୋଇଥିଲା।

## ଆଖିବୁଜା ଗୁଳିମାଡ଼: ୩ ମୃତ

ମାନିଲା, ୨୨/୬: ଫିଲିପାଇନ୍ସର ଟାକ୍ଲୋବାନ ସହରରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଏକ ସ୍କୁଲ କ୍ୟାମ୍ପସ ଭିତରେ ଆଖିବୁଜା ଗୁଳିମାଡ଼ ଘଟଣା ସମଗ୍ର ଅଞ୍ଚଳକୁ ଥରାଇ ଦେଇଛି। ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ସ୍କୁଲ କ୍ୟାମ୍ପସ ଏବଂ ଏହାର ଆଖପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ସ୍କୁଲ ଭିତରେ ହଠାତ୍ ଗୁଳି ଫୁଟିଥିଲା, ଯାହା ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ନିରାପଦ ସ୍ଥାନକୁ ଦୌଡ଼ି ପଳାଇ ଯାଇଥିଲେ। ହଠାତ୍ ଆକ୍ରମଣ ଯୋଗୁଁ କ୍ୟାମ୍ପସରେ ଥିବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୁଲିସ ଏବଂ ଜରୁରୀକାଳୀନ ସେବା ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ପୁଲିସ ସମ୍ପୂର୍ଣ୍ଣ ସ୍କୁଲ କ୍ୟାମ୍ପସକୁ ଘେରାବନ୍ଦୀ କରି ଘଟଣାସ୍ଥଳରୁ ପ୍ରମାଣସଂଗ୍ରହ ଆରମ୍ଭ କରିଛି। ତଥାପି, ଆକ୍ରମଣ ପଛର ଉଦ୍ଦେଶ୍ୟ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଜନସାଧାରଣଙ୍କୁ କୌଣସି ଗୁଜବକୁ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ନିବେଦନ କରିଛି। ପ୍ରାଥମିକ ତଦନ୍ତରେ ତିନି ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି।

## ଭାରତ-ବାଂଲାଦେଶ ସୀମାରେ ପୁଣି ଉତ୍ତେଜନା

କୋଲକାତା, ୨୨।୬: ଭାରତ-ବାଂଲାଦେଶ ସୀମାରେ ପୁଣି ଥରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଅନୁପ୍ରବେଶକାରୀଙ୍କ ବିରୋଧରେ ଭାରତ ସରକାର ଓ ସୁରକ୍ଷା ବଳ କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରେ ଦୁଇ ଦେଶର ସୀମାନ୍ତରେ ସ୍ଥିତି ବିଗିଡ଼ିବାରେ ଲାଗିଛି । ବାଂଲାଦେଶ ପଟୁ ଶହ ଶହ ଅନୁପ୍ରବେଶକାରୀ ବେଆଇନ ଭାବେ ଭାରତୀୟ ସୀମାରେ ପଶିବାକୁ ଚେଷ୍ଟା କରୁଥିବା ବେଳେ ବିଏସଏଫ୍ ଏହାକୁ ପଣ୍ଡ କରିଦେଇଛି । ଏହାକୁ କେନ୍ଦ୍ର କରି ସୀମାରେ ପ୍ରବଳ ହଙ୍ଗାମା ଓ ଉତ୍ତେଜନା ଦେଖାଦେଇଛି । ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପଶ୍ଚିମବଙ୍ଗର ମାଲଦା ଜିଲ୍ଲା ସ୍ଥିତ ଭାରତ-ବାଂଲାଦେଶ ସୀମାରେ ଏହି ବଡ଼ ଧରଣର ଉତ୍ତେଜନା ସୃଷ୍ଟି ହୋଇଥିଲା । ବୈଷ୍ଣବନଗରର ସୁକଦେବପୁର ଚୌକି ଅଞ୍ଚଳରେ ଏହି ଘଟଣା ଘଟିଛି । ସୂଚନାଯୋଗ୍ୟ ଯେ, ସୀମାର ଏହି ନିର୍ଦ୍ଦିଷ୍ଟ ଅଂଶରେ ଏପର୍ଯ୍ୟନ୍ତ କୌଣସି କଣ୍ଟାବାଡ଼ ଲାଗିନାହିଁ, ଯାହାର ସୁଯୋଗ ନେବାକୁ ଅନୁପ୍ରବେଶକାରୀ ଚେଷ୍ଟା କରିଥିଲେ । ରିପୋର୍ଟ ମୁତାବକ, ଶନିବାର ସକାଳୁ ସକାଳୁ ବାଂଲାଦେଶ ପଟୁ ଶହ ଶହ ଲୋକ ହାତରେ ଲାଠି ଓ ମାରଣାସ୍ତ୍ର ଧରି ସୀମା ନିକଟରେ ରୁଣ୍ଡ ହେବାକୁ ଲାଗିଥିଲେ । ସେମାନେ ଜୋରଜବରଦସ୍ତ ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ସୀମାରେ ମୁତୟନ ଥିବା ବିଏସଏଫ୍ ଯବାନମାନେ ସଙ୍ଗେ ସଙ୍ଗେ ସତର୍କ ହୋଇ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଘଉଡ଼ାଇଥିଲେ ଏବଂ ଅନୁପ୍ରବେଶ ଉଦ୍ୟମକୁ ସମ୍ପୂର୍ଣ୍ଣ ବିଫଳ କରିଦେଇଥିଲେ ।

# ହର୍ମୁଜ୍ ପ୍ରଣାଳୀ ପାର୍ ହେଲା ୪ ସାର ବୋଝେଇ ଜାହାଜ

### ଭାରତୀୟ ବନ୍ଦରରେ ଜାହାଜ ପହଞ୍ଚିବା ସହିତ ସାର ଯୋଗାଣ ଶୃଙ୍ଖଳ ହେବ ମଜଭୁତ

ନୂଆଦିଲ୍ଲୀ, ୨୨/୬ (ପିଆଇବି) ଗତ ସପ୍ତାହରେ ଚାରିଟି ସାର ବୋଝେଇ ଜାହାଜ ହର୍ମୁଜ୍ ପ୍ରଣାଳୀ ପାର୍ ହୋଇ ଭାରତ ଉପକୂଳ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହା ଭାରତର ସାର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ଉତ୍ପନ୍ନ ବିଶ୍ୱ ବାଣିଜ୍ୟିକ ଆହ୍ୱାନ ସତ୍ତ୍ୱେ ଏହି ଜାହାଜଗୁଡ଼ିକ ୟୁରିଆ, ଡିଏପି ଏବଂ ସଲଫର୍ ସାର ନେଇ ଭାରତ ଉପକୂଳରେ ଖୁବ୍ ଶୀଘ୍ର ପହଞ୍ଚିବେ । ଏସବୁ ଜାହାଜ ପାରାଦୀପ, କ୍ରିଷ୍ଣାପଟନମ, କାକିନାଡ଼ା ଏବଂ ମୁନ୍ଦ୍ରା ବନ୍ଦରରେ ପହଞ୍ଚିବାକୁ ଯାଉଛି। ଫଳରେ ଖରିଫ୍ ଋତୁ ୨୦୨୬ ପାଇଁ ସାର ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେବ। ଭାରତରେ ବର୍ତ୍ତମାନ ୧୯୬.୦୮ ଲକ୍ଷ ଟନ୍ ସାର ମହଜୁଦ ରହିଛି। ଏହା ପୂର୍ବବର୍ଷର ଷ୍ଟକ୍ ୧୬୮.୬୭ ଲକ୍ଷ ଟନ ଠାରୁ ଅଧିକ । ଦେଶରେ ବର୍ତ୍ତମାନ ୮୧.୪୪ ଲକ୍ଷ ଟନ୍ ୟୁରିଆ, ୨୦.୯୨ ଲକ୍ଷ ଟନ ଡିଏପି, ୫୫,୯୧ ଲକ୍ଷ ଟନ୍ ଏନପିକେ, ୧୨.୬୮ ଲକ୍ଷ ଟନ୍ ଏମଓପି, ୨୫.୧୩ ଲକ୍ଷ ଟନ୍ ଏସଏସପି ସାର ଗଚ୍ଛିତ ରହିଛି । କୃଷି କାର୍ଯ୍ୟକଳାପ ମଧ୍ୟ ଦ୍ରୁତ ଗତିରେ ଜାରି ରହିଛି। ସଂକଟ ପରେ ମାର୍ଚ୍ଚ ୧ରୁ ଜୁନ୍ ୨୧ ତାରିଖ ମଧ୍ୟରେ ୧୫୩.୪ ଲକ୍ଷ ଟନ୍ ସାର ବିକ୍ରି ହୋଇଛି ଯାହା ଗତ ବର୍ଷ ତୁଳନାରେ ୧୩.୨ ଲକ୍ଷ ଟନ୍ ଅଧିକ। ଦେଶର ଚାଷୀଙ୍କୁ ଅସ୍ଥିର ବିଶ୍ୱ ବଜାର ଠାରୁ ସୁରକ୍ଷିତ ରଖିବା ଲାଗି ଆମଦାନୀ ବ୍ୟତୀତ ଘରୋଇ ଉତ୍ପାଦନ ପ୍ରତି ମଧ୍ୟ ସରକାର ଧ୍ୟାନ ଦେଉଛନ୍ତି । ଚଳିତ ବର୍ଷ ଦେଶରେ ୧୩୩.୧୨ ଲକ୍ଷ ମେଟ୍ରିକ ଟନ୍ ସାର ଉତ୍ପାଦନ କରାଯାଇଛି। ଭାରତ ବିଶ୍ୱ ବଜାରରୁ ୯୦ ଲକ୍ଷ ମେଟ୍ରିକ ଟନ୍ ଅତିରିକ୍ତ ୟୁରିଆ ଏବଂ ପିଏଣ୍ଡକେ ସାର ଯୋଗାଣ ସୁନିଶ୍ଚିତ କରିଛି। ୨୮ଟି ଭାରତୀୟ ବାଣିଜ୍ୟିକ ଦୂତାବାସ ଜରିଆରେ ଏକ ବ୍ୟାପକ କ୍ରୟ ରଣନୀତି ଅନ୍ତର୍ଗତ ବିଭିନ୍ନ ଅନ୍ତର୍ଜାତୀୟ ମାର୍ଗରୁ ସାର ଆମଦାନୀ ଉତ୍ସ ବିକଶିତ କରାଯାଇଛି । ଓମାନ, ମାଲେସିଆ, ଭିଏତନାମ, ଜର୍ଜିଆ, ନାଇଜେରିଆ, ରୁଷିଆ, ଫିନଲ୍ୟାଣ୍ଡ, ଇଜିପ୍ଟ, ଆଲଜେରିଆ, ତୁର୍କୀ ଏବଂ ନେଦରଲ୍ୟାଣ୍ଡରୁ ୟୁରିଆ ଆମଦାନୀ କରାଯାଇଛି । ସେହିପରି ରୁଷ, ମରକ୍କୋ, ଇଜିପ୍ଟ, ଆମେରିକା, ଜୋର୍ଡାନ, ଦକ୍ଷିଣ କୋରିଆ, ଟ୍ୟୁନିସିଆ ଏବଂ ସାଉଦି ଆରବରୁ ଡିଏପି/ଏନପିକେ ସାର ଆମଦାନୀ କରାଯାଇଛି । ଭାରତର ସାର ସୁରକ୍ଷା ସୁଦୃଢ଼, ସ୍ଥିର ଓ ସୁପରିଚାଳିତ ହେବା ନିଶ୍ଚିତ କରିବା ପାଇଁ ସାର ବିଭାଗ ରାଜ୍ୟ ସରକାର, ବଣ୍ଟନ ସଂସ୍ଥା ଏବଂ ସମବାୟ ସମାଜ ସହିତ ମିଳିତ ଭାବରେ ନିରନ୍ତର କାର୍ଯ୍ୟ କରୁଛି।

## ଶିବସେନାରେ ଯୋଗଦେଲେ ଶିବସେନା (ୟୁବିଟି)ର ୬ ସାଂସଦ

**ମୁମ୍ବାଇ, ୨୨/୬:** ବହୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷରେ ସୋମବାର ସନ୍ଧ୍ୟାରେ ଶିବସେନା (ୟୁବିଟି)ର ୬ ବିଦ୍ରୋହୀ ସାଂସଦ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଛନ୍ତି। ଓମ୍‌ରାଜେ ନିମ୍ବାଲକର (ଧାରାଶିବ), ସଞ୍ଜୟ ଦିନା ପାଟିଲ (ମୁମ୍ବାଇ ଉତ୍ତର-ପୂର୍ବ), ସଞ୍ଜୟ ଯାଦବ (ପରଭାନୀ), ସଞ୍ଜୟ ଦେଶମୁଖ (ୟବତମାଲା-ୱାସିମ୍), ନାଗେଶ ପାଟିଲ ଅଷ୍ଟିକର (ହିଙ୍ଗୋଲି) ଭାଓସାହେବ ବକଚେରେ (ଶିରିଡି) ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ଯୋଗଦେଇଛନ୍ତି। ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଓ ଶିବସେନା ସିନ୍ଦେ ଗୋଷ୍ଠୀର ମୁଖ୍ୟ ଏକନାଥ ସିନ୍ଦେ ଛଅ ଜଣ ବିଦ୍ରୋହୀ ଶିବସେନା (ୟୁବିଟି) ସାଂସଦଙ୍କୁ ତାଙ୍କ ଦଳରେ ସ୍ୱାଗତ କରି କହିଛନ୍ତି ଯେ, ଅପରେସନ ଟାଇଗର ସଫଳ ଓ ଶେଷ ହୋଇଛି।



ସମସ୍ତ ଛଅ ବାଘ ଏଠାରେ ଅଛନ୍ତି। ସେମାନେ ପ୍ରତିଷ୍ଠାତା ବାଲ୍ ଠାକରେଙ୍କ ଆଦର୍ଶ ଅନୁସରଣ କରୁଥିବା ଶିବସେନାରେ ଯୋଗ ଦେଇଛନ୍ତି। ସିନ୍ଦେ କହିଛନ୍ତି ଯେ, ସମସ୍ତ ଆବଶ୍ୟକ ପ୍ରକ୍ରିୟା ଓ ଔପଚାରିକତା ଶେଷ ହୋଇଛି ଓ ସାଂସଦମାନେ ଏବେ ଆନୁଷ୍ଠାନିକ ଭାବରେ ଶିବସେନାର ଅଂଶ। ୨୦୨୨ ବିଦ୍ରୋହର ନେତୃତ୍ୱ ନେଇଥିବା ଏକନାଥ ସିନ୍ଦେ କହିଛନ୍ତି, ପୂର୍ବରୁ ଆମେ ଧନୁ, ତୀର ଓ ଶିବସେନା ପାର୍ଟିକୁ ବଞ୍ଚେଇବାକୁ ବିଦ୍ରୋହ କରିଥିଲୁ। ଦ୍ୱିତୀୟ ପର୍ଯ୍ୟାୟ ବିଦ୍ରୋହ ଏବେ ଆରମ୍ଭ ହୋଇଛି। ଦଳ ବଦଳ ବିରୋଧୀ ଆଇନ ଅନୁଯାୟୀ ଯୋଗ୍ୟତା ନ ହରାଇବା ପାଇଁ ବିଦ୍ରୋହୀ ସାଂସଦଙ୍କ ନିକଟରେ ମୋଟ ସାଂସଦଙ୍କ କ୍ଷମତାର ଦୁଇ-ତୃତୀୟାଂଶ ଅର୍ଥାତ୍ ୬ ସାଂସଦଙ୍କ ସମର୍ଥନ ରହିଛି। ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳ ପକ୍ଷରୁ ଜୁନ୍ ୧୭ରେ ଦିଲ୍ଲୀରେ ଜରୁରିକାଳୀନ ବୈଠକ ଡକାଯିବା ଓ ମାତ୍ର ତିନିଜଣ ସାଂସଦ ଏଥିରେ ଯୋଗଦେବା ପରେ ବିବାଦ ବଢ଼ିଥିଲା।

## ଯୁବକଙ୍କୁ ଏନକାଉଣ୍ଟରରେ ହତ୍ୟାକୁ ନେଇ ଉତ୍ତେଜନା

**ପାଟନା, ୨୨/୬:** ବିହାରର ଭୋଜପୁର ଜିଲ୍ଲାରେ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ବିରୋଧରେ ପୋଷ୍ଟ କରୁଥିବା ଜଣେ ଯୁବକ ଭାରତ ଭୂଷଣ ତିୱାରୀ (୨୮)ଙ୍କୁ ଏନକାଉଣ୍ଟରରେ ହତ୍ୟା କରିବାକୁ ନେଇ ବିହାରରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇ ଭୋଜପୁରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସରକାରଙ୍କ ବିରୋଧରେ ଦଳ ଭିତରୁ ମଧ୍ୟ ବିରୋଧର ସ୍ୱର ଉଠିଲାଣି। ସ୍ଥିତିକୁ ଦେଖି ବିହାର ସରକାର ଏହି ଘଟଣାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୁଲିସ ଏନକାଉଣ୍ଟରକୁ ସମର୍ଥନ କରି କହିଛି ଯେ, ତିୱାରୀ ଗୁଳି ଚଳାଇବା ପରେ ଆତ୍ମରକ୍ଷା ପାଇଁ ପୁଲିସ ପାଲଟା ଗୁଳିଚାଳନା କରିଥିଲା। ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧାରୀ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏନକାଉଣ୍ଟରର ସ୍ୱାଧୀନ ନ୍ୟାୟିକ ତଦନ୍ତ ଘୋଷଣା କରିଛନ୍ତି। ତିୱାରୀ ଭୋଜପୁର ଜିଲ୍ଲାର ଶାହପୁର ଥାନା ଅନ୍ତର୍ଗତ ବିଲୌଟି ଗ୍ରାମର ବାସିନ୍ଦା ଥିଲେ। ସେ ସାମାଜିକ ଗଣମାଧ୍ୟମରେ ସାଧାରଣ ଲୋକଙ୍କ ସମସ୍ୟା ଉଠାଇବା ପାଇଁ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ଭୋଜପୁର ପୁଲିସ ସୂଚନା ଅନୁଯାୟୀ ଜୁନ୍ ୧୭ ତାରିଖରେ ସେମାନେ ଖବର ପାଇଥିଲେ ଯେ, ତିୱାରୀ ବିଲେଟି ଗାଁରେ ଏକ ବନ୍ଧୁକରୁ ଗୁଳିଚାଳନା କରୁଛନ୍ତି। ପୁଲିସ ସହିତ ଏସ୍‌ଟିଏଫ୍ ଘଟଣାସ୍ଥଳରେ ପହଞ୍ଚି ତିୱାରୀଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲା। କିନ୍ତୁ ତିୱାରୀ ପୁଲିସ ଉପରେ ଗୁଳିଚାଳନା କରିଥିଲା। ପୁଲିସର ପାଲଟା ଗୁଳିଚାଳନା ପରେ ଗୋଟିଏ ଗୁଳି ତିୱାରୀଙ୍କ ଗୋଡ଼ରେ ବାଜିଥିଲା। ତାଙ୍କୁ ପାଟନା ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

## ଥରୁରଙ୍କ ଜମ୍ମୁ-କାଶ୍ମୀର ସ୍ଥିତିରେ ଉନ୍ନତି ମନ୍ତବ୍ୟକୁ କଂଗ୍ରେସର ତୀବ୍ର ସମାଲୋଚନା

ଶ୍ରୀନଗର, ୨୨/୬: କଂଗ୍ରେସ ସାଂସଦ ଶଶି ଥରୁର ପୁଣି ଥରେ ନିଜ ବୟାନକୁ ନେଇ ନିଜ ଦଳର ଟାର୍ଗେଟ ହୋଇଛନ୍ତି। ସୂଚନାଯୋଗ୍ୟ, ଥରୁର ଜମ୍ମୁ- କାଶ୍ମୀର ଗସ୍ତରେ ଯାଇ ଶ୍ରୀନଗରରେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟିଥିଲେ। ଏହାପରେ ଥରୁର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଥିଲେ, ଆମେ ଜମ୍ମୁ-କାଶ୍ମୀର ପରିସ୍ଥିତି ଓ ଏଥିରେ ହେଉଥିବା ଉନ୍ନତି ବିଷୟରେ ଆଲୋଚନା କରିଛୁ। ଚ୍ୟାଲେଞ୍ଜ ଏବେବି ରହିଛି, କିନ୍ତୁ ଏହି ଗସ୍ତ ପରେ ମୁଁ ଅଧିକ ସକାରାତ୍ମକ ଅନୁଭବ କରୁଛି। ଥରୁରଙ୍କ ଏହି ପୋଷ୍ଟକୁ ଜମ୍ମୁ ଓ କାଶ୍ମୀର କଂଗ୍ରେସ ଓ ଯୁବ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଜମ୍ମୁ-କାଶ୍ମୀର କଂଗ୍ରେସର ମୁଖ୍ୟ ପ୍ରବକ୍ତା ରବିନ୍ଦର ଶର୍ମା କହିଛନ୍ତି, ଥରୁରଙ୍କୁ କାଶ୍ମୀରର ଲୋକଙ୍କୁ ମଧ୍ୟ ଭେଟିବାର ଥିଲା, ଯଦ୍ୱାରା ସେ ବାସ୍ତବ ସ୍ଥିତିକୁ ଭଲ ଭାବରେ ଜାଣିପାରିଥାନ୍ତେ। ଯୁବ ନେତା ତଥା ଜମ୍ମୁ-କାଶ୍ମୀର ଛାତ୍ର ସଂଘର ଜାତୀୟ ସଂଯୋଜକ ନାସିର ଖୁଏହାମି ମଧ୍ୟ କଂଗ୍ରେସ ସାଂସଦଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଥରୁରଙ୍କ ଭଳି ଜଣେ ସାଂସଦ କାଶ୍ମୀରରେ ଉପେକ୍ଷିତଙ୍କ ସ୍ୱର ନ ଶୁଣିବା ଅତ୍ୟନ୍ତ ନିରାଶାଜନକ। କାଶ୍ମୀର ପ୍ରତୀକାତ୍ମକ ଗସ୍ତ ଓ ସତର୍କତାର ସହିତ ସଂଯୋଜିତ ଆଲୋଚନା ଅପେକ୍ଷା ଅଧିକ କିଛି ପାଇବାକୁ ଯୋଗ୍ୟ।

ଥରୁରଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ କଂଗ୍ରେସ ବାରମ୍ବାର କେନ୍ଦ୍ର ସରକାରଙ୍କ ଉପରେ ଜମ୍ମୁ-କାଶ୍ମୀରର ପରିସ୍ଥିତିକୁ ସ୍ୱାଭାବିକ କରିବାରେ ବିଫଳ ହେବାର ଅଭିଯୋଗ କରିଆସୁଛି। କଂଗ୍ରେସ ଜମ୍ମୁ-କାଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ଓ ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଗଠନକୁ ମଧ୍ୟ ବିରୋଧ କରୁଛି। ଅନ୍ୟପକ୍ଷରେ ବିଜେପି ଥରୁରଙ୍କ ବୟାନକୁ ସମର୍ଥନ କରିବା ସହିତ କଂଗ୍ରେସକୁ ଟାର୍ଗେଟ କରିଛି। ବିଜେପିର ମୁଖପାତ୍ର ଅଭିଜିତ ଜସରୋଟିଆ କହିଛନ୍ତି ଯେ, ଧାରା ୩୭୦ ଉଚ୍ଛେଦ ହେବା ପରେ ପଥର ଫିଙ୍ଗା ଘଟଣା ପ୍ରାୟତଃ ସମାପ୍ତ ହୋଇଛି ଓ ସରକାରୀ ତଥ୍ୟ ଅନୁଯାୟୀ, ଗତ ୧୮ ମାସ ମଧ୍ୟରେ କୌଣସି କାଶ୍ମୀର ଯୁବକ ଆତଙ୍କବାଦୀ ସଂଗଠନରେ ଯୋଗ ଦେଇନାହାନ୍ତି। ଥରୁର ଜୁନ୍ ୨୦ ତାରିଖରେ ଶ୍ରୀନଗର ନାଳନ୍ଦା ଡାଏଲଗ୍ ନାମକ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପ୍ରତିପକ୍ଷଙ୍କୁ ଭେଟିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର

### ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସହଯୋଗ ଉପରେ ଆଲୋଚନା ହୋଇଛି

ନୂଆଦିଲ୍ଲୀ, ୨୨/୬: ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କ ଚାରି ଦିନିଆ ବିଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ସୋମବାର ମଙ୍ଗୋଲିଆରେ ପହଂଚି ରାଜଧାନୀ ଉଲାନବାଟରରେ ତାଙ୍କ ପ୍ରତିପକ୍ଷ ବୈଦେଶିକ ମନ୍ତ୍ରୀ ବତ୍ସେତ୍ସେଗ୍ ବମ୍ଭୁନ୍ଖଙ୍କୁ ଭେଟିଛନ୍ତି। ଦୁଇ ନେତା ବିକାଶ ପ୍ରକଳ୍ପ, କ୍ଷମତା ନିର୍ମାଣ, ସଂସ୍କୃତି, ଶିକ୍ଷା, ସୁରକ୍ଷା ଇତ୍ୟାଦି ସମେତ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସହଯୋଗର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ



ଲେଖିଛନ୍ତି ଯେ ସେ ବୈଦେଶିକ ମନ୍ତ୍ରୀ ବତ୍ସେତ୍ସେଗ୍ ବମ୍ଭୁନୁଖଙ୍କୁ ଭେଟି ଖୁସି ହୋଇଛନ୍ତି। ଏହି ଆଲୋଚନାରେ ଭାରତ-ମଙ୍ଗୋଲିଆ ରଣନୈତିକ ଭାଗିଦାରୀର ଉଷ୍ମତା, ଶକ୍ତି ଏବଂ ସାମର୍ଥ୍ୟ ପ୍ରତିଫଳିତ ହୋଇଥିଲା। ଦୁଇ ନେତା ବିକାଶ ପ୍ରକଳ୍ପ, କ୍ଷମତା ନିର୍ମାଣ, ସଂସ୍କୃତି, ଶିକ୍ଷା, ସୁରକ୍ଷା ଏବଂ ବହୁପକ୍ଷୀୟ ମଂଚରେ ସହଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ। ସେମାନେ ଖଣି ଖନନ, ସ୍ୱଚ୍ଛ ଶକ୍ତି ଏବଂ କୃଷି ପ୍ରକ୍ରିୟାକରଣ କ୍ଷେତ୍ରରେ ସୁଯୋଗ ଉପରେ ମଧ୍ୟ ଆଲୋଚନା କରିଥିଲେ। ଜୟଶଙ୍କର କହିଛନ୍ତି ଯେ ଭାରତ ମଙ୍ଗୋଲିଆର ତୃତୀୟ ପଡ଼ୋଶୀ ଏବଂ ଆଧ୍ୟାତ୍ମିକ ଅଂଶୀଦାର ଏବଂ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ଆଗକୁ ନେବାକୁ ପ୍ରସ୍ତୁତ।

## ବ୍ରିକ୍ସ ସୁରକ୍ଷା ପରାମର୍ଶଦାତାଙ୍କ ବୈଠକ ପୂର୍ବରୁ ଇରାନ, ଇଥିଓପିଆର ନେତାମାନଙ୍କୁ ଭେଟିଲେ ଅଜିତ ଡୋଭାଲ

ନୂଆଦିଲ୍ଲୀ, ୨୨/୬: ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ଉପ ସଚିବ ଗଦିର ନେଜାମୀଙ୍କୁ ଭେଟିଛନ୍ତି, ଯିଏକି ଜାତୀୟ ସୁରକ୍ଷା ପରାମର୍ଶଦାତା ଏବଂ ବ୍ରିକ୍ସ ଦେଶଗୁଡ଼ିକର ସୁରକ୍ଷା ଏଜେନ୍ସିଗୁଡ଼ିକର ମୁଖ୍ୟ ଏବଂ ଆଫ୍ରିକୀୟ ଦେଶ ଇଥିଓପିଆର ଜାତୀୟ ଗୁଇନ୍ଦା ଏବଂ ସୁରକ୍ଷା ସେବାର ବିଶ୍ଳେଷଣ ୱିଙ୍ଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିଲିଆନ ଲେମା ଟାଡେସିଙ୍କ ଏକ ବୈଠକରେ ଯୋଗଦେବାକୁ ଭାରତ ଆସିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇଛନ୍ତି ଯେ ଏନଏସଏ ଅଜିତ ଡୋଭାଲ ୨୨ ଜୁନ ଉପରେ ବ୍ରିକ୍ସର ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ୧୬ ତମ ବୈଠକ ସମୟରେ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ଉପ ସଚିବ ଘଦିର ନେଜାମିପୁରଙ୍କୁ ଭେଟିଥିଲେ। ଉଭୟ ପକ୍ଷ ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ସେମାନେ ବି. ଆର. ଆଇ. ସି. ଏସ୍. ମଂଚ ଅଧୀନରେ ସହଯୋଗ ଏବଂ ଭାରତ-ଇରାନ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ମଧ୍ୟ ଆଲୋଚନା କରିଥିଲେ। ତାଙ୍କ ଗସ୍ତ ସମୟରେ, ଘଦିର ନେଜାମୀ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେବେ ଏବଂ ସୁରକ୍ଷା ପ୍ରସଙ୍ଗ ଏବଂ ବହୁପକ୍ଷୀୟ ସହଯୋଗ ବିଷୟରେ ଆଲୋଚନା କରିବା ପାଇଁ ଅଂଶଗ୍ରହଣକାରୀ ଦେଶଗୁଡ଼ିକର ଅଧିକାରୀମାନଙ୍କୁ ଭେଟିବେ ବୋଲି ଭାରତରେ ଥିବା ଇରାନୀୟ ଦୂତାବାସ ଏକ ଇ-ପୋଷ୍ଟରେ କହିଛି। ଏହି ବୈଠକରେ ଆତଙ୍କବାଦ, ସାଇବର ସୁରକ୍ଷା, ଶକ୍ତି ସୁରକ୍ଷା ଏବଂ ବହୁପକ୍ଷୀୟ ସହଯୋଗ ଭଳି ବିଷୟ ଉପରେ ଆଲୋଚନା ହେବ।

## ୫ ମାସରେ ଆଧାର ଆପ୍ ୩୧ ନିୟୁତରୁ ଅଧିକ ଡାଉନଲୋଡ୍

ନୂଆଦିଲ୍ଲୀ, ୨୨/୬: କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନୂଆ ଆଧାର ଆପ୍‌କୁ ସାରା ଦେଶରେ ବ୍ୟାପକ ଜନସମର୍ଥନ ମିଳୁଛି। ଏହି ଆପ୍ ଆରମ୍ଭ ହେବାର ୫ ମାସରୁ କମ୍ ସମୟ ମଧ୍ୟରେ ୩୧ ନିୟୁତ ଡାଉନଲୋଡ୍(୩.୧ କୋଟି) ଅତିକ୍ରମ କରିଛି। ଏହି ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସଂଖ୍ୟା ସ୍ପଷ୍ଟ ଭାବେ ଏହି ଆପର ଉପଯୋଗିତା ଏବଂ ଲୋକମାନଙ୍କ ମଧ୍ୟରେ ଏହା ଉପରେ ବୃଦ୍ଧି ପାଉଥିବା ବିଶ୍ୱାସକୁ ଦର୍ଶାଉଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅନୁଯାୟୀ, 'ସହଜ ଜୀବନଯାପନ' ଉଦ୍ଦେଶ୍ୟରେ ଡିଜାଇନ୍ ହୋଇଥିବା ଏହି ନୂତନ ଆପ୍ ଲୋକମାନଙ୍କୁ ସେମାନଙ୍କ ସ୍ମାର୍ଟଫୋନ୍ ମାଧ୍ୟମରେ ଅନେକ ଅତ୍ୟାବଶ୍ୟକ ଡିଜିଟାଲ୍ ସେବା ପ୍ରଦାନ କରୁଛି। ଏପର୍ଯ୍ୟନ୍ତ ପ୍ରାୟ ୪୦ ଲକ୍ଷ ଲୋକ ଏହି ଆପ୍ ମାଧ୍ୟମରେ ନୂତନ ଆଧାର ଆପ୍ ବ୍ୟବହାର କରି ସେମାନଙ୍କ ମୋବାଇଲ୍ ନମ୍ବରକୁ ଅପଡେଟ୍ କରିଛନ୍ତି। ଏଥିସହିତ, ପ୍ରାୟ ୮ ଲକ୍ଷ (୮୫୦,୦୦୦) ଲୋକ ଆପ୍ ବ୍ୟବହାର କରି ସେମାନଙ୍କର ଠିକଣା ଅପଡେଟ୍ କରିଛନ୍ତି। ଏହି ଆପ୍ ଆଧାର ନମ୍ବରଧାରୀମାନଙ୍କୁ ସୁରକ୍ଷିତ ଢଙ୍ଗରେ ସେମାନଙ୍କର ପରିଚୟ ଦେଖାଇବା, ଅଂଶୀଦାର କରିବା ଏବଂ ଯାଂଚ କରିବା ପାଇଁ ଏକ ସୁବିଧାଜନକ ଏବଂ 'ଗୋପନୀୟତା-ପ୍ରଥମ' ଉପାୟ ପ୍ରଦାନ କରିଥାଏ। ସୁରକ୍ଷା ଏବଂ ଜନସ୍ୱାର୍ଥକୁ ଧ୍ୟାନରେ ରଖି ଏହାକୁ ଅନେକ ଆଧୁନିକ ବୈଶିଷ୍ଟ୍ୟ ଦିଆଯାଇଛି। ଏଥିରେ ବାୟୋମେଟ୍ରିକ୍ ଲକ୍/ଅନଲକ୍ ଅନ୍ତର୍ଭୁକ୍ତ।

## ମହାରାଷ୍ଟ୍ର ବିଧାନପରିଷଦ ନିର୍ବାଚନ
## ୧୭ରୁ ୧୬ଟି ଆସନରେ ମହାଯୁତି ମେଣ୍ଟ ବିଜୟୀ

ମୁମ୍ବାଇ, ୨୨/୬: ମହାରାଷ୍ଟ୍ରରେ ବିଧାନପରିଷଦ ନିର୍ବାଚନର ଫଳାଫଳ ସୋମବାର ଘୋଷଣା ହୋଇଥିବାବେଳେ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ୧୭ଟି ବିଧାନସଭା ପରିଷଦ ଆସନ ମଧ୍ୟରୁ ୧୬ଟିରେ ବିଜୟ ହାସଲ କରି ବିରୋଧୀଙ୍କୁ କଡ଼ା ଜବାବ ଦେଇଛି। ବିରୋଧୀ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ଖାତା ଖୋଲିପାରି ନାହିଁ। ଜୁନ୍ ୧୮ ତାରିଖରେ ୧୭ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ବିଜେପି ସର୍ବାଧିକ ୧୧ଟି ଜିତିଛି। ଶିବସେନା (ସିନ୍ଦେ ଗୋଷ୍ଠୀ) ତିନୋଟି ଓ ଏନ୍‌ସିପି (ଅଜିତ ପାୱାର ଗୋଷ୍ଠୀ) ଦୁଇଟି ଜିତିଛି। ଗୋଟିଏ ନାସିକ ଆସନରେ ମହାଯୁତି ମେଣ୍ଟ ପରାଜିତ ହୋଇଛି। ଏହି ଆସନରେ ସ୍ୱାଧୀନ ପ୍ରାର୍ଥୀ ତଥା ବିଜେପିର ବିଦ୍ରୋହୀ ଗୋକୁଳ ଗିତେ ଶିବସେନା (ସିନ୍ଦେ ଗୋଷ୍ଠୀ)ର ପ୍ରାର୍ଥୀ ନରେନ୍ଦ୍ର ଦରାଡେଙ୍କୁ ପରାଜିତ କରିଛନ୍ତି।ମହାଯୁତି ମେଣ୍ଟ ଜିତିଥିବା ୧୬ ଆସନ ମଧ୍ୟରୁ ୬ଟି ଆସନରେ ମେଣ୍ଟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଥିଲେ। ଶିବସେନାର ରବୀନ୍ଦ୍ର ଫାଟକ (ଥାଣେ) ଓ ଦୁଷ୍ୟନ୍ତ ଚତୁର୍ବେଦୀ (ୟବତମାଲ), ଏନ୍ ?ସିପିରୁ ଅନିକେତ୍ ତଟକରେ (ରାୟଗଡ଼-ରତ୍ନାଗିରି-ସିନ୍ଧୁଦୁର୍ଗ) ଓ ବିକ୍ରମ କାକଡେ (ପୁଣେ), ବିଜେପିର ଅରୁଣ ଲଖାନୀ (ୱର୍ଦ୍ଧା-ଚନ୍ଦ୍ରପୁର-ଗଡ଼ଚିରୋଲି) ଓ ପ୍ରାଜକ୍ତ ତନପୁରେ (ଅହିଲ୍ୟାନଗର)ରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବିଜେପିରୁ ଜିତିଥିବା ୧୧ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସୁହାସ ଶିରସାଟ (ଛତ୍ରପତି ସମ୍ଭାଜୀନଗର-ଜାଲନା), ଅବିନାଶ ବ୍ରାହ୍ମଣକର (ଭଣ୍ଡାରା-ଗୋନ୍ଦିଆଁ), ଦର୍ଶିଲ କଦମ (ସାଙ୍ଗଲି-ସତାରା), ରାଜେନ୍ଦ୍ର ରାଉତ (ସୋଲାପୁର), ବସଭରାଜ ପାଟିଲ (ଧାରାଶିବ-ଲାଟୁର-ବିଦ୍) , ରାଜୀବ ପୋତଦାର (ନାଗପୁର), ନନ୍ଦକିଶୋର ମହାଜନ (ଜାଲଗାଓଁ), ପ୍ରବୀଣ ପୋଟେ (ଅମରାବତୀ) ଓ ଅମର ରାଜୁରକର (ନାନ୍ଦେଡ)। ପରଭଣୀ-ହିଙ୍ଗୋଲି ଆସନରୁ ଶିବସେନାର ସୟଦ ଖାନ ଜିତିଥିଲେ। ମହାରାଷ୍ଟ୍ରରେ ଏହି ନିର୍ବାଚନୀ ଫଳାଫଳ ବିରୋଧୀ କଂଗ୍ରେସ-ଏନସିପି (ଶରଦ ପାୱାର) - ଶିବସେନା (ୟୁବିଟି) ମହାବିକାଶ ଅଘାଡ଼ି ଗୋଷ୍ଠୀ ପାଇଁ ବଡ଼ ଝଟ୍‌କା ହୋଇଛି।

# ପଶ୍ଚିମବଙ୍ଗର ବିଜେପି ସରକାର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ

- ୧ ଲକ୍ଷ ନୂଆ ସରକାରୀ ଚାକିରି
- ସାମ୍ବାଦିକଙ୍କ ପାଇଁ ୫ ହଜାର ଟଙ୍କା ପେନସନ
- ମହିଳାଙ୍କ ପାଇଁ ମାଗଣା ବସ୍ ସେବା

କୋଲକାତା, ୨୨/୬: ପଶ୍ଚିମବଙ୍ଗର ବିଜେପି ସରକାର ସୋମବାର (ଜୁନ୍ ୨୨) ବିଧାନସଭାରେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସରକାର ବଜେଟ୍‌ରେ ଅନେକ ବଡ଼ ଘୋଷଣା କରିଛନ୍ତି। ଏକ ଲକ୍ଷ ସରକାରୀ ଚାକିରିଠାରୁ ଆରମ୍ଭ କରି ମହିଳାଙ୍କ ପାଇଁ ମାଗଣା ବସ୍ ସେବା ଏବଂ କର୍ମଚାରୀଙ୍କ ମହଙ୍ଗାଭତ୍ତାରେ ୨୦% ବୃଦ୍ଧି ଆଦି ଅନ୍ତର୍ଭୁକ୍ତ ରହିଛି। ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା ପୂଜା ଅର୍ଚ୍ଚନା କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାଂସ୍କୃତିକ ପରିଚୟ ଏବଂ ରାଜ୍ୟ ହସ୍ତଶିଳ୍ପର ପ୍ରତୀକ ଭାବେ ବଜେଟ୍ ଡକ୍ୟୁମେଣ୍ଟକୁ ପାରମ୍ପରିକ ବଙ୍ଗାଳୀ ଚଟେଇ ଏବଂ ଝୋଟରୁ ତିଆରି ଏକ ଫାଇଲରେ ବିଧାନସଭାକୁ ଅଣାଯାଇଥିଲା। ବଜେଟ୍ ଭାଷଣର ଆରମ୍ଭରେ, ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା ରାଜ୍ୟର ଆର୍ଥିକ ସ୍ଥିତି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରକାଶ କରିଥିଲେ। ରାଜ୍ୟରେ ଚାଲିଥିବା ସମସ୍ତ ସାମାଜିକ ପ୍ରକଳ୍ପ ଜାରି ରହିବ। ଏହି ବିବୃତିକୁ ସରକାରଙ୍କ କଲ୍ୟାଣକାରୀ ଯୋଜନା ପ୍ରତି ପ୍ରତିବଦ୍ଧତା ଭାବରେ



ଦେଖାଯାଉଛି।ସରକାର ରାଜ୍ୟରେ ୧ ଲକ୍ଷ ଖାଲି ପଦବୀ ପୂରଣ କରିବାକୁ ଯୋଜନା ଘୋଷଣା କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦବୀ ମଧ୍ୟରୁ ୩୩ ପ୍ରତିଶତ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ଯାହା ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।ବିଧାନସଭାରେ ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା କହିଛନ୍ତି, ଆମେ ଏକ ଦୁର୍ନୀତିମୁକ୍ତ ବ୍ୟବସ୍ଥା ବିକଶିତ କରିବାକୁ ଚାହୁଁଛୁ, ଏବଂ ନୂତନ ସରକାରଙ୍କ ଲକ୍ଷ୍ୟ ହେଉଛି ଏକ ବିକଶିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରାଜ୍ୟ ସୃଷ୍ଟି କରିବା। ବଜେଟର ସବୁଠାରୁ ବଡ଼ ଘୋଷଣାଗୁଡ଼ିକ ମଧ୍ୟରେ ରାଜ୍ୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ରେ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ମୋଟ ଡିଏ ୩୮ ପ୍ରତିଶତକୁ ବୃଦ୍ଧି ପାଇବ। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ନିଷ୍ପତ୍ତି ପିଛିଲା ଭାବେ ୧ ଏପ୍ରିଲ ୨୦୨୬ ରୁ କାର୍ଯ୍ୟକାରୀ ହେବ। ସରକାର ରାଜ୍ୟ ପରିବହନ ନିଗମ ବସ୍ କଣ୍ଡକ୍ଟରଙ୍କ ପାରିଶ୍ରମିକ ବୃଦ୍ଧି ଘୋଷଣା କରିଛନ୍ତି। ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ମାସିକ ୫ ହଜାର ଟଙ୍କା ପେନସନ ଘୋଷଣା ମଧ୍ୟ ଦୃଷ୍ଟି ଆକର୍ଷଣ କରିଛି। ଏହି ନିଷ୍ପତ୍ତିଗୁଡ଼ିକ ଲକ୍ଷ ଲକ୍ଷ କର୍ମଚାରୀ, ପେନସନଭୋଗୀ ଏବଂ ସାମ୍ବାଦିକ ସମାଜକୁ ସିଧାସଳଖ ଲାଭ ଦେବ ବୋଲି ଆଶା କରାଯାଉଛି। ପଶ୍ଚିମବଙ୍ଗର ବିଜେପି ସରକାର ଜିରାମଜି ଯୋଜନା ପାଇଁ ୧୪ ହଜାର ଟଙ୍କାର କୋଟି ବଜେଟ୍ ବ୍ୟବସ୍ଥା ଘୋଷଣା କରିଛନ୍ତି। ମହିଳାମାନଙ୍କ ପାଇଁ ମାଗଣା ବସ୍ ସେବା ଜାରି ରଖିବା ପାଇଁ ୫୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ସୁବିଧାର ଲାଭ ପ୍ରଦାନ କରିବା ପାଇଁ ସରକାର ଗୋଲାପୀ କାର୍ଡ ଜାରି କରିବେ। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଅନ୍ନପୂର୍ଣ୍ଣା ଯୋଜନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜେଟ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ, ରାଜ୍ୟର ସମସ୍ତ ଖଣି କେନ୍ଦ୍ର ସରକାରଙ୍କ ଇ-ନିଲାମ ବ୍ୟବସ୍ଥା ମାଧ୍ୟମରେ ନିଲାମ କରାଯିବ, ଯାହା ସ୍ୱଚ୍ଛତା ବୃଦ୍ଧି କରିବ ବୋଲି ଦାବି କରାଯାଉଛି। ଏହା ବ୍ୟତୀତ, କାନ୍ଥିକୁ ଏକ ନୂତନ ପୁଲିସ ଜିଲ୍ଲା, ଗୋପୀବଲ୍ଲଭପୁରକୁ ଏକ ନୂତନ ଉପବିଭାଗ ଭାବରେ ନାମିତ କରାଯିବ ଏବଂ ରାଜ୍ୟ ସାରା ନୂତନ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯିବ।

୨ କୋଟି ଠକେଇ

# ଗୋଦାମ ମାଲିକଙ୍କୁ ଚୂନା ଲଗାଇଲେ ଭାଇଭଉଣୀ

ଭୁବନେଶ୍ୱର(ନିପ୍ର): ଯେଉଁ ଗୋଦାମରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ ସେହିଠାରେ ହିଁ ପ୍ରାୟ ୨ କୋଟି ଟଙ୍କାର ଠକେଇ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସୋମବାର ଠକ ଭାଇଭଉଣୀଙ୍କୁ ଗିରଫ କରିଛି ପୋଲିସ। ଗିରଫ ଠକ ଭାଇ ଭଉଣୀ ହେଉଛନ୍ତି,ଚନ୍ଦକା ଅନ୍ଧାରୁଆର ରାମେଶ୍ୱର ପାତ୍ର (୩୮) ଓ ଖଣ୍ଡଗିରି ଡେଲଟା ଅଞ୍ଚଳରେ ରହୁଥିବା ନକ୍ଷତ୍ରମାଳା ପାତ୍ର (୪୦)। ଏନେଇ ଆଦିତ୍ୟ ନାରାୟଣ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କ ବାପା ଆଇଗିଣିଆ ଠାରେ "ଭଗବତୀ ଷ୍ଟୋର" ନାମରେ ଏକ ରାସନ ଗୋଦାମ କରିଛନ୍ତି । ଅଭିଯୋଗକାରୀଙ୍କ ସମ୍ପର୍କୀୟ ତଥା ଅଭିଯୁକ୍ତ ରାମେଶ୍ୱର ପାତ୍ର ମ୍ୟାନେଜର ତଥା ଆକାଉଣ୍ଟାଣ୍ଟ ଭାବେ ତାଙ୍କ ଗୋଦାମର ହିସାବକିତାବ ବୁଝାବୁଝି କରନ୍ତି । ପୂର୍ବରୁ ଗତ ୧୧.୦୮. ୨୦୨୪ ରେ ଅଭିଯୁକ୍ତ ଜଣକ ତାଙ୍କ ଗୋଦାମରୁ ୨.୫ ଲକ୍ଷ ଟଙ୍କା ଚୋରି କରୁଥିବା ସମୟରେ, ଅଭିଯୋଗକାରୀ ତାଙ୍କୁ ଘଟଣା ସ୍ଥଳରେ ଧରିପକାଇଥିଲେ। ଏନେଇ ପଚରାଉଚରା କରିବାରୁ, ଅଭିଯୁକ୍ତ ରାମେଶ୍ୱର କୋଟିଏ ଟଙ୍କାର ହେରଫେର କରିଥିବା ସ୍ୱୀକାର କରିବା ସହ ଟଙ୍କା ଫେରସ୍ତ ପାଇଁ ରାଜି ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଅଧିକ ଯାଞ୍ଚ କରିବାରୁ, ଅଭିଯୁକ୍ତ ରାମେଶ୍ୱର 'ଭଗବତୀ ଷ୍ଟୋର' ନାମ ଥାଇ ଅନ୍ୟ ଏକ ଜାଲ ଆକାଉଣ୍ଟ ନିଜ ଭଉଣୀ ନାମରେ ଖୋଲିଥିବା ଏବଂ ଅଭିଯୋଗକାରୀଙ୍କ ଗ୍ରାହକ ମାନେ ଅଭିଯୋଗକାରୀଙ୍କ ଗୋଦାମ ନାମରେ ଦେଇଥିବା ଚେକ ସବୁକୁ ଉକ୍ତ ଜାଲ ଆକାଉଣ୍ଟରେ ଡିପୋଜିଟ କରି ପ୍ରାୟ ୨ କୋଟି ଟଙ୍କା ଠକେଇ କରିଥିବା ନେଇ, ଅଭିଯୋଗକାରୀ ଜାଣିବାକୁ ପାଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

ଫେସବୁକ୍‌ରେ ପ୍ରେମ ପରେ ବିଦେଶ ବୁଲା

# ଲଭ-ସେକ୍ସ ପରେ ଡାକ୍ତରଙ୍କ ଧୋକା

■ ମହିଳାଙ୍କ ଅଭିଯୋଗ ପରେ ଉମରକୋଟରୁ ଧରାପଡିଲେ ■ ପ୍ରେମ ନାଁରେ ୩୦ ଲକ୍ଷ ଚଳୁ

ଭୁବନେଶ୍ୱର(ନିପ୍ର): ବର୍ତ୍ତମାନର ସମୟରେ ସୋସିଆଲ ମିଡିଆ ବ୍ୟବହାର କରିବା ଯେତିକି ଭଲ, ସେତିକି ଖରାପ ମଧ୍ୟ। ସୋସିଆଲ ମିଡିଆର ଦୁରୁପୋଯୋଗ କରି ଜଣେ ମହିଳାଙ୍କୁ ନିଜ ପ୍ରେମ ଜାଲରେ ଫସାଇ ତାଙ୍କ ଟଙ୍କାରେ ଅୟସ ଆରାମ କରିବା ପରେ ତାଙ୍କୁ ପ୍ରତାରିତ କରିବା ଜଣେ ଡାକ୍ତରଙ୍କୁ ମହଙ୍ଗା ପଡିଛି। ଏନେଇ ମହିଳା ଜଣଙ୍କ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହିକ୍ରମରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଡାକ୍ତର ଅବିନାଶ ମହାନ୍ତିଙ୍କୁ ଉମରକୋଟରୁ ଗିରଫ କରି ଆଣି ସୋମବାର କୋର୍ଟଚାଲାଣ କରିଛି। ଏନେଇ ପ୍ରତାରିତ ହୋଇଥିବା ମହିଳା ଜଣଙ୍କ ଗତ ଦୁଇଦିନ ତଳେ ଥାନାରେ ଅଭିଯୋଗ କରିଥିବା ନେଇ ଏୟାରଫିଲ୍ଡ ଥାନାଧିକାରିଣୀ ଦୀପିକା ରାୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଡାକ୍ତର ଜଣଙ୍କ ବର୍ତ୍ତମାନ ସମୟରେ ଗଞ୍ଜାମ ସାନଖେମୁଣ୍ଡି ଅଞ୍ଚଳର ଏକ ସିଏଚ୍‌ସିରେ କାର୍ଯ୍ୟ କରୁଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗିରଫ ଡାକ୍ତର ଅବିନାଶ ୨୦୨୪ ମସିହାରେ ସୁନ୍ଦରପଦା ଅଞ୍ଚଳର ଜଣେ ୪୮ ବର୍ଷୀୟ ମହିଳାଙ୍କ ସହ ସୋସିଆଲ ମିଡିଆରେ ଯୋଗାଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଡାକ୍ତର ଜଣଙ୍କ ପୀଡିତା ମହିଳାଙ୍କୁ ବହୁ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ମନ ଜିଣିବା ସହ ତାଙ୍କ ଠାରୁ ବିଭିନ୍ନ ସମୟରେ ନଗଦ ଟଙ୍କା, ସୁନା ଅଳଙ୍କାର ଓ ଦାମୀ ମୋବାଇଲ ଫୋନ ମଧ୍ୟ ନେଇଥିଲେ। ଏପରିକି ୨୦୨୫ ମସିହାରେ ନିଜ ଜନ୍ମଦିନକୁ ଦୁବାଇରେ ପାଳନ କରିବା ଲାଗି ପୀଡିତା ମହିଳାଙ୍କୁ ଅଭିଯୁକ୍ତ ଡାକ୍ତର ଅବିନାଶ ବାଧ୍ୟ କରିଥିଲେ। ଫଳରେ ପୀଡିତା ଜଣଙ୍କ ବାଧ୍ୟ ହୋଇ ନିଜ ଜମି ବିକା ଟଙ୍କାରୁ ୧୨ ଲକ୍ଷ ଟଙ୍କା ନିବେଶ କରି ଅବିନାଶଙ୍କ ସହ ଦୁବାଇ ଯାଇଥିଲେ। ଯେଉଁଠାରେ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କାକୁ ପୀଡିତା ଜଣଙ୍କ ବହନ କରିଥିଲେ। ତେବେ ପୀଡିତା ଜଣଙ୍କ ବିବାହିତ ଥିବା ସତ୍ୱେ ତାଙ୍କ ଇଚ୍ଛା ବିରୋଧରେ ଅଭିଯୁକ୍ତ ଡାକ୍ତର ତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖ?ଥିଲେ। ଏପରିକି ତାଙ୍କ ଅଜାଣତରେ ପୀଡିତାଙ୍କର କିଛି ଫଟୋକୁ ସେ ମୋବାଇଲରେ ଉତ୍ତୋଳନ କରି ବିଭିନ୍ନ ସମୟରେ ବ୍ଲାକମେଲ କରି ତାଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ଏସମସ୍ତ ଘଟଣା ପୀଡିତା ତାଙ୍କ ସ୍ୱାମୀଙ୍କୁ ଜଣାଇବା ପରେ ଉଭୟ ଅଭିଯୁକ୍ତ ଡାକ୍ତରଙ୍କ ଠାରୁ ଧାର ନେଇଥିବା ଟଙ୍କା ଦାବୀ କରିଥିଲେ। ଏଥିରେ ଡାକ୍ତର ଜଣଙ୍କ ରାଜି ନ ହେବା ସହ ଟଙ୍କା ମାଗିଲେ ତାଙ୍କ ଫଟୋକୁ ଭାଇରାଲ କରିଦେବେ ବୋଲି ପୀଡିତାଙ୍କୁ ଧମକ ଦେଇଥିଲେ। ଫଳରେ ପୀଡିତା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଡାକ୍ତର ଅବିନାଶଙ୍କୁ ଗିରଫ କରିଥିବା ଜଣାପଡିଛି।

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

# ଓଏଏସ୍ ଭୀମସେନ ଟୁଡୁଙ୍କୁ ରିମାଣ୍ଡରେ ନେଲା ପୋଲିସ

କଟକ(ନିପ୍ର): ବହୁଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ଓଏଏସ ଭୀମସେନ ଟୁଡୁଙ୍କ ରିମାଣ୍ଡକୁ ମିଳିଲା ଅନୁମତି। ସୋମବାର ଭୀମସେନ ଟୁଡୁଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି ଜେଏମଏଫସି – ୨ କୋର୍ଟ । ରିମାଣ୍ଡ ମିଳିବା ପରେ ଏବେ ଭୀମସେନଙ୍କୁ ଅଧିକ ପଚରାଉଚରା କରିବ କମିଶନରେଟ ପୋଲିସ। ଗତ ଜୁନ୍ ୧୨ ତାରିଖ ଦିନ ଭୀମସେନଙ୍କୁ ମୟୂରଭଞ୍ଜରୁ ଗିରଫ କରିଥିଲା ପୋଲିସ। ସୂଚନାଥାଉକି, ଚଳିତ ମାସ ୪ ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିଥିଲା। ହେଲେ ପ୍ରେମ ବ୍ୟାପାରକୁ ନେଇ ପୁରୁଷବନ୍ଧୁ ଭୀମସେନ ଜଣେ ଯୁବତୀଙ୍କ ସହ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ଚନ୍ଦ୍ରିକାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ ବେଳେ ପୋଲିସ, ଚନ୍ଦ୍ରିକାଙ୍କ ପୁରୁଷବନ୍ଧୁ ଓ ଚନ୍ଦ୍ରିକାଙ୍କ ମା'ଙ୍କ ମଧ୍ୟରେ କଥାବାର୍ତ୍ତାର ଫୋନ କଲ ଅଡିଓ ପାଇଥିଲା। ପରିବାର ଲୋକେ ଅଭିଯୋଗ କରିଥିଲେ, ଚନ୍ଦ୍ରିକାଙ୍କ ସହ ଦୀର୍ଘ ଦିନର ପ୍ରେମ ସମ୍ପର୍କ ଭିତରେ ଦ୍ୱିତୀୟ ଯୁବତୀ ଆସିବା ପରେ ଓଏଏସ୍ ତାଲିମ ନେଉଥିବା ପୁରୁଷବନ୍ଧୁ ଭୀମସେନ ମାନସିକ ନିର୍ଯାତନା ଦେଇ ଚନ୍ଦ୍ରିକାଙ୍କୁ ଚାପରେ ରଖିବା ଆରମ୍ଭ କରିଥିଲେ । ଚନ୍ଦ୍ରିକା ଗୋରା ନ ଥିବାରୁ ତାଙ୍କୁ ବାହା ହେବାକୁ ରାଜି ହେଉ ନ ଥିଲେ ପୁରୁଷବନ୍ଧୁ । ଗୋରା ହେବାକୁ କସମେଟିକ ଟ୍ରିଟମେଣ୍ଟ ନେବା ପାଇଁ ଚନ୍ଦ୍ରିକା ସପ୍ତାହରେ ଥରେ ଭୁବନେଶ୍ୱର ଆସି ଇଞ୍ଜେକଶନ ନେଉଥିଲେ । ଗୋରା ହେବା ପରେ ତାଙ୍କ ପୁରୁଷବନ୍ଧୁ ବିବାହ ପାଇଁ ରାଜି ହୋଇଯିବେ ବୋଲି ସେ ଭାବୁଥିବା ଚନ୍ଦ୍ରିକାଙ୍କ ମା' ହିରାମଣି ପୋଲିସକୁ କହିଥିଲେ । ତେବେ ପୋଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଚନ୍ଦ୍ରିକାଙ୍କ ବୟଫ୍ରେଣ୍ଡଙ୍କୁ ଧରିବା ପାଇଁ ଏକାଧିକ ଟିମ୍ ମଧ୍ୟ ଗଠନ ହୋଇଥିଲା।

# ଯୁବ ବ୍ୟବସାୟୀଙ୍କ ଆତ୍ମହତ୍ୟା

ପିପିଲି(ନିପ୍ର): ସୋମବାର ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଛକରେ ଜଣେ ଯୁବ ବ୍ୟବସାୟୀ ଦୋକାନ ଭିତରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତ ଯୁବକ ଜଣକ ହେଲେ ପିପିଲି ଥାନା ଅନ୍ତର୍ଗତ ପାଣିଦୋଳ ମଠସାହି ଗ୍ରାମର ଅଭିଜିତ ବେହେରା । ସୂଚନା ମୁତାବକ ଗତ ୨ବର୍ଷ ତଳେ ବାପାଙ୍କ ମୃତ୍ୟୁ ପରେ ଅଭିଜିତ ଓ ତାଙ୍କ ମା ମାମୁଁଘର ସାତଶଙ୍ଖ ଅଞ୍ଚଳ କାର୍ତ୍ତିକପଡ଼ା ଗ୍ରାମରେ ରହୁଥିଲେ। ପରେ ଅଭିଜିତଙ୍କ ମା ବଳଙ୍ଗା ବଜାରରେ ଥିବା ଏକ ମେଡିସିନ ଦୋକାନରେ କାମ କରୁଥିଲା ବେଳେ ଅଭିଜିତ ବାୟାବର ଛକରେ ପାନ ଦୋକାନ କରି ସେଠାରେ ରହୁଥିଲେ। ସୋମବାର ମଧ୍ୟାହ୍ନ ୧୨ଟା ସମୟରେ ତାଙ୍କର ଜଣେ ସାଥୀଙ୍କ ସହ ବାୟାବର ଗ୍ରାମକୁ ଯାଇ ଫେରିବା ପରେ ଦୋକାନ ବନ୍ଦ କରି ଭିତରେ ଥିଲେ। କିଛି ସମୟ ପରେ ତାଙ୍କ ସାଥୀ ଜଣଙ୍କ ଆସି କବାଟ ବାଡ଼େଇବାରୁ ଅଭିଜିତ କୌଣସି ଉତ୍ତର ଦେଇନଥିଲେ। ପରେ ସାଥୀ ଜଣଙ୍କର ସନ୍ଦେହ ହେବାରୁ ସେ କବାଟ ଫାଙ୍କରେ ଦେଖିଲା ବେଳକୁ ଅଭିଜିତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ତାଙ୍କ ମାଙ୍କୁ ଖବର ଦିଆଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଭାଙ୍ଗି ଅଭିଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମଙ୍ଗଳପୁର ମେଡ଼ିକାଲ ନେଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଥିଲା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇବା ସହ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ତଦନ୍ତ ଜାରି ରଖିଛି।

# ଲୁଟେରା ଗିରଫ: ମୋବାଇଲ ଜବତ

କଟକ(ନିପ୍ର): ଜଗତପୁର ଥାନା ପୋଲିସ ଜଣେ ପେସାଦାର ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତା ନିକଟରୁ ଚୋରି ମୋବାଇଲ ଜବତ କରିଛି । ଗିରଫ ଅଭିଯୁକ୍ତ ଜଗତପୁର ତାଳବଣିଆର ରତନା ମୁଣ୍ଡା ଓରଫ ହେଟା (୧୯)। ମିଳିଥିବା ସୂଚନା ଅନୁଯାୟୀ ଗତ ଡିସେମ୍ବର ୨୨ ତାରିଖ ଦିନ ୧୨ଟା ବେଳେ କଟକ ମହାନଗର ନିଗମ ଅନ୍ତର୍ଗତ ୫୭ ନମ୍ବର ୱାର୍ଡ ଗୋପାଳପୁରରେ ରହୁଥିବା ଅମ୍ଳାନ ଜ୍ୟୋତି ଦାସ ନାମକ ଯୁବକ ତାଙ୍କ ମୋଟର ସାଇକେଲ (ଓଡି ୦୫ ଏଟି ୦୩୦୩) ରେ ତାଙ୍କ ଗ୍ରାମ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଗୋତରା ଗ୍ରାମକୁ ଯାଉଥିଲେ। ତାଙ୍କ ପେଟ ଖରାପ ଥିବାରୁ ସେ ତାଙ୍କ ଗାଡି, ମୋବାଇଲ, ପର୍ସ ଆଦି ଜଗତପୁର ଟ୍ରକ ଟର୍ମିନାଲ ନିକଟରେ ପେଟ୍ରୋଲ ଟାଙ୍କି ସମ୍ମୁଖରେ ରଖି ନଦୀକୁ ଯାଇଥିଲେ। ସେଠାରୁ ଫେରିବା ପରେ ସେ ତାଙ୍କ ଗାଡି, ମୋବାଇଲ, ପର୍ସ କିଛି ପାଇନଥିଲେ। କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ। ତା ପର ଦିନ ତାଙ୍କ ଦାଦା ଉମେଶ ଚନ୍ଦ୍ର ଦାସ ଏ ନେଇ ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ତଦନ୍ତକାରୀ ଅଧିକାରୀ ସିସିଟିଭି ଫୁଟେଜ, ନିଜସ୍ୱ ଗୁଇନ୍ଦା ଏବଂ ମୋବାଇଲ ଟ୍ରାକିଂ କରି ଚୋରି ମୋବାଇଲର ଲୋକେସନ ତାଳବଣିଆରେ ଠାବ କରି ରତନା ନିକଟରେ ପହଂଚି ଥିଲେ। ରତନା ଠାରୁ ଚୋରି ମୋବାଇଲ ଜବତ କରିବା ପରେ ସେ ଓ ତାର ସାଙ୍ଗ ଜଗତପୁର ଷ୍ଟେସନ ବଜାରର ମାଧବ ନାୟକ ଓରଫ ଓମ (୧୯) ଗାଡି, ମୋବାଇଲ, ପର୍ସ ଓ ପର୍ସରେ ଥିବା ୩୫୦୦ ଟଙ୍କା ନେଇଥିବା ସ୍ୱୀକାର କରିଥିଲା।

# ସହଯୋଗୀଙ୍କୁ ଆକ୍ରମଣ କରି ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ସାମାନ୍ୟ ବଚସାକୁ ନେଇ ନିଜର ଜଣେ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ରବି ନାରାୟଣ ସେଠୀ (୩୪) ଓ ତାଙ୍କ ଘର ଭୌମନଗରର ପ୍ଲଟ ନଂ ୨୧ରେ ବୋଲି ଜଣାପଡିଛି। ଏନେଇ ବିବେକ ସନା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ନିଶାଗ୍ରସ୍ତ ଅବସ୍ଥାରେ ମା'କୁ ମରଣାନ୍ତକ ଆକ୍ରମଣ, ପୁଅ ଗିରଫ

ଭୁବନେଶ୍ୱର(ନିପ୍ର): ନିଶାଗ୍ରସ୍ତ ଅବସରରେ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଦେବୀ ପ୍ରସାଦ ଭୋଇ ଓରଫ ବାବୁ ଓ ତାଙ୍କ ଘର ଚେମେଡି ସାହିରେ ବୋଲି ଜଣାପଡିଛି। ଏନେଇ ଆକ୍ରମଣର ଶିକାର ମା' ଶୈଳବାଳା ଭୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ପରିବାର ସହ ଓଲ୍ଡ ଟାଉନ ଅନ୍ତର୍ଗତ ଚେମେଡି ସାହିରେ ରୁହନ୍ତି । ଅଭିଯୁକ୍ତ ବାବୁ ହେଉଛନ୍ତି ତାଙ୍କ ପୁଅ ଏବଂ ସେ ବେରୋଜଗାରକ୍ଷମ । ଦୈନନ୍ଦିନ ଖର୍ଚ୍ଚ ନିମନ୍ତେ ସେ ତାଙ୍କ ମା ତଥା ଅଭିଯୋଗକାରିଣୀଙ୍କ ଉପରେ ନିର୍ଭରଶୀଳ । ସେ ନୟମିତ ଭାବେ ମଦ୍ୟପାନ କରିବା ସହ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିଥାନ୍ତି। ଗତକାଲି ସକାଳେ ମଦ୍ୟପାନ ଲାଗି ସେ ତାଙ୍କ ମା ଙ୍କୁ ଟଙ୍କା ମାଗିଥିଲା। ମା ଟଙ୍କା ଦେବାକୁ ମନା କରିବାରୁ, ଅଭିଯୁକ୍ତ ତାଙ୍କୁ ପ୍ରବଳ ମାଡ ମାରିଥିଲେ । ତାଙ୍କ ପଟି ଶୁଣି ତାଙ୍କ ବୋହୁ ଏବଂ ପଡୋଶୀ ତାଙ୍କୁ ଉଦ୍ଧାର କରିବା ଲାଗି ଘଟଣା ସ୍ଥଳକୁ ଦୌଡିଯାଇଥିଲେ । ସମସ୍ତଙ୍କୁ ଅସୁଥିବାର ଦେଖି ଅଭିଯୁକ୍ତ ଜଣକ ଅତ୍ୟଧିକ ଉତ୍ତେଜିତ ହୋଇ ଘରୁ ଏକ ଖଣ୍ଡା ଆଣି ସମସ୍ତଙ୍କୁ ଆକ୍ରମଣ କରିବା ଲାଗି ଉଦ୍ୟମ କରିଥିଲେ। ଏହା ଦେଖି ସମସ୍ତେ ଜୀବନ ବଞ୍ଚାଇବା ଲାଗି ଘଟଣା ସ୍ଥଳରୁ ଦୌଡି ପଳାଇଯାଇଥିଲେ। ପରେ ଏନେଇ ଅଭିଯୋଗକାରିଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ମାମଲା ଯାଞ୍ଚ ସମୟରେ, ତାଙ୍କ ନାମରେ ଲିଙ୍ଗରାଜ ଥାନାରେ ଆହୁରି ମଧ୍ୟ ୩ଟି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

ଲାଞ୍ଚ ନେଇ ମଞ୍ଚେଶ୍ୱର ପୋଲିସ ଏଏସଆଇ ଗିରଫ ମାମଲା

# ଏସଆଇ ଓ କନଷ୍ଟେବଲ ୨ ଦିନିଆ ରିମାଣ୍ଡରେ ଗଲେ

ଭୁବନେଶ୍ୱର(ନିପ୍ର): ମଞ୍ଚେଶ୍ୱର ଥାନା ଏଏସଆଇ ରାଜେଶ କୁଲ୍ଲୁ ଓ ଜ୍ୟୋତିରଞ୍ଜନ ବେହେରା ଗିରଫ ମାମଲାରେ ଭିଜିଲାନ୍ସ ତଦନ୍ତ ଜାରି ରଖିଛି। ଗିରଫ ୨ ଜଣଙ୍କୁ ଭିଜିଲାନ୍ସ ରିମାଣ୍ଡରେ ନେଇଛି। ସୋମବାରଠାରୁ ୨ ଦିନିଆ ରିମାଣ୍ଡ ଅବଧି ଆରମ୍ଭ ହୋଇଥିବାବେଳେ ଲାଞ୍ଚ ମାମଲା ନେଇ ଭିଜିଲାନ୍ସ ପଚରାଉଚରା କରୁଛି। ରାଜେଶ ନେଇଥିବା ୫୦ ହଜାର ଟଙ୍କାକୁ ଆଉ କିଛି ପୋଲିସ କର୍ମଚାରୀଙ୍କ ମଧ୍ୟରେ ଭାଗବଣ୍ଟା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ଭିଜିଲାନ୍ସ ଖୋଳତାଡ଼ ଆରମ୍ଭ କରିଛି। ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ଭିଜିଲାନ୍ସ ପଚରାଉଚରା କରିବ। ଅଭିଯୋଗକାରୀ ଦେଇଥିବା କଲ ରେକର୍ଡ ଓ ଏଏସଆଇଙ୍କ ଭଏସକୁ ଯାଞ୍ଚ କରାଯିବ। ଠକେଇ ମାମଲାରେ ତଦନ୍ତକାରୀ ଅଧିକାରୀ ଥିବା ରାଜେଶ ଅଭିଯୋଗକାରୀଙ୍କୁ ଗିରଫରୁ ମୁକୁଳାଇବା, ଜବତ ୨ଟି ଫୋନ୍ ଫେରାଇବା ଓ ଚାର୍ଜସିଟରେ ସହାୟତା କରିବା ଆଳରେ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ୨ ଗୃହରକ୍ଷୀଙ୍କ ଜରିଆରେ ପୂର୍ବରୁ ରାଜେଶ ୮୦ହଜାର ଟଙ୍କା ନେଇଥିଲା ବଳକା ୨୦ ହଜାର ନେଉଥିବାବେଳେ ରାଜେଶ ଓ ଜ୍ୟୋତିରଞ୍ଜନଙ୍କୁ ଭିଜିଲାନ୍ସ ଧରିଥିଲା। ଗିରଫ ପରେ କମିଶନରେଟ ପୋଲିସ ରାଜେଶଙ୍କୁ ଚାକିରିରୁ ବହିଷ୍କୃତ କରିଥିବାବେଳେ ୨ ଗୃହରକ୍ଷୀଙ୍କୁ ମାସକର ସମୟ ଦେଇଛି।

# ଜେଲ ଗଲା ଚେନ୍ ଲୁଟେରା

ଭୁବନେଶ୍ୱର(ନିପ୍ର): ଖଣ୍ଡଗିରି ଥାନା ପୋଲିସ ସୋମବାର ଜଣେ ଚେନ୍ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଲୁଟେରା ଜଣଙ୍କ ହେଉଛି, ସୁଦର୍ଶନ ପ୍ରଧାନ (୨୩) ଓ ତାଙ୍କ ଘର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗରର ପ୍ଲଟ ନଂ ଏ/୧୮ରେ ବୋଲି ଜଣାପଡିଛି। ଏନେଇ ପ୍ରିୟଙ୍କା ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ପ୍ରିୟଙ୍କା ସିଂହ ଜାଗମରା ଅଞ୍ଚଳରେ ରୁହନ୍ତି । ଘଟଣା ଦିନ ସକାଳ ପ୍ରାୟ ୭:୩୫ ସମୟରେ ସେ ସୌଭାଗ୍ୟନଗରରୁ ନିଜ ଘରକୁ ଫେରୁଥିବା ବେଳେ, ୧୦୦ ଫୁଟିଆ ରାସ୍ତା ସ୍ଥିତ ୱାଇନ୍ ଶପ୍ ନିକଟରେ ଏକ ଅଜଣା ବ୍ୟକ୍ତି ମୋଟରସାଇକେଲ୍‌ରେ ପିଛା କରି ଆସି ତାଙ୍କ ବେକରୁ ପ୍ରାୟ ୨୦ଗ୍ରାମ ଓଜନର ସୁନା ଚେନ୍ ଜୋରଜବରଦସ୍ତ ଝାମ୍ପି ନେଇ ପ୍ରମେୟ ଛକ ଅଭିମୁଖେ ଦ୍ରୁତ ଗତିରେ ଖସି ପଳାଇ ଯାଇଥିଲା। ତଦନ୍ତ କାଳରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା, ସାକ୍ଷୀମାନଙ୍କ ବୟାନ ସଂଗ୍ରହ ଏବଂ ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ପରେ, ଜଣେ ବ୍ୟକ୍ତି ନମ୍ବର ପ୍ଲେଟ୍ ବିହୀନ ଏକ ଧଳା ରଙ୍ଗର ମୋଟରସାଇକେଲ୍ ବ୍ୟବହାର କରି ଏହି ଅପରାଧ ଘଟାଇ ଥିବା ଜଣାପଡିଥିଲା ।

# ନିଲମ୍ବିତ ହେଲେ ପୂର୍ବତନ ଆଇଆଇସି



ନୟାଗଡ(ନିପ୍ର): ଶରଣକୂଳ ଥାନା ଅଧିକାରୀ ସୁଜିତ ଦାସଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ କୁନି ବେହେରା ନାମ୍ନୀ ଜଣେ ମହିଳା । ଜାମୁସାହି ଗ୍ରାମବାସୀଙ୍କ ସହ ଜାଗାବାଡ଼ି ବିବାଦ ଅଭିଯୋଗ ନେଇ ଶରଣକୁଳ ଥାନାକୁ ଯାଇଥିଲେ ମହିଳା । ପରେ ଥାନା ବାବୁ ମହିଳାଙ୍କୁ ଫସାଇ ସମସ୍ୟାର ସମାଧାନ କରିଦେବେ ବୋଲି କହି ନିଜେ ରହୁଥିବା ଭଡା ଘରକୁ ଫୋନରେ ଡକାଇ ମହିଳାଙ୍କ ଇଛା ବିରୋଧରେ ଦୁଷ୍କର୍ମ କରିଥିଲେ ବୋଲି ମହିଳାଅଭିଯୋଗ ନେଇ ନୟାଗଡ ଏସପିଙ୍କ ଦ୍ୱାରାସ୍ଥ ହୋଇଥିଲେ । ଘଟଣାର ତଦାରଖ ପରେ ଡିଜିପି କଟକ ଶରଣକୁଳ ଥାନା ଅଧିକାରୀ ସୁଜିତ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ।

# କୋଟିଏ ଟଙ୍କାର ଗହଣା ଲୁଟ୍ ଅଭିଯୋଗ




ବୋଲଗଡ଼: ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଞ୍ଚଳରେ ଏକ ବଡ଼ ଧରଣର ଚୋରି ହୋଇଥିବା ଘଟଣା ସାମ୍ନାକୁ ଆସିଛି । ଘରେ କେହି ନଥିବା ସୁଯୋଗ ନେଇ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ସୁନା, ରୁପା ଅଳଙ୍କାର ସହ ନଗଦ ଟଙ୍କା ମିଶାଇ ପ୍ରାୟ କୋଟିଏ ଟଙ୍କାର ସାମଗ୍ରୀ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଚାଞ୍ଚଲ୍ୟକର ଘଟଣା ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଅଞ୍ଚଳରେ ଘଟିଛି । ଘଟଣା ପରେ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ଘର ମାଲିକ ବାହାରେ ଥିବା ସମୟରେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଓ ଲକର ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ବହୁ ପରିମାଣର ନଗଦ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି । ଲୁଟ୍ ହୋଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ଏକ କୋଟି ଟଙ୍କା ହେବ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।

# ବିଦ୍ୟୁତ୍ ତାର ଲାଗି ଗର୍ଭିଣୀ ଗାଈ ମୃତ

ସୋନପୁର(ନିପ୍ର): ଟାଟା ପାୱାରର ଖାମଖିଆଲି ଯୋଗୁଁ ଏକ ଗର୍ଭିଣୀ ଗାଈର ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ସହର ଉପକଣ୍ଠ ସୋନପୁର ବିନିକା ରାସ୍ତାର ପାଣିସିଆଲି ପେଟ୍ରୋଲ ପମ୍ପ ସାମନାରେ ଏହି ଘଟଣା ଘଟିଯାଇଛି । ଦୀର୍ଘଦିନ ହେବ ଖୁଣ୍ଟରୁ ଛିଣ୍ଡି ତଳେ ପଡିଥିବା କେବୁଲ ତାରର ସଂସ୍ପର୍ଶରେ ଆସି ଗର୍ଭିଣୀ ଗାଈର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୋନପୁର ସୂତାକଳ ନିକଟସ୍ଥ ଡି କଲୋନୀର ରାମଗୋପାଳ ସାହୁଙ୍କ



ଏକ ଗର୍ଭିଣୀ ଗାଈ ସହ ଆଉ କିଛି ଗାଈ ଚରୁଥିବା ସମୟରେ ଟାଟା ପାୱାର ଦ୍ୱାରା ଲଗାଯାଇଥିବା ବିଦ୍ୟୁତ ଖୁଣ୍ଟରୁ ଛିଣ୍ଡି ପଡିଥିବା ତାର ସଂସ୍ପର୍ଶରେ ଆସିଯାଇ ଛଟପଟ ହୋଇଥିଲେ। ସୌଭାଗ୍ୟବଶତଃ ଘଟଣାସ୍ଥଳରୁ ୨ଟା ଗାଈ ଛିଟିକି ପଡି ବଞ୍ଚିଯାଇଥିବାବେଳେ ଏକ ଗର୍ଭିଣୀ ଗାଈ ମୃତ୍ୟୁବରଣ କରିଛି । କିଛି ମାସ ପୂର୍ବରୁ ରାମଗୋପାଳ ଉକ୍ତ ଗାଈକୁ ୩୦ ହଜାର ଟଙ୍କାରେ ଗ୍ରୁପ୍ ଲୋନ୍ କରି କିଣି ଥିବାବେଳେ ଉକ୍ତ ଗାଈ ହିଁ ତାଙ୍କର ପୁଞ୍ଜି ଥିଲା। ହେଲେ ତାଙ୍କର ଏକମାତ୍ର ଭରସା ଥିବା ଗାଈଟିର ମୃତ୍ୟୁ ପରେ ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଟାଟା ପାୱାରର ଦାୟିତ୍ୱହୀନତାକୁ ଦାୟୀକରି ଶୀଘ୍ର କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି।

# ପ୍ରେମିକ ସହ ପତ୍ନୀକୁ ପୋଲିସ ଜିମା ଦେଲା ସ୍ୱାମୀ

ପିପିଲି(ନିପ୍ର): ପିପିଲି ଏସଡିପିଓଙ୍କ ଅଫିସ ଅଧିନ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ମହିଳା ଅନ୍ୟ ଜଣେ ବିବାହିତ ଯୁବକଙ୍କ ସହିତ ଫେରାର ହୋଇଯାଇଥିଲେ। ରବିବାର ମହିଳାଙ୍କ ସ୍ୱାମୀ ମହିଳା ଓ ତାଙ୍କ ପ୍ରେମିକକୁ ପୁରୀରୁ ଧରି ପୋଲିସ ଜିମା ଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଭଲ ପାଇ ବିବାହ କରିଥିଲେ। ବର୍ତ୍ତମାନ ମହିଳାଙ୍କ ୧୩ବର୍ଷର ପୁଅ ୧୧ବର୍ଷର ଝିଅ ଅଛନ୍ତି। ପରିବାର ଚଳାଇବା ଅସୁବିଧା ହେବାରୁ ଗତ ୨ମାସ ତଳେ ଉଭୟ ଦମ୍ପତି ଟଙ୍କା ରୋଜଗାର ପାଇଁ ନିଷ୍ପତ୍ତି ନେଇ ପୁଅ ଝିଅଙ୍କୁ ବାପା-ମାଙ୍କ ପାଖରେ ଛାଡି ପତ୍ନୀଙ୍କୁ ପୁରୀରେ ଏକ କମ୍ପାନୀରେ ଛାଡି ନିଜେ ଭୁବନେଶ୍ୱରରେ ରହୁଥିଲେ। ମହିଳା ଜଣଙ୍କ ପୁରୀରେ ରହିବା ଭିତରେ ଅନ୍ୟ ଜଣେ ବିବାହିତ ଯୁବକଙ୍କ ପ୍ରେମରେ ପଡ଼ିଥିଲେ। ଯାହା ଫଳରେ ମହିଳାଙ୍କ ସ୍ୱାମୀ ଫୋନ ଯୋଗେ ଯୋଗାଯୋଗ କରୁଥିଲେ ସୁଦ୍ଧା ମହିଳା ଫୋନ ଉଠାଉ ନଥିଲେ। ଫଳରେ ମହିଳାଙ୍କ ସ୍ୱାମୀ ପୁରୀ ଆସି ଖୋଜାଖୋଜି କରିବାରୁ ତାଙ୍କୁ ପାଇନଥିଲେ। ଗତ ୧୫ଦିନ ତଳେ ମହିଳା ଶାଶୂଘରକୁ ଫେରିଥିବା ଖବର ପାଇ ତାଙ୍କ ସ୍ୱାମୀ କୁଆଡେ ଯାଇଥିଲା ଓ ଫୋନ କଣ ପାଇଁ ଉଠାଉ ନଥିଲ ବୋଲି ପଚାରିଥିଲେ । ଜବାବରେ ମହିଳା ଜଣଙ୍କ ତାଙ୍କ ଇଛା କୁଆଡେ ସେ ଯିବେ ବୋଲି କହିଥିଲେ। ପରଦିନ ସକାଳୁ ମହିଳା ଜଣଙ୍କ ଘରୁ ବହାରି ଯିବା ବେଳେ ସ୍ୱାମୀ ଅଟକାଇବାରୁ ସେ ତାଙ୍କୁ ଧକ୍କା ମାରି ଖୁବ ଶୀଘ୍ର ଥାନା ଓ କୋର୍ଟରେ ଦେଖା ହେବ ବୋଲି କହି ପଳାଇଥିଲେ । ମହିଳାଙ୍କ ସ୍ୱାମୀଙ୍କ ସନ୍ଦେହ ହେବାରୁ ସେ ରବିବାର ପୁରୀ ଯାଇ ଖୋଜାଖୋଜି କରୁଥିଲା ବେଳେ ହଠାତ୍ ଏକ ସ୍ଥାନରେ ମହିଳାଙ୍କୁ ଅନ୍ୟ ଜଣେ ପୁରୁଷ ସହ ଦେଖି ଉଭୟଙ୍କୁ ଅଟକାଇବାରୁ ମହିଳା ଜଣଙ୍କ ତାଙ୍କୁ ଚିହ୍ନି ନଥିବା କହିଥିଲେ। ସ୍ଥାନୀୟ ଲୋକେ ଜମା ହେବାରୁ ମହିଳାଙ୍କ ସ୍ୱାମୀଙ୍କ ସହ ଯାଇଥିବା ଲୋକମାନେ ସତକଥା କହିଥିଲେ। ପରେ ମହିଳାଙ୍କ ସ୍ୱାମୀ ମହିଳା ଓ ତାଙ୍କ ପ୍ରେମିକଙ୍କୁ ଏକ ଅଟୋ ଯୋଗେ ବଳଙ୍ଗା ଥାନାକୁ ଆଣି ଜିମା ଦେଇଥିଲେ। ପୂର୍ବରୁ ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ବୁଝାମଣା ପରେ ପ୍ରେମିକ ପ୍ରେମିକାକୁ ଛାଡି ନିଜ ବିବାହିତା ସ୍ତ୍ରୀ ସହିତ ଯାଇଥିବା ସୂଚନା ଥିବା ବେଳେ ପ୍ରେମିକା ସ୍ୱାମୀ ଓ ପିଲାଙ୍କୁ ଛାଡି କମ୍ପାନୀ କାର୍ଯ୍ୟକୁ ଯାଇଥିବା ତାଙ୍କ ସମ୍ପର୍କୀୟ ମାନେ କହିଛନ୍ତି ।

# ଡାକ୍ତରଙ୍କୁ ରକ୍ତାକ୍ତ ଆକ୍ରମଣ କରି ଲୁଟିଲେ ଦୁର୍ବୃତ୍ତ

ହିଞ୍ଜିଳିକାଟୁ(ନିପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଅଧୀନ ସାହାପୁର-ଶିଖରପୁର ରାସ୍ତା ମଧ୍ୟରେ ରବିବାର ରାତ୍ରରେ ଜଣେ ଡ଼ାକ୍ତରଙ୍କୁ ଅଚିହ୍ନା ଦୁର୍ବୃର୍ତ୍ତମାନେ ରକ୍ତାକ୍ତ ଆକ୍ରମଣ କରି ତାଙ୍କଠାରୁ ଟଙ୍କା, ମୋବାଇଲ ଓ ଆବଶ୍ୟକ କାଗଜପତ୍ର ଲୁଟି ନେଇ ଫେରାର ହୋଇଥିବା ଜଣାପଡ଼ିଛି। ଲୁଟର ଶିକାର ହୋଇଥିବା ଡାକ୍ତର ଜଣକ ହେଲେ ବେଲଗାଁ ଥାନା ଗଣ୍ଡଳା ଗ୍ରାମର ସୁବାସ ଚନ୍ଦ୍ର ପାଢ଼ୀ(୬୫)। ସେ ସାହାପୁର ବଜାର ସାହିରେ ଏକ କ୍ଲିନିକ୍ ଖୋଲି ଦୀର୍ଘବର୍ଷ ଧରି ନିକଟସ୍ଥ ଗ୍ରାମର ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ ଡାକ୍ତର ସୁବାସ ଚନ୍ଦ୍ର ପାଢ଼ୀ ସବୁଦିନ ପରି କ୍ଲିନିକ୍ ବନ୍ଦକରି ମୋଟର ସାଇକେଲ ଯୋଗେ ନିଜ ଗ୍ରାମ ଗଣ୍ଡଳା ଫେରୁଥିବା ସମୟରେ ସାହାପୁର ଗ୍ରାମଠାରୁ ପ୍ରାୟ ୨କିମି ଦୂରରେ ଅବସ୍ଥିତ ଥିବା ପଥର କ୍ରସର ନିକଟରେ ଛକି ରହିଥିବା କିଛି ଅଚିହ୍ନା ଦୁର୍ବୃତ୍ତ ତାଙ୍କୁ ଅଟକାଇ ମୁଣ୍ଡକୁ ପଥରରେ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ତାଙ୍କଠାରୁ ମୋବାଇଲ, ଟଙ୍କା ଓ ବ୍ୟାଗରେ ଥିବା ଆବଶ୍ୟକ କାଗଜପତ୍ର ଲୁଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ସେହି ରାସ୍ତା ଦେଇ ଗ୍ରାମକୁ ଫେରୁଥିବା ସାହାପୁର ଗ୍ରାମର କିଛି ଯୁବକ ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ଡାକ୍ତରଙ୍କୁ ସେଠାରୁ ଉଦ୍ଧାର କରି ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ପରେ ଲୋକେ ସ୍ଥାନୀୟ ଥାନାକୁ ଖବର ଦେବା



ପରେ ପୁଲିସ ଘଟଣା ସ୍ଥଳକୁ ଯାଇ ଅନୁସନ୍ଧାନ କରି ଫେରିଥିବା ଜଣାପଡ଼ିଛି। ଆକ୍ରମଣର ଶିକାର ହୋଇଥିବା ଡାକ୍ତର ଜଣକ ଘଟଣା ନେଇ ସୋମବାର ବେଲଗାଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ବେଲଗାଁ ଥାନାରେ କେସ ନଂ.୯୧/୨୬ରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି। ପ୍ରକାଶ ଥାଉକି, ଗତ କିଛି ମାସ ଧରି ସମ୍ପୃକ୍ତ ଅଞ୍ଚଳରେ କିଛି ଅଜଣା ଅଚିହ୍ନା ତଥା ଅସାମାଜିକ ଯୁବକ ସମୟ ସୁଯୋଗ ଉଣ୍ଡି ଚୋରି,ଡକାୟତ ଓ ଲୁଟ୍ ଭଳି ଅପରାଧିକ କାର୍ଯ୍ୟ ଜାରି ରଖିଥିବା ସୂଚନା ମିଳିଛି। ସମ୍ପୃକ୍ତ ନିକାଞ୍ଚନ ସ୍ଥାନ ଓ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ଅଭାବ ସହିତ ପଥର କ୍ରସର ନିକଟରେ ବିଭିନ୍ନ ସମୟରେ ଆକ୍ରମଣ କରି ଅପରାଧିକ କାର୍ଯ୍ୟକଳାପ ଘଟାଇ ଅଜଣା ଅଚିହ୍ନା ଦୁର୍ବୃତ୍ତମାନେ ଫେରାର ହେବାରେ ସଫଳ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ସେହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକେ ବିପଦପୂର୍ଣ୍ଣ ଓ ଜୀବନ ମରଣ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଜଣାପଡିଛି।

# କାଠଚକ୍ର ବାଣ ଫାଟି ୨ ଗୁରୁତର

ପିପିଲି(ନିପ୍ର): ରବିବାର ଅପରାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ପୁରୁଣା ବୁଢ଼ାକେରା ଗ୍ରାମରେ ଶୀତଳ ଷଷ୍ଠୀ ଅବସରରେ ଦେବ ଦେବଦମ୍ପତି ବିବାହ ଉପଲକ୍ଷେ ଅନୁଷ୍ଠିତ କାଠଚକ୍ର ବାଣ ପ୍ରଦର୍ଶନ ବେଳେ ଅଘଟଣ ଘଟିଛି। କାଠଚକ୍ର ଫାଟି ଯିବାରୁ ୨ଜଣ ଗୁରୁତର ହୋଇଥିଲେ। ସେମାନେ ହେଲେ ସେହି ଗ୍ରାମର ଜାଲା ନାୟକ ଓ ପ୍ରକାଶ ପରିଡା ବୋଲି ଜଣା ପଡ଼ିଛି। ତୁରନ୍ତ ସେମାନଙ୍କୁ ଉଦ୍ଧାର କରାଯାଇ ସାକ୍ଷୀଗୋପାଳ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ପରେ ବାଣ ପ୍ରଦର୍ଶନକୁ ବନ୍ଦ କରିଦିଆ ଯାଇଥିଲା। ସୂଚନା ମୁତାବକ ପରମ୍ପରା ଅନୁଯାୟୀ ଗ୍ରାମରେ ଶୀତଳ ଷଷ୍ଠୀ ଅବସରରେ ଗ୍ରାମରେ ଦେବ ଦମ୍ପତି ବିବାହ ସରିବା ପରେ ମେଲଣ ପଡ଼ିଆରେ ଗ୍ରାମବାସୀଙ୍କ ପକ୍ଷରୁ କାଠଚକ୍ର ପ୍ରଦର୍ଶନ କରାଯାଇଥାଏ। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲେ। ପ୍ରଥମରୁ ୩ଟି କାଠଚକ୍ର ବାଣ ପ୍ରଦର୍ଶନ ହେବା ପରେ ୪ର୍ଥ ବାଣ ଲଗାଇବା ବେଳେ ହଠାତ୍ ଚକ୍ରଟି ଫାଟି ଯାଇଥିଲା। ସେଠାରେ ଉପସ୍ଥିତ ଥିବା ପ୍ରକାଶ ଓ ଜାଲା ବାରୁଦ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ।

## ଏସିଆନ୍ ରିଲେ ଚାମ୍ପିଆନସିପ: ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଲେ କେଭି ସିଂହଦେଓ

ଭୁବନେଶ୍ୱର, ୨୨/୬(ନିପ୍ର): ଏସିଆନ୍ ରିଲେ ଚାମ୍ପିଆନସିପରେ ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଓଡ଼ିଶା ଟ୍ରାକ୍ ଓ ସ୍ୱିମିଂ ପୁଲରେ ନିଜର କୃତିତ୍ୱର ଛାପ ଛାଡୁଛି । କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଶର୍ବାଣୀ ନନ୍ଦ, ଯିଏ ଚୀନରେ ଆୟୋଜିତ ଏସିଆନ୍ ରିଲେ ଚାମ୍ପିଆନସିପର ୪୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ଜିତି ପୁଣିଥରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ସେହିପରି, ଓଡ଼ିଶାର ମହିଳା ୪୧୦୦ ମିଟର ମେଡାଲ ରିଲେ ଦଳର ପ୍ରତ୍ୟାଶା ରାୟ, ସ୍ରିଷ୍ଟି ଉପାଧ୍ୟାୟ, ମନ୍ନତା ମିଶ୍ର, ସୋନିଆ ପଟେଲଙ୍କ ଉଲ୍ଲେଖନୀୟ ସଫଳତା ମଧ୍ୟ ସମାନ ଭାବେ ପ୍ରେରଣାଦାୟକ । ସେମାନେ ସିନିଅର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିଆନସିପ ୨୦୨୬ରେ ରୌପ୍ୟ ପଦକ ଜିତି ରାଜ୍ୟର ଗୌରବ ବଢ଼ାଇଛନ୍ତି । କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଆଥଲେଟିକ୍ସଠାରୁ ଆରମ୍ଭ କରି ସ୍ୱିମିଂ ପର୍ଯ୍ୟନ୍ତ, ଓଡ଼ିଶାର କନ୍ୟାମାନେ ସଫଳତାର ନୂଆ କାହାଣୀ ଲେଖୁଛନ୍ତି ଏବଂ ଆମ ରାଜ୍ୟ କ୍ରୀଡ଼ା ପ୍ରତିଭାର ଏକ ଶକ୍ତିଶାଳୀ କେନ୍ଦ୍ର ବୋଲି ପ୍ରମାଣ କରୁଛନ୍ତି ।

## ତିନିରଥର ଦୁଆର ବେଢ଼ା ନିର୍ମାଣ ଆରମ୍ଭ

ପୁରୀ, ୨୨/୬(ନିପ୍ର): ତିନିରଥର ଦୁଆର ବେଢ଼ା ପ୍ରସ୍ତୁତ ପାଇଁ ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସାଥି ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥର ୧୨ ଗୋଟି ଦୁଆର ବେଢ଼ା ମଧ୍ୟରୁ ତିନିରଥର ଦୁଇଟି ଲେଖାଏଁ ଦୁଆର ବେଢ଼ା ଶେଷ ହୋଇଛି । ଶେଷ ପର୍ଯ୍ୟାୟରେ ତିନିରଥର ବେଦୀ ଚାରି ପାର୍ଶ୍ୱର ପଟାବାଡ଼ିଆ କାର୍ଯ୍ୟ । ତିନିରଥର ଚାର କୋଣକୁ ଛାଡ଼ି ବେଦୀ ଚାରି ପାର୍ଶ୍ୱରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନିରଥକୁ ୧୩ ପରାସ୍ତ ପୋଟଳ ଉଠି, ତିନିରଥର ଚାରିଟି ଲେଖାଏଁ ଦୁଆର ବେଢ଼ା ରଥକୁ ଉଠିବା ପରେ ଖାଲି ଥିବା ତିନିରଥର ଚାରି କୋଣରେ ପଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ ।



ଏଥିସହ ତିନିରଥର ବଡ କଳସ ପେଣ୍ଡୀ ରେ ପାପ କାର୍ଯ୍ୟ ଶେଷ ହେବାସହ, ଶେଷ ହୋଇଛି ୩୨ ଗୋଟି ପାଖୁଡ଼ାର ନିର୍ମାଣ କାର୍ଯ୍ୟ । ରୂପକାର ସେବକ ମାନେ ତିନିରଥର ୨୪ ଟି ନାଟ ଗୋଡ଼ରୁ ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରିବା ପରେ ବାକି ୧୨ ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରୀ ରଖିବା ସହ ଶେଷ ହୋଇଥିବା କନ୍ଦର୍ପ ରୂପ ଖୋଦେଇ ରୂପରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ପୋଟଳ କଣ୍ଟା ଯୋଗାଇବା ପରେ ତିନିରଥର କଳସ କଣ୍ଟା,ଦୁଆର ବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ତିନିରଥର ଜଏଣ୍ଟ ସ୍ଥାନରେ ଏଲ କ୍ଲାମ୍ପ, ଇଉ କ୍ଲାମ୍ପ ବାଡ଼ିଆ କାର୍ଯ୍ୟ ଜାରୀ ରଖିଛନ୍ତି । ଚିତ୍ରକାର ମାନେ ତିନିରଥର ପୋଟଳ ପାରାଭାଡ଼ିରେ ରଙ୍ଗ କାର୍ଯ୍ୟ ଶେଷ କରିବା ସହ ତିନି ରଥର ପାର୍ଶ୍ୱ ଦେବ ଦେବୀମାନଙ୍କ ପ୍ରତିମାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ହଂସ ପଟା, ଶିଖର ଡମ୍ବରୁ, ଅଁଳା, ଓଲଟ ଶୁଆ ଏବଂ ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି ।ତିନିରଥର ସମ୍ମୁଖ ଭାଗ ଚକ ଗୁଡ଼ିକର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱ ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ୍ ମାନ ନଟ ବୋଲ୍ଟ ଦେଇ ମହାରଣା ସେବକମାନେ ଫିଟିଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥ ଯାତ୍ରାରେ ମହାପ୍ରଭୁଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀରଖିଛନ୍ତି ।

## ୩ ଦଫା ଦାବି ନେଇ ସ୍ୱାସ୍ଥ୍ୟମିତ୍ରଙ୍କ ଧାରଣା



**ଭୁବନେଶ୍ୱର, ୨୨/୬(ନିପ୍ର):** ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଲୋୟର ପିଏମଜିରେ ଧାରଣା । କାମ ବନ୍ଦ କରି ଧାରଣାରେ ବସିଛନ୍ତି ସ୍ୱାସ୍ଥ୍ୟ ମିତ୍ର । ପ୍ରଭାବିତ ହେଉଛି ରାଜ୍ୟର ସ୍ୱାସ୍ଥ୍ୟ ସେବା । ସ୍ୱାସ୍ଥ୍ୟମିତ୍ରଙ୍କ ପ୍ରତି ହୋଇଥିବା ଅନ୍ୟାୟ ଛଟେଇକୁ ପ୍ରତ୍ୟାହାର କରାଯାଉ । ଚାକିରି ସୁରକ୍ଷା ପ୍ରଦାନ କରାଯାଉ । ଆଉଟସୋର୍ସିଙ୍ଗ ପରି ପ୍ରଥାକୁ ଉଚ୍ଛେଦ କରି ସିଧାସଳଖ ଡିପାର୍ଟମେଣ୍ଟ ଅଧୀନକୁ ନିଆଯାଉ ବୋଲି ସଂଘ ଦାବି କରିଛି ।

## ଜୁନ୍ ୨୯ରୁ ବନ୍ଦ ହେବ ଶିମିଳିପାଳ

ବାରିପଦା,୨୨।୬: ମୟୂରଭଞ୍ଜର ଗର୍ବ ଓ ଗୌରବ ଶିମିଳିପାଳ ଜାତୀୟ ଉଦ୍ୟାନ ଜୁନ୍ ୨୯ ତାରିଖରୁ ପର୍ଯ୍ୟଟକ ଓ ଭ୍ରମଣକାରୀଙ୍କ ପାଇଁ ବନ୍ଦ ରହିବ । ଆଗକୁ ବର୍ଷାଋତୁ ଆସୁଥିବାରୁ ଏବଂ ଅଭୟାରଣ୍ୟ ମଧ୍ୟରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ବନ ବିଭାଗ ଏହି ନିଷ୍ପତ୍ତି ନେଇଛି । ସୋମବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନାନୀ ଏହି ସୂଚନା ଦେଇଛନ୍ତି । ବର୍ଷା ଦିନେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ଯାତ୍ରା କରିବା ବେଶ୍ ବିପଦପୂର୍ଣ୍ଣ ହୋଇଥାଏ । ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ଏହାର ମୁଖ୍ୟ କାରଣଗୁଡ଼ିକ ହେଲା ଜଙ୍ଗଲ ମଧ୍ୟରେ ଥିବା ଅଧିକାଂଶ ରାସ୍ତା କାଦୁଅ ଓ ନାଳିମାଟିର । ବର୍ଷା ହେଲେ ଏହି ନାଳିମାଟି ଅତ୍ୟନ୍ତ ପିଚ୍ଛିଳ ହୋଇଯାଏ,ଯାହାଦ୍ୱାରା ଚଲାପଥ ଓ ଘାଟି ରାସ୍ତାରେ ଗାଡ଼ି ଚକ ସ୍ଲିପ୍ ହେବାର ଏବଂ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ଥାଏ । ଶିମିଳିପାଳ ମଧ୍ୟରେ ଅନେକ ଛୋଟବଡ଼ ପାହାଡ଼ିଆ ନାଳ ରହିଛି । ପ୍ରବଳ ବର୍ଷା ଯୋଗୁଁ ଏହି ନାଳଗୁଡ଼ିକରେ ହଠାତ୍ ଜଳସ୍ତର ବୃଦ୍ଧି ପାଇ ରାସ୍ତା ବିଚ୍ଛିନ୍ନ ହୋଇଯାଏ, ଫଳରେ ପର୍ଯ୍ୟଟକମାନେ ଜଙ୍ଗଲ ଭିତରେ ଫସିଯିବାର ଭୟ ଥାଏ । ଅଭୟାରଣ୍ୟର ଭିତର ଭାଗ ବନ୍ଦ ରହିଲେ ମଧ୍ୟ ପ୍ରକୃତି ପ୍ରେମୀଙ୍କ ପାଇଁ ତାଳବନ୍ଧ ଏବଂ ଜାମୁଆଣି ଇକୋଟୁରିଜିମ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ଖୋଲା ରହିବ ।



## ସାପ କାମୁଡ଼ାରେ ଯୁବ ଚାଷୀଙ୍କ ମୃତ୍ୟୁ

ବଲାଙ୍ଗିର, ୨୨/୬(ନିପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗରେଇ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଜନ୍ମଜୟ ବାଗ ଓରଫ ଏକୁ(୨୫) । ସୂଚନା ଅନୁଯାୟୀ, ରାତିରେ ଜନ୍ମଜୟ ନିଜ ଚାଷ ଜମିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା । କିଛି ସମୟ ପରେ ମୁଣ୍ଡ ବୁଲାଇବା ସହ ଶରିରୀ ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକେ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗୀର ଭୀମ ଭୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।ମାତ୍ର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ହାତୀ ଆକ୍ରମଣରେ ଅସ୍ଥାୟୀ ୱାଚର ମୃତ୍ୟୁ

ଅନୁଗୋଳ, ୨୨/୬: ସାତକୋଶିଆ ଅଭୟାରଣ୍ୟର ପମ୍ପାସର ରେଞ୍ଜ ଅନ୍ତର୍ଗତ ଜଗନ୍ନାଥପୁରରେ ଦନ୍ତାହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଉଭୟ ଜଗନ୍ନାଥପୁର ଗ୍ରାମର ଜଣାପଡିଛି । ଉଭୟ ଜଙ୍ଗଲ ବିଭାଗରେ ଅସ୍ଥାୟୀ ୱାଚର କାମ କରୁଥିଲେ । ସୋମବାର ଅପରାହ୍ନରେ ବନ ବିଭାଗର ଏକ ଟିମ୍ ପାଖ ଜଙ୍ଗଲକୁ ପାଦରେ ଚାଲି ଚାଲି ଜନ୍ତୁ ଶିକାର ପାଇଁ କରାଯାଉ ଥିବା ବିଦ୍ୟୁତ ହୁକିଙ୍ଗ ଉପରେ ପେଟ୍ରୋଲିଙ୍ଗ କରି ଦେଖୁଥିଲେ । ଗାଁ ପାଖ ଜଙ୍ଗଲରେ ଚାଲୁଥିବା ସମୟରେ ଏକ ଦନ୍ତାହାତୀ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ଜଗନ୍ନାଥପୁର ଗ୍ରାମର ବିଶ୍ୱରଞ୍ଜନ ସାହୁଙ୍କ ମୃତ୍ୟୁ ହୋଇଛି ଓ ଦୟାନିଧି ଦେହୁରୀ ଗୁରୁତର ଆହତ ହୋଇଛନ୍ତି । ଉଭୟ ବନ ବିଭାଗ ଅଧୀନରେ ଅସ୍ଥାୟୀ ଭାବେ ୱାଚର ଥିଲେ ।

## ରାୟଗଡ଼ା ହିଂସାକୁ ନେଇ ଭୁବନେଶ୍ୱରରେ ତାତି

ରାୟଗଡ଼ା, ୨୨/୬(ନିପ୍ର): ରାୟଗଡ଼ା ଭିଡ଼ ହିଂସାକୁ ନେଇ ସାରାଦେଶରେ ନିନ୍ଦିତ ହୋଇଛି ଓଡ଼ିଶା । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଓଡ଼ିଶା ମୁଣ୍ଡରେ ଲାଗିଛି ଅପବାଦର ଟିକା । ଗିରଫଦାରି ସଂଖ୍ୟା ବଢୁଥିବାରୁ କଲ୍ୟାଣସିଂହପୁରର ଇନ୍ତାଳଗୁଡା ଗାଁ ପୁରୁଷ ଶୂନ୍ୟ ହୋଇଛି । ଏପଟେ ମାମଲାକୁ ରେଡଫ୍ଲାଗ୍ ଅନ୍ତର୍ଭୁକ୍ତ କରି ତନାଘନା ଆରମ୍ଭ କରିଛି ପୁଲିସ୍ । ମହିଳା କମିସନ ଘଟଣାକୁ ଅଧକ୍ଷା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ପୀଡିତା ଯୁବତୀଙ୍କ ବୟାନ ରେକର୍ଡ ହୋଇଛି । ଏପଟେ ତେଜିଛି ରାଜନୀତି । ରାୟଗଡ଼ା କଲ୍ୟାଣସିଂହପୁରରେ ଲଜ୍ଜାଜନକ ଘଟଣା ଘଟିବାର ପାଞ୍ଚ ଦିନ ପରେ ରାଜଧାନୀ ଭୁବନେଶ୍ୱରରେ ଅନୁଭୂତ ହୋଇଛି ତାତି । ପୁଲିସ୍ ଡିଜିଙ୍କ ନିର୍ଦ୍ଦେଶରେ ମାମଲା ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ ହେବା ପରେ କ୍ରାଇମ୍ ଏଗନେଷ୍ଟ ଓମେନ୍ ୱିଙ୍ଗ୍ ତତ୍ପର ହୋଇଛି । ଏଡିଜି ସାଇନି ଏସ୍‌ଙ୍କ ତତ୍ତ୍ୱାବଧାନରେ ଗଠନ ହୋଇଛି ସ୍ୱତନ୍ତ୍ର ଟିମ୍ । ଏହି ଟିମ୍ ରାୟଗଡ଼ା ଏସ୍‌ପିଙ୍କ ଠାରୁ ଭିଡ଼ ହିଂସାର ଫାଇଲ୍ ସଂଗ୍ରହ କରିଛି । ମାମଲାର ତଦନ୍ତକୁ ଆହୁରି ଜୋରଦାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀରେ ଥିବା ପୀଡ଼ିତା ଯୁବତୀଙ୍କ ବୟାନ ରେକର୍ଡ କରାଯାଇଛି । ଏହି ଅମାନୁଷିକ ଘଟଣାର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଇଛନ୍ତି ପ୍ରତିଶ୍ରୁତି ।

## ବଡ଼ଦାଣ୍ଡରୁ ହଟୁଛି ଜବରଦଖଲ



ପୁରୀ, ୨୨/୬(ନିପ୍ର): ପୁରୀ ବଡଦାଣ୍ଡରୁ ହଟୁଛି ଜବରଦଖଲ । ପୁରୀର ବଡଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଆଜି ପୁରୀ ମହାନଗର ନିଗମ ପକ୍ଷରୁ ବ୍ୟାପକ ଜବରଦଖଲ ଉଚ୍ଛେଦ କରାଯାଇଛି । ସ୍ଥାନୀୟ ବାସୀନ୍ଦା,ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁଗମ ଯାତାୟାତ ପାଇଁ ଏହି ଅଭିଯାନ କରାଯାଇଛି । ରାସ୍ତା ଉପରେ ଥିବା ବେଆଇନ୍ ଦୋକାନ,ଠେଲାଗାଡି ଓ ଅସ୍ଥାୟୀ ନିର୍ମାଣକୁ ଜେସିବି ଲଗାଇ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଉଛି । ଉଚ୍ଛେଦର ମୁଖ୍ୟ ଉଦେଶ୍ୟ ହେଉଛି ସାର୍ବଜନୀନ ସ୍ଥାନ ପୁନରୁଦ୍ଧାର, ପ୍ରବେଶ ସୁଗମ କରିବା, ପରିଷ୍କାର ପରିଚ୍ଛନ୍ନତା ଓ ଶୃଙ୍ଖଳା ବଜାୟ ରଖିବା । ବଡଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପୁରୀର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ପ୍ରଶାସନ ପକ୍ଷରୁ ଜବରଦଖଲ ମୁକ୍ତ କରାଯାଉଛି । ତେବେ ବଡଦାଣ୍ଡ ଏକ ଜାତୀୟ ରାଜପଥ ହୋଇଥିବା ବେଳେ ରାସ୍ତାରେ ବେଆଇନ୍ ଦଖଲ ନକରିବା, ପୁରୀର ଐତିହ୍ୟ ଓ ସୌନ୍ଦର୍ଯ୍ୟ ରକ୍ଷାରେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ତେବେ ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି କିଭଳି ନଘଟିବ ସେନେଇ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ଉଚ୍ଛେଦ ଦୋକାନୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି ।

## ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି: ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି

### ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୬: ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୫କୁ ବୃଦ୍ଧି ପାଇଛି । ରାଜ୍ୟ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି । ମୃତକମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ , ଶିବାନୀ ଓ ଫୁଲମଣି ଜୁଆଙ୍ଗ । ଗତକାଲି ତାମିଲନାଡୁର ତିରିଭଲୁର ଜିଲ୍ଲା ପେରିୟାପାଲିଆମରେ ସି ଫୁଡ୍ ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍ ଯୋଗୁଁ ଓଡ଼ିଆ ଶ୍ରମିକ ମୃତାହତ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ୩ ଜଣିଆ ଟିମ୍ ତାମିଲନାଡୁ ଗସ୍ତ କରିଛନ୍ତି । ଅନ୍ୟପକ୍ଷରେ ମୃତକଙ୍କ ନିକଟ ସଂପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି । ଏହି ଅର୍ଥ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯିବ । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ଓ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ସମନ୍ୱୟ ରଖାଯାଉଛି । ମୃତ ଶ୍ରମିକମାନଙ୍କ ପରିଚୟ ସୁନିଶ୍ଚିତ କରାଯାଇଛି ଏବଂ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ସମ୍ମାନର ସହିତ ସେମାନଙ୍କ ଗାଁକୁ ପଠାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି ।

## ୨୭୦ କୋଟି ବ୍ୟୟରେ କବଚ୍ ସ୍ଥାପନକୁ ଭାରତୀୟ ରେଳବାଇର ମଞ୍ଜୁରି



ନୂଆଦିଲ୍ଲୀ, ୨୨/୬(ପିଆଇବି): ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ପୂର୍ବତଟ ରେଳପଥର ୬୩୧ ରୁଟ୍ କିଲୋମିଟରରେ ୨୭୦ କୋଟି ବ୍ୟୟରେ 'କବଚ୍' ବ୍ୟବସ୍ଥାର ସ୍ଥାପନ ପାଇଁ ମଞ୍ଜୁରୀ ପ୍ରଦାନ କରିଛି । ଏହି ପ୍ରକଳ୍ପ ଅଧୀନରେ ପୂର୍ବତଟ ରେଳପଥର ଛଅଟି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନ ଯେପରିକି, ବାଘୁଆପାଳ–ବୁଢ଼ାପଙ୍କ, ହରିଦାସପୁର–ପାରାଦୀପ, ଖୋର୍ଦ୍ଧା ରୋଡ୍ -ବଲାଙ୍ଗୀର, ନୌପଡା -ଗୁଣୁପୁର, ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ଏବଂ ବୋବିଲି-ସାଲୁରୁ ଅନ୍ତର୍ଭୁକ୍ତ ହୋଇଛି । ସ୍ୱଦେଶୀ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀର ସମ୍ପ୍ରସାରଣ ଏହି ଅନୁମୋଦିତ କାର୍ଯ୍ୟ ଭାରତୀୟ ରେଳପଥର ସମଗ୍ର ରେଳ ନେଟୱାର୍କରେ ଏଲଟିଇ ଆଧାରିତ ଯୋଗାଯୋଗ ବ୍ୟବସ୍ଥା ସହିତ କବଚ ସ୍ଥାପନର ବୃହତ୍ କାର୍ଯ୍ୟକ୍ରମର ଏକ ଅଂଶ ଅଟେ ।'କବଚ୍' ହେଉଛି ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ, ଯାହାକି ସିଗନାଲ୍ ଅତିକ୍ରମଣ ଜନିତ ବିପଦ, ଅତ୍ୟଧିକ ବେଗ ଏବଂ ଟ୍ରେନ୍ ମୁହାଁମୁହିଁ ଧକ୍କାକୁ ରୋକି ସୁରକ୍ଷା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି ।

## 'ସୂର୍ଯ୍ୟଗ୍ରାମ' ହେବ ପାହାଡ଼ପୁର; ସର୍ଭେ ଆରମ୍ଭ କଲା ବିଦ୍ୟୁତ ବିଭାଗ




ଭୁବନେଶ୍ୱର, ୨୨/୬(ନିପ୍ର): ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁର ହେବ ଦେଶର ଅନନ୍ୟ ସୂର୍ଯ୍ୟଗ୍ରାମ । ଗତ ୨୦ ତାରିଖରେ ପାହାଡ଼ପୁର ଗସ୍ତ ଅବସରରେ ଏହି ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଘୋଷଣାର ୨୪ ଘଣ୍ଟାରେ କାମ ଆରମ୍ଭ କରିଛି ବିଦ୍ୟୁତ ବିଭାଗ । ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଓ ବିଦ୍ୟୁତ ବିଭାଗର ତତ୍ପରତା ପାହାଡ଼ପୁରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । ବିକାଶର ଆଉ ଏକ ପାଦ ଆଗକୁ ବଢ଼ାଇଛି ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁର । ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ୨୪ ଘଣ୍ଟା ନପୁରୁଣୁ ଆରମ୍ଭ ହୋଇଯାଇଛି ପାହାଡ଼ପୁରକୁ ସୂର୍ଯ୍ୟ ଗ୍ରାମରେ ରୁପାନ୍ତରିତ କରିବା କାମ । ଘରକୁ ଘର ବୁଲି ସର୍ଭେ କରୁଛନ୍ତି ଟାଟା ପାୱାର ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ । ଉପଭୋକ୍ତାଙ୍କୁ ବୁଝାଉଛନ୍ତି ଓ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରୁଛନ୍ତି । ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସବୁ ପାହାଡ଼ପୁରରୁ ଦିନିଆ ଛୁଟି ନେବ ଅଘୋଷିତ ବିଦ୍ୟୁତ କାଟ୍ ଓ ଲୋଭୋଲଟେଜ ସମସ୍ୟା । ଗାଁର ପ୍ରତ୍ୟେକ ଘର ସୌର ଶକ୍ତିରେ ଆଲୋକିତ ହେବ । ଲୋକଙ୍କୁ ମାଗଣା ବିଜୁଳି ମିଳିବ । ବଳକା ବିଦ୍ୟୁତ ଗ୍ରୀଡକୁ ବିକ୍ରି କରି ରୋଜଗାର ବଢ଼ାଇବପାରିବେ ଗ୍ରାମବାସୀ । ଏହା ଶୁଣିବା ପରେ ଗାଁରେ ଖୁସିର ଲହରି ଖେଳିଯାଇଛି । ପାହାଡ଼ପୁର ହେଲ ଦେଶର ଅନ୍ୟତମ 'ସୂର୍ଯ୍ୟ ଗ୍ରାମ,ବା ସୋଲାର ଭିଲେଜ୍' । ପିଏମ୍ ମୁଫ୍‌ତ ସୂର୍ଯ୍ୟ ଘର ଯୋଜନା ମାଧ୍ୟମରେ ଗାଁର ପ୍ରତ୍ୟେକ ଉପଭୋକ୍ତାଙ୍କୁ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ପାହାଡ଼ପୁର ଗାଁରେ ପହଞ୍ଚି ପ୍ରଶାସନିକ ସ୍ତରରେ ସର୍ଭେ କାର୍ଯ୍ୟ ଜୋରଦାର କରାଯାଇଛି । ସୂଚନା ଅନୁଯାୟୀ, ଗାଁରେ ଥିବା ମୋଟ ୧୪୨ଟି ଘର ମଧ୍ୟରୁ ମାତ୍ର ୫୭ ପରିବାର ପକ୍କା ଘରେ ରହୁଥିବା ବେଳେ ୮୫ ପରିବାର କଚ୍ଚାଘରେ ରହୁଛନ୍ତି । ଗାଁର ସମସ୍ତ ପରିବାରକୁ ଖୁବ୍ ଶୀଘ୍ର ସୂର୍ଯ୍ୟ ଗ୍ରାମ ଯୋଜନାରେ ସାମିଲ କରାଯିବ ବୋଲି ସୂଚନା ଦେଇଛନ୍ତି ବିଦ୍ୟୁତ୍ ବିଭାଗର ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ।

## ଜଙ୍ଗଲରୁ ମିଳିଲା ବିପୁଳ ନକ୍ସଲ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ

କୋରାପୁଟ,୨୨।୬: କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ସୀମାନ୍ତ ଜଙ୍ଗଲରୁ ବିପୁଳ ପରିମାଣର ନକ୍ସଲ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି । ସୋମବାର ଭୋର୍‌ରେ ଡିଭିଏଫ ଯବାନ ଚଢ଼ଉ କରି ଏହି ସବୁ ସାମଗ୍ରୀ ଉଦ୍ଧାର କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ।ନିକଟରେ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ଜେରା ବେଳେ ମିଳିଥିବା ଗୁପ୍ତ ତଥ୍ୟକୁ ଆଧାର କରି କୋରାପୁଟ ଜିଲ୍ଲା ଡିଭିଏଫ ପକ୍ଷରୁ ଛତିଶଗଡ଼ର ବସ୍ତର ଜିଲ୍ଲା ନାଙ୍ଗୁର ଥାନା ସୀମାକୁ ଲାଗି ରହିଥିବା ବଦଳିପାହାଡ଼ ଜଙ୍ଗଲରେ ଘନ ଘନ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା । ଡିଭିଏଫ୍ ଦଳ ମାଓବାଦୀଙ୍କ ଦ୍ୱାରା ମାଟିତଳେ ଲୁଚାଇ ରଖାଯାଇଥିବା ସାମଗ୍ରୀ ସହ ବିସ୍ଫୋରକ ଖୋଜି ବାହାର କରିଥିଲେ । ସେଥିମଧ୍ୟରୁ ଗୋଟିଏ ଇନସାସ୍ ରାଇଫଲ, ୬ଟି ଦେଶୀ ବନ୍ଧୁକ, ପ୍ରାୟ ୧୮ କେଜି ଓଜନର ଗୋଟିଏ କ୍ଲେମୋର୍ ମାଇନ୍, ୧୦ କେଜିର ଗୋଟିଏ ଟିଫିନ୍ ବମ ଏବଂ ୪ କେଜି ଓଜନର ୬ଟି ଟିଫିନ୍ ବମ୍ ଜବତ କରାଯାଇଛି । ଏହା ସହ ଗୋଟିଏ ନକ୍ସଲ କିଟ୍ ବ୍ୟାଗ୍, ବିପୁଳ ପରିମାଣର ନକ୍ସଲ ପୁସ୍ତକ, ବ୍ୟବହାର୍ଯ୍ୟ ଔଷଧ ଏବଂ ଖାଦ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି ।

**AFFIDAVIT**

By virtue of an affidavit sworn before The Executive Magistrate, Pipili affidavit no.1764 dtd. 20.06.2026, I Kalandi Charan Singh S/o-Aparti Singh At-Balipatana Po-Kothasahi Ps-Balanga Dist-Puri Odisha-752046 do hereby declare that, I have changed the name of my son's from Rasmi Ranjan Singh to Rashmi Ranjan Singh. Henceforth he will be known as Rashmi Ranjan Singh for all purposes.

**Sd/-Kalandi Charan Singh**

## ଉଚ୍ଚଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି ଜାତୀୟ ଶିକ୍ଷାନୀତି

**ଭୁବନେଶ୍ୱର/ପୁରୀ, ୨୨/୬(ନିପ୍ର):** ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଏକ ବୃହତ୍ ପରିବର୍ତ୍ତନ ଆଣିଛି । ଏହି ନୀତିର ମୂଳ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ କେବଳ ପୁସ୍ତକୀୟ ଜ୍ଞାନରେ ସୀମିତ ନ ରଖି ସେମାନଙ୍କୁ ବାସ୍ତବ କାର୍ଯ୍ୟକ୍ଷେତ୍ର ସହ ଯୋଡ଼ିବା, ଦକ୍ଷତା ବିକାଶ କରିବା ଏବଂ ଭବିଷ୍ୟତ ଚାକିରି ବଜାର ପାଇଁ ପ୍ରସ୍ତୁତ କରିବା । ଏହି ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ସ୍ନାତକ ଅଣ୍ଡରଗ୍ରାଜୁଏଟ ସ୍ତରରେ ଇଣ୍ଟର୍ନସିପ ବାଧ୍ୟତାମୂଳକ କରାଯାଇଛି । ବିଶେଷକରି ଚତୁର୍ଥ ସେମିଷ୍ଟାର ପରେ ଛାତ୍ରଛାତ୍ରୀଙ୍କୁ ୬୦ ରୁ ୧୨୦ ଘଣ୍ଟା ପର୍ଯ୍ୟନ୍ତ ବ୍ୟାବହାରିକ ପ୍ରଶିକ୍ଷଣ କିମ୍ବା ଗବେଷଣା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ହେଉଛି । ଏହି ପ୍ରଶିକ୍ଷଣ ପାଇଁ ୨ ରୁ ୪ ଏକାଡେମିକ କ୍ରେଡିଟ୍ ପ୍ରଦାନ କରାଯାଏ, ଯାହା ଛାତ୍ରଛାତ୍ରୀଙ୍କ ଚୂଡ଼ାନ୍ତ ଶିକ୍ଷାଗତ ମୂଲ୍ୟାଙ୍କନର ଏକ ଅଂଶ ହୋଇଥାଏ ।ଏହି ପରିପ୍ରେକ୍ଷୀରେ ଶାମସଫ୍ଟ କମ୍ପ୍ୟୁଟର ଏଜୁକେସନରେ ଆୟୋଜିତ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି । ସରକାରଙ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶ ଏବଂ ଏନଇପି-୨୦୨୦ର ମାର୍ଗଦର୍ଶିକା ଅନୁସାରେ ଚାଲିଥିବା ଏହି ପ୍ରଶିକ୍ଷଣରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଶିକ୍ଷଣ ଶେଷ କରି ସେମାନେ କମ୍ପ୍ୟୁଟର ଶିକ୍ଷା, ଡିଜିଟାଲ୍ ଟେକ୍ନୋଲୋଜି, ଡାଟା ପରିଚାଳନା ଏବଂ ବୃତ୍ତିଗତ କାର୍ଯ୍ୟ ସଂସ୍କୃତି ସମ୍ପର୍କରେ ମୂଲ୍ୟବାନ ଅନୁଭବ ହାସଲ କରିଛନ୍ତି । ଶିକ୍ଷାବିଦ୍ୱାନଙ୍କ ମତରେ, ଇଣ୍ଟର୍ନସିପ୍ ହେଉଛି ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ କ୍ୟାରିୟର ମଧ୍ୟରେ ଏକ ସେତୁ । କଲେଜ ଶ୍ରେଣୀଗୃହରେ ଅଧିକାଂଶ ସମୟରେ ତାତ୍ତ୍ୱିକ ଜ୍ଞାନ ଉପରେ ଜୋର ଦିଆଯାଏ । କିନ୍ତୁ ଇଣ୍ଟର୍ନସିପ୍ ସମୟରେ ଛାତ୍ରଛାତ୍ରୀମାନେ ସେହି ଜ୍ଞାନକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାର ସୁଯୋଗ ପାଇଥାନ୍ତି । ଏହା ଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ସମସ୍ୟା ସମାଧାନ କ୍ଷମତା, ଟିମ୍ୱାର୍କ ଏବଂ ପେଶାଦାର ବ୍ୟବହାର ମଧ୍ୟ ଉନ୍ନତ ହୋଇଥାଏ । ଶାମସଫ୍ଟ ଏଡ୍ୟୁକେସନ୍ରେ ପ୍ରଶିକ୍ଷଣ ସମୟରେ ଛାତ୍ରଛାତ୍ରୀମାନେ ପାଇଥନ୍, ଜାଭା, ୱେବ୍ ଡେଭେଲପମେଣ୍ଟ, ଟାଲି, ଆଡଭାନ୍ସଡ୍ ଏକ୍ସେଲ୍ ଭଳି ଆଧୁନିକ ଏବଂ ଚାହିଦାସମ୍ପନ୍ନ କମ୍ପ୍ୟୁଟର କୌଶଳ ଶିଖିବାର ସୁଯୋଗ ପାଇଥିଲେ । ଏହା ସହିତ ଲାଇଭ୍ ପ୍ରୋଜେକ୍ଟରେ କାମ କରିବା ମାଧ୍ୟମରେ ସେମାନେ ସଫ୍ଟୱେର ବିକାଶ, ତ୍ରୁଟି ଚିହ୍ନଟ ଓ ସମାଧାନ, ଡାଟା ବିଶ୍ଳେଷଣ ଏବଂ ପ୍ରାକ୍ଟିକ କାର୍ଯ୍ୟ ପରିବେଶର ଅନୁଭବ ଲାଭ କରିଥିଲେ । ଏହି ଦକ୍ଷତାଗୁଡ଼ିକ ଆଜିର ଚାକିରି ବଜାରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହେଉଛି ।ଏନଇପି-୨୦୨୦ ଅନୁଯାୟୀ ଇଣ୍ଟର୍ନସିପ୍ ସମ୍ପୂର୍ଣ୍ଣ କରିବା କେବଳ ଏକ ବିକଳ୍ପ ନୁହେଁ, ବରଂ ଡିଗ୍ରୀ ହାସଲ ପାଇଁ ଏକ ବାଧ୍ୟତାମୂଳକ ଶିକ୍ଷାଗତ ଆବଶ୍ୟକତା । ଏହି ପ୍ରଶିକ୍ଷଣ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ କ୍ରେଡିଟ୍ ପ୍ରଦାନ କରାଯାଏ । ଇଣ୍ଟର୍ନସିପ୍ ସାର୍ଟିଫିକେଟ୍ ଏବଂ ପ୍ରକଳ୍ପ ରିପୋର୍ଟ ଦାଖଲ କରିବା ପରେ ହିଁ ଏହି କ୍ରେଡିଟ୍ଗୁଡ଼ିକ ଛାତ୍ରଛାତ୍ରୀଙ୍କ ଆକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ଆକାଉଣ୍ଟରେ ଅପଲୋଡ୍ କରାଯାଏ । ଫଳରେ ଇଣ୍ଟର୍ନସିପର ସଫଳ ସମାପ୍ତି ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ରେକର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥାଏ । ଏସିଏସ୍ କଲେଜର ପ୍ଲସ୍-୩ ଫାଇନାଲ୍ ୟିୟର ଛାତ୍ର ନବୀନ ପ୍ରସାଦ ସତପଥୀ କହିଛନ୍ତି ଯେ, ଏବର୍ଷ ପ୍ରଥମ ଥର ପାଇଁ ସେମାନେ ଏନଇପି-୨୦୨୦ ଅନୁଯାୟୀ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ୩୩ ଦିନ ଧରି ପ୍ରତିଦିନ ୪ ଘଣ୍ଟା କରି ଚାଲିଥିବା ଏହି ପ୍ରଶିକ୍ଷଣ ସେମାନଙ୍କୁ ପାଠ୍ୟପୁସ୍ତକ ବାହାରର ବାସ୍ତବ ଜ୍ଞାନ ଓ କାର୍ଯ୍ୟ ଅନୁଭବ ପ୍ରଦାନ କରିଛି । ତାଙ୍କ ମତରେ, ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ଅଧିକ ଆତ୍ମବିଶ୍ୱାସୀ ଏବଂ ସକ୍ଷମ କରିଥାଏ । ବର୍ତ୍ତମାନ ସେମାନଙ୍କର ପରବର୍ତ୍ତୀ କାର୍ଯ୍ୟ ହେଉଛି ଇଣ୍ଟର୍ନସିପ୍ ରିପୋର୍ଟ ପ୍ରସ୍ତୁତ କରି କଲେଜରେ ଦାଖଲ କରିବା ।



## ଓଡ଼ିଶାର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

**ଭୁବନେଶ୍ୱର, ୨୨/୬(ନିପ୍ର):** ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସଏଚଭିଆର) ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ୧୦ ଟି ବିଦ୍ୟାଳୟକୁ ଚୟନ କରାଯାଇଛି । ଓଡ଼ିଶାର ପ୍ରାୟ ୨୦ ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନୋମିନେଟ୍ କରାଯାଇଥିଲା, ଯେଉଁଥିରୁ ୧୦ ଟି ବିଦ୍ୟାଳୟକୁ ଏସଏଚଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି । ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ବା ଏସଏଚଭିଆର ମୁଖ୍ୟତଃ ପରିମଳ ଏବଂ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରେ ।




ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ । ଏହି ଜାତୀୟସ୍ତରୀୟ ମାନ୍ୟତା ଓଡ଼ିଶାର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି ଏବଂ ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି । ଏହି ସ୍ୱୀକୃତି ପାଇବା ପରେ ବିଦ୍ୟାଳୟସ୍ତରରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ । ସୂଚନାଯୋଗ୍ୟ, ଜାତୀୟସ୍ତରରେ ୨୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୧୯୧ ସ୍କୁଲକୁ ଏସଏଚଭିଆର ୨୦୨୫-୨୬ ଅଧୀନରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର, ସ୍ୱୀକୃତି ପ୍ରମାଣପତ୍ର ଏବଂ ତିନି ଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ